

ଆଜି ବଡ଼ ନିଷ୍ପତ୍ତି ନେବେ ଏମ୍‌ଏସ୍ ଧୋନୀ!


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com


e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00


● ବର୍ଷ–୩୩ ● ସଂଖ୍ୟା–୭୬ ● ୧୬ ଅପ୍ରେଲ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-76 ● 16th April 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



Government of Bharat

ନାରୀ ଶକ୍ତି ବନ୍ଦନ

ପ୍ରତି ସମର୍ପିତ

#NariShaktiVandan

CBC 22201/13/0012/2627

ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



୪ କୋଟିରୁ ଅଧିକ ପକ୍କା ଆବାସ, ଅଧିକାଂଶ ମହିଳାଙ୍କ ନାମରେ

୩୫ କୋଟିରୁ ଅଧିକ ମହିଳାଙ୍କୁ ମିଳିଛି ମୁଦ୍ରା ଋଣ


## ନାରୀ ଶକ୍ତି ବନ୍ଦନ : ଏକ ଯୁଗାନ୍ତକାରୀ ପଦକ୍ଷେପ

# ଇଚ୍ଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ

ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ ସବୁଠାରୁ ବୈପ୍ଳବିକ ନିଷ୍ପତ୍ତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନତୋର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ଼ ପଦକ୍ଷେପ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି।



ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡ଼ାଣ। ଏହି ଅଧିନିୟମ ଦ୍ୱାରା ଲୋକସଭା ଓ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଇତିହାସ ଜାଣିଛି, ଯେତେବେଳେ ଜଣେ ନେତୃତ୍ୱ ନିଅନ୍ତି, ସେତେବେଳେ ସେ ନିଜେ ସଶକ୍ତ ହେବା ସହିତ ସମଗ୍ର ସମାଜ ଓ ରାଷ୍ଟ୍ର ଉପକୃତ ହୋଇଥାଏ। ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି ବରଂ ସକ୍ରିୟ ଭାଗିଦାର ହୋଇଛନ୍ତି। ଆମ ଓଡ଼ିଶାରେ ତୃଣମୂଳ ସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି (ପୃଷ୍ଠା ୭ରେ)

# ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ମାଧ୍ୟମରେ ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ସୁଗମ କରିବା ପାଇଁ ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ମାଧ୍ୟମରେ ଆରମ୍ଭ ହେବ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା। ଉଭୟ ଧାଡ଼ି ଦର୍ଶନ ଓ ସ୍ଲଟ୍ ବୁକିଂ ଦର୍ଶନ ପାଇଁ ହେଉଛି ଯୋଜନା। ସ୍ୱତନ୍ତ୍ର ହୋଲ୍‌ଡିଂ ଏରିଆରେ ସ୍ଲଟ୍ ବୁକିଂ ମାଧ୍ୟମରେ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ୍ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ। ଏନେଇ ବୁଧବାର ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଦର୍ଶନ କଥା ଚିନ୍ତା କରାଯାଉଛି। ସାଧୁ ସନ୍ଥଙ୍କ ଦର୍ଶନ କଥା ମଧ୍ୟ ଚିନ୍ତା କରାଯାଉଛି। ପୂର୍ବ ଭଳି ଧାଡି ଦର୍ଶନ (ବ୍ୟାରିକେଟ ଦର୍ଶନ) ସହ ସ୍ଲଟ୍ ବୁକିଂ ମାଧ୍ୟମରେ ଦର୍ଶନ ବ୍ୟବସ୍ଥା କରାଯାଉଛି। ମହାପ୍ରଭୁଙ୍କ ଦର୍ଶନ ଚାଲିଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯେଉଁମାନେ ଚାହିଁବେ



ସେମାନେ କିପରି ଦର୍ଶନ କରିପାରିବେ ସେଥିପାଇଁ ସ୍ଲଟ୍ ବୁକିଂ ଯୋଜନା ହେଉଛି। ଯେଉଁମାନେ ସ୍ଲଟ୍ ବୁକିଂ କରିଥିବେ ତେବେ ସ୍ୱତନ୍ତ୍ର ହୋଲ୍‌ଡିଂ ଏରିଆରେ ଅପେକ୍ଷା କରିବେ। ନିର୍ଦ୍ଦିଷ୍ଟ ସମୟରେ ସେମାନେ ଯାଇ ଦର୍ଶନ କରିବେ। ମୋବାଇଲ ବ୍ୟବହାର ଜାଣିଥିବା ପ୍ରତ୍ୟେକ ଲୋକ ସ୍ଲଟ୍ ବୁକିଂ ଜରିଆରେ ଦର୍ଶନ କରି ପାରିବେ। ମନ୍ଦିର ଭିତରେ ଧାଡ଼ି ଦର୍ଶନକୁ ସୁଗମ କରିବା ପାଇଁ ପ୍ଲାଟଫର୍ମ ପକାଇବା ବ୍ୟବସ୍ଥା କରାଯାଉଛି। ନାଟ ମଣ୍ଡପ ଅଞ୍ଚଳରେ ଏୟାର କଣ୍ଡିସନ ବ୍ୟବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ସର୍ବାଧିକ ସାଢ଼େ ୪ ହଜାରରୁ ୫ ହଜାର ଭକ୍ତ ଏକାସମୟରେ ଦର୍ଶନ (ପୃଷ୍ଠା ୭ରେ)

## ଏପ୍ରିଲ ୧୮ରୁ ଖରାଛୁଟି

ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍କୁଲ ଗୁଡ଼ିକୁ ଆଗୁଆ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏପ୍ରିଲ ୧୮ରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଏହି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ।

## ଆଜିର ମୁଖ୍ୟ ଖବର

- ଆନ୍ଧ୍ର ପ୍ରଦେଶର ପୁଟ୍ଟାପର୍ଥି ଜିଲ୍ଲାରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ।
- ଅମରନାଥ ଯାତ୍ରା ପାଇଁ ପଂଜୀକରଣ ଆରମ୍ଭ, ଶ୍ରଦ୍ଧାଳୁଙ୍କ ଭୀଡ଼ ଲାଗିଛି।
- ସାଂସଦ ରାଘବ ଚଡ୍‌ଢାଙ୍କୁ କେନ୍ଦ୍ରରୁ ମିଳିଲା ଜେଡ୍ ସୁରକ୍ଷା।
- ପ୍ରତ୍ୟେକ ରାଜ୍ୟରେ ଲୋକସଭା ଆସନ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ହେବ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

# ତୁରନ୍ତ ବିଧାନ ସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ରଖିଲେ ଦାବି

ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ଏକ ଚିଠି ଲେଖି ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଏ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬ – ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକସଭାରେ ଆସନ ସଂଖ୍ୟାରେ





ବ୍ୟାପକ ପରିବର୍ତ୍ତନ ଘଟିବ। ଲୋକ ସଭାର ସଦସ୍ୟ ସଂଖ୍ୟା ୫୪୩ ରୁ ୮୫୦କୁ ବୃଦ୍ଧି ପାଇବ। ବର୍ତ୍ତମାନ ଓଡ଼ିଶାର ଲୋକ ସଭା ଆସନ ସଂଖ୍ୟା ୨୧ ଅଛି ଯାହାକି ମୋଟ ଆସନ ସଂଖ୍ୟାର ୩.୯ ପ୍ରତିଶତ। କିନ୍ତୁ ଯଦି ଉପରୋକ୍ତ ସମ୍ବିଧାନ (ପୃଷ୍ଠା ୭ରେ)

## ଛତିଶଗଡ଼ ପାୱାର ପ୍ଲାଣ୍ଟ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି

ଶକ୍ତି, ୧୫।୪

ଛତିଶଗଡ଼ର ଶକ୍ତି ଜିଲ୍ଲାରେ ବେଦାନ୍ତ ପାୱାର ପ୍ଲାଣ୍ଟ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଜିଲ୍ଲା ପୋଲିସ ଅଧୀକ୍ଷକ ପ୍ରଫୁଲ ଠାକୁର ଏହି ସୂଚନା ପ୍ରଦାନ କରିଛନ୍ତି। ପୋଲିସ ଅଧୀକ୍ଷକ କହିଛନ୍ତି ଯେ ମଙ୍ଗଳବାରର ଭୟଙ୍କର ଦୁର୍ଘଟଣାରେ ମୋଟ ୩୬ ଜଣ ଶ୍ରମିକ ପୋଡ଼ିଯାଇଛନ୍ତି। ଏଥିମଧ୍ୟରୁ ୧୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୯ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଜିଲ୍ଲାପାଳ ଅମୃତ ବିକାଶ ଟପ୍ପୋ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇବା ପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି। ସେ କହିଛନ୍ତି ଯେ ମୃତକ ମାନଙ୍କୁ ଚିହ୍ନଟ କରାଯାଉଛି (ପୃଷ୍ଠା ୭ରେ)

# ପ୍ରଯୁକ୍ତିବିଦ୍ୟା କେବେ ବି କରୁଣା ଏବଂ ସଚ୍ଚୋଟତାର ସ୍ଥାନ ନେଇପାରିବ ନାହିଁ

ନାଗପୁର, ୧୫।୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ମହାରାଷ୍ଟ୍ରର ନାଗପୁରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ କହିଥିଲେ ଯେ ଚିକିତ୍ସା କ୍ଷେତ୍ର କେବଳ ଏକ ବୃତ୍ତି ନୁହେଁ ଏହା ସମ୍ବେଦନଶୀଳତାର ସହିତ ମାନବତାର ସେବା କରିବାର ଏକ ମାଧ୍ୟମ। ଡାକ୍ତରମାନେ କେବଳ ରୋଗର ଚିକିତ୍ସା କରନ୍ତି ନାହିଁ ବରଂ ରୋଗୀଙ୍କ ମଧ୍ୟରେ ଆଶା ସୃଷ୍ଟି କରନ୍ତି। ଫଳସ୍ୱରୂପ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଯେତେ ଆଗକୁ ବଢ଼ିଲେ ମଧ୍ୟ ଏହା କେବେବି କରୁଣା, ସଚ୍ଚୋଟତା ଏବଂ



ସମ୍ବେଦନ ଶୀଳତାର ସ୍ଥାନ ନେଇପାରିବ ନାହିଁ।

ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଡାକ୍ତର ମାନଙ୍କ ଦ୍ୱାରା ପ୍ରଦାନ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୩୫ (+୧୪୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୪୦ (+୧୩୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୫୧ (+୧୦୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୦ (+୧୫)

# ୪୮ ଘଣ୍ଟା ପରେ ଖୋଲିଲା ହର୍ମୁଜ୍ ପ୍ରଣାଳୀ

ୱାଶିଂଟନ୍, ୧୫।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀରେ ଅବରୋଧ ହଟାଇବା ନେଇ ଘୋଷଣା କରିଛନ୍ତି। ଏକ ବିବୃତ୍ତିରେ ଟ୍ରମ୍ପ କହିଛନ୍ତି, "ଆମେ ଏବେ ଏହାକୁ ସମ୍ପୂର୍ଣ୍ଣ ଖୋଲିବାକୁ ଯାଉଛୁ।" ସେ ଆହୁରି ମଧ୍ୟ କହିଛନ୍ତି, "ଆମେ ଏହି ବିଷୟରେ ଚାଇନା ସହିତ ଆଲୋଚନା କରିଛୁ। ଚାଇନା ଇରାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବ ନାହିଁ, ଯାହା ପରେ ଆମେ ସ୍ଥାୟୀ ଭାବରେ ଏହି ପ୍ରଣାଳୀ ଖୋଲିବାକୁ ନିଷ୍ପତ୍ତି ନେଇଛୁ।" ଟ୍ରମ୍ପଙ୍କ ଏହି



ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ରିପୋର୍ଟ ପ୍ରକାଶ ପାଇଥିଲା ଯେ ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଅବରୋଧ ସମ୍ପୂର୍ଣ୍ଣ ବିଫଳ (ପୃଷ୍ଠା ୭ରେ)

## ୨ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ଆରଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ

ମୋହନା/ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସ୍ଥିତ ରୁବିଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ସ୍କୁଲ ଗେଟ୍ ଭୁଶୁଡ଼ି ପଡ଼ିବା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ତାହାର ସବିଶେଷ ତଦନ୍ତ କରିବା (ପୃଷ୍ଠା ୭ରେ)

# ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ ଚୌଧୁରୀ



ପାଟନା, ୧୫।୪

ବିହାରରେ ଆରମ୍ଭ ହେଲା ସମ୍ରାଟ ଯୁଗ। ବୁଧବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସମ୍ରାଟ ଚୌଧୁରୀ। ୭୫ ବର୍ଷ ପରେ ସେ ବିହାରର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ସୟଦ ଅତା ହସ୍‌ନୈନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ସେହିଭଳି ଜେଡିୟୁ କୋଟାରୁ ବିଜୟ କୁମାର ଚୌଧୁରୀ ଓ ବିଜେନ୍ଦ୍ର ପ୍ରସାଦ ଯାଦବ ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ବିହାରର ରାଜନୈତିକ ଇତିହାସରେ ଏହା ପ୍ରଥମ ଥର ଯେ ଭାରତୀୟ ଜନତା ପାର୍ଟିର ଜଣେ ନେତା ମୁଖ୍ୟମନ୍ତ୍ରୀ ପଦର ଦାୟିତ୍ୱ ଗ୍ରହଣ କରିଛନ୍ତି।

## ପଞ୍ଜାବର ଫତେହଗଡ଼ ସାହିବରେ ସଡ଼କ ଦୁର୍ଘଟଣା : ୭ ମୃତ

ଚଣ୍ଡୀଗଡ଼, ୧୫।୪

ପଞ୍ଜାବର ଫତେହଗଡ଼ ସାହିବରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଭକ୍ତ ପ୍ରାଣ ହରାଇଥିବାବେଳେ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇ ଭାଇ ଏବଂ ସେହି ଗାଁର ପାଞ୍ଚ ଜଣ ବ୍ୟକ୍ତି ଅଛନ୍ତି। ସମସ୍ତ ପୀଡ଼ିତ ଆନନ୍ଦପୁର ସାହିବରେ ବୈଶାଖୀ ଉତ୍ସବରେ ଅଂଶଗ୍ରହଣ କରି ଫେରୁଥିଲେ। ଆହତମାନଙ୍କୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ନୂଆ ଲୋକସଭା ଆସନ ବଢ଼ିବ !
ପୁଣି କେତେ ନୂଆ ଦଳ
ରାଇଜ ରାଜନୀତିରେ ପୂରା
ତୁମ୍ଭି ତୋଫାନର ବେଳ
ଏ.ସି. ଭିତରେ ନେତାଙ୍କ ଝାଳ
ରଣନୀତି ଗୁଡ଼ା ତିଆରି କରନ୍ତି
ଆଗକୁ ଖେଳିବେ ଖେଳ।

# ଆଗାମୀ ୩-୪ ବର୍ଷ ପାଇଁ ଲାଗି ରହିପାରେ ଗ୍ୟାସ୍ ଅଭାବ !




ନୂଆଦିଲ୍ଲୀ, ୧୫।୪

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁଁ ଭାରତ ସହ ଅନେକ ଦେଶରେ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ଦେଶକୁ ଆଗାମୀ ତିନିରୁ ଚାରି ବର୍ଷ ପାଇଁ ଏହି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି କୁହାଯାଇଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ, ବିଶ୍ୱ ଏଲପିଜି ଯୋଗାଣ ଶୃଙ୍ଖଳାରେ ବାଧାର ସମାଧାନ ପାଇଁ ତିନିରୁ ଚାରି ବର୍ଷ ସମୟ ଲାଗିପାରେ।

ଭାରତ ତା'ର ଏଲପିଜି ଯୋଗାଣ ପାଇଁ ପଶ୍ଚିମ ଏସିଆ ଉପରେ ବହୁତ ନିର୍ଭର କରେ। ଆମେରିକା ଏବଂ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ସ୍ୱରୂପ, ଇରାନ ଏହି ଅଞ୍ଚଳର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଆରମ୍ଭ କରିଥିଲା ଏବଂ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିଥିଲା, ଯାହା ଭାରତର ଏଲପିଜି ଯୋଗାଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଅଧିକାରୀ ଜଣକ କହିଛନ୍ତି ଯେ, ଯୋଗାଣକାରୀଙ୍କଠାରୁ ପ୍ରାପ୍ତ ସୂଚନା ଆଧାରରେ, ଯୋଗାଣ ପୁନର୍ବାର ଆରମ୍ଭ କରିବାକୁ ଅତି କମ୍‌ରେ ତିନି ବର୍ଷ ଏବଂ ହୁଏତ ଆହୁରି ଅଧିକ ସମୟ ଲାଗିପାରେ।

ଏଲପିଜି ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ଯଥେଷ୍ଟ ଅଧିକ ରହିଛି। ଆମର ମୋଟ ବ୍ୟବହାରର ପ୍ରାୟ ୬୦ ପ୍ରତିଶତ ଆମଦାନୀ ମାଧ୍ୟମରେ ପୂରଣ କରାଯାଏ। ଯୁଦ୍ଧ ଆରମ୍ଭ (ପୃଷ୍ଠା ୭ରେ)

# ୨୧ ଯାଏଁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୧୫।୪

ନ୍ୟୁଜ୍‌ବ୍ୟୁରୋ

ପ୍ରବଳ ଖରାରେ ସିଝୁଛି ଓଡ଼ିଶା। ଆଗାମୀ ୨ ଦିନ ମଧ୍ୟରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଫଳତେ ତାତି, ଗରମ ଓ ଗୁଳୁଗୁଳି ଆହୁରି ବଢ଼ିପାରେ। ସେପଟେ କାଳବୈଶାଖୀ ପ୍ରଭାବରେ କିଛି ଜିଲ୍ଲାରେ ବର୍ଷା ସହ ବଜ୍ରପାତ ଓ ଝଡ଼ ପବନ ବହିବାର ସମ୍ଭାବନା ରହିଛି। ଦିନରେ ତାତି ସହ ଅପରାହ୍ନ ବେଳକୁ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ବର୍ଷା ସହ



ପ୍ରବଳ ବଜ୍ରପାତ ଓ ଝଡ଼ ପବନ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରିହିଛି। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ଓ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଡ଼ ପବନ ବହିବ ବୋଲି ପାଣିପାଗ ବିଭାଗ ପୂର୍ବନୁମାନ କରିଛି। ଏସବୁ ଜିଲ୍ଲା ସହ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। ୧୭ ତାରିଖରେ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୬ ଗୁରୁବାର





## ଓଡ଼ିଶାର ଖାଦ୍ୟ ପରମ୍ପରାକୁ ଲୋକାଦୃତ କରିବା ପାଇଁ ପ୍ରୟାସ



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ପାରମ୍ପରିକ ଖାଦ୍ୟର ଆଦର ସ୍ୱତନ୍ତ୍ର । ବାର ମାସରେ ତେର ପରବକୁ ମିଠା, ପିଠାପଣା ତଥା ଖାଦ୍ୟପେୟ ସାରା ବିଶ୍ୱରେ ଓଡ଼ିଶାକୁ ପରିଚିତ କରିଛି । ଆମର ଏହି ସମୃଦ୍ଧ ଖାଦ୍ୟ ପରମ୍ପରାକୁ ଲୋକାଦୃତ କରିବା ଏବଂ ଗୌରବ ବଢ଼ାଇବା ପାଇଁ ଓଡ଼ିଆ ପକ୍ଷ ପାଳନ ଅବସରରେ ସମସ୍ତ ଜିଲ୍ଲା ସ୍ତରରେ ପାଳନ କରାଯାଉଛି ପାରମ୍ପରିକ ଖାଦ୍ୟ ଦିବସ । ଏହିକ୍ରମରେ ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର ପାରମ୍ପରିକ ଖାଦ୍ୟର ଆଦରକୁ ବଢ଼ାଇବା ଦିଗରେ ସମସ୍ତେ ନିଜ ନିଜ ଘରେ ପ୍ରଥମେ ପାରମ୍ପରିକ ଖାଦ୍ୟକୁ ଆପଣେଇବା ଏବଂ ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାର ୧୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସ୍ଥାନୀୟ ତଥା ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ସହ ପ୍ରଦର୍ଶନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ବିଡିଓ ବର୍ଷୀୟସ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ନିଜ ସଂସ୍କୃତିକୁ ଗୁରୁତ୍ୱ ଦେବା ସହ ପାରମ୍ପରିକ ଖାଦ୍ୟର ପ୍ରଚାର ପ୍ରସାର କରିବା ପାଇଁ ଉପସ୍ଥିତ ମା'ମାନଙ୍କୁ ଅନୁରୋଧ କରିଥିଲେ ।

## ଏମ୍‌କେସିଜିରେ ରୋଗୀଙ୍କୁ ମିଳୁନି ଏମ୍‌ଆର୍‌ଆଇ ରିପୋର୍ଟ !

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍‌ରେ ରୋଗୀଙ୍କୁ ସପ୍ତାହେ ଯାଏଁ ଏମ୍‌ଆର୍‌ଆଇ ପରୀକ୍ଷା ରିପୋର୍ଟ ମିଳିପାରୁନି । ଏମ୍‌କେସିଜି ରଞ୍ଜନରଶ୍ମୀ ବିଭାଗର ଡାକ୍ତରମାନେ ଘରୋଇ ଡାଏଗ୍ନୋଷ୍ଟିକ୍ କେନ୍ଦ୍ରରେ ବ୍ୟସ୍ତ ରହୁଥିବାରୁ ରୋଗୀଙ୍କୁ ଠିକ୍ ସମୟରେ ରିପୋର୍ଟ ମିଳିପାରୁନଥିବା ଅଭିଯୋଗ ହେଉଛି । ଏଭଳି ଅବ୍ୟବସ୍ଥା ଯୋଗୁଁ ଗୁରୁତର ରୋଗୀ ନିଜ ବିଭାଗର ଡ଼ାକ୍ତରଙ୍କୁ ରିପୋର୍ଟ ଦେଖାଇ ପାରୁନାହାନ୍ତି ଏବଂ ନିଜ ରୋଗ ବିଷୟରେ ମଧ୍ୟ ଜାଣିପାରୁନାହାନ୍ତି । ସୂଚନାଥାଉକି ଏମ୍‌କେସିଜି ମେଡ଼ିକାଲରେ ଦୈନିକ ୪୦ ରୁ ୫୦ ଜଣ ରୋଗୀଙ୍କୁ ଏମ୍‌ଆର୍‌ଆଇ ପରୀକ୍ଷା କରିବାକୁ ଡ଼ାକ୍ତରମାନେ ପରାମର୍ଶ ଦେଇଥାନ୍ତି । ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା ପାଇଁ ସୁପର୍‌ସ୍ପେସାଲିଟି କୋଠାରେ ଏକ ମେସିନ୍ ରହିଛି । ସେହିପରି ଘରୋଇ ଡାଏଗ୍ନୋଷ୍ଟିକ୍ କେନ୍ଦ୍ର ନିଦାନରେ ଦୈନିକ କିଛି ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା ପାଇଁ ଏମ୍‌କେସିଜି କର୍ତ୍ତୃପକ୍ଷ ଚୁକ୍ତିନାମା କରିଛନ୍ତି । ତେବେ ସୁପରସ୍ପେସାଲିଟି କୋଠାରେ ଥିବା ମେସିନ୍‌ରେ ଇନ୍‌ଡ଼ୋର୍ ଏବଂ ଆଉଟ୍‌ଡ଼ୋର୍‌ର ପ୍ରାୟ ୨୦ ଜଣ ରୋଗୀ ଏମ୍‌ଆର୍‌ଆଇ ଏବଂ ସିଟିସ୍କାନ୍ କରାଯାଉଛି । ଏମ୍‌କେସିଜି ରଞ୍ଜନରଶ୍ମୀ ବିଭାଗର ଡ଼ାକ୍ତରମାନେ ଏହି ପରୀକ୍ଷାଗୁଡ଼ିକର ରିପୋର୍ଟ ପ୍ରସ୍ତୁତ କରୁଛନ୍ତି । ହେଲେ ବିଭାଗର କିଛି ଡ଼ାକ୍ତରଙ୍କ ଅବହେଳା ଯୋଗୁଁ ପରୀକ୍ଷା ହେବାର ୫ ରୁ ୭ ଦିନ ପରେ ମଧ୍ୟ ରୋଗୀଙ୍କ ରିପୋର୍ଟ ପ୍ରସ୍ତୁତ ହୋଇପାରୁନାହିଁ । ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବାରମ୍ବାର ସୁପରସ୍ପେସାଲିଟି କୋଠାକୁ ଦୌଡ଼ିବାକୁ ପଡୁଛି । ଇନ୍‌ଡ଼ୋରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବିଳମ୍ବରେ ରିପୋର୍ଟ ମିଳୁଥିବାରୁ ସେମାନଙ୍କ ଅସ୍ତ୍ରୋପଚାର ଓ ଉନ୍ନତର ଚିକିତ୍ସାରେ ବିଳମ୍ବ ଘଟୁଛି । ସେହିପରି ଦୂରଦୂରାନ୍ତରୁ ଆସି ପରୀକ୍ଷା କରିଥିବା ରୋଗୀଙ୍କୁ କେବଳ ରିପୋର୍ଟ ନେବାକୁ ୨ ରୁ ୩ ଥର ଏମ୍‌କେସିଜିକୁ ଆସିବାକୁ ପଡୁଛି । ଏହି ବିଭାଗର ଡ଼ାକ୍ତରମାନେ ଅଧିକାଂଶ ସମୟ ଘରୋଇ ଡ଼ାଏଗ୍ନୋଷ୍ଟିକ୍ କେନ୍ଦ୍ରରେ ବ୍ୟସ୍ତ ରହିବା ସହ ସେଠାକାର ରିପୋର୍ଟ ପ୍ରସ୍ତୁତିକୁ ଗୁରୁତ୍ୱ ଦେଉଛନ୍ତି । ଯେଉଁଥିପାଇଁ ଏମ୍‌କେସିଜିର ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଗତ କିଛି ମାସ ହେବ ଏଭଳି ଅଭିଯୋଗ ବାରମ୍ବାର ଆସୁଥିଲେ ମଧ୍ୟ ଏମ୍‌କେସିଜି କର୍ତ୍ତୃପକ୍ଷ ନୀରବ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନେକ ରୋଗୀ ସମ୍ପର୍କୀୟ ଦାବି କରିଛନ୍ତି । ସେହିପରି ଏମ୍‌କେସିଜି ମେଡ଼ିକାଲ୍‌ରେ ମାଗଣାରେ ଚିକିତ୍ସା ଓ ଏମ୍‌ଆର୍‌ଆଇ ପରୀକ୍ଷା ହେଉଛି । ହେଲେ ଉକ୍ତ ଏମ୍‌ଆର୍‌ଆଇ ରିପୋର୍ଟ ଦେଖି ପରାମର୍ଶ ଦେବାକୁ ଏମ୍‌କେସିଜିର ଡ଼ାକ୍ତରମାନେ ୫୦୦ ଟଙ୍କା ନେଉଛନ୍ତି । କୋର୍ଟପେଟା ଛକ ନିକଟରେ ଥିବା ଜଣେ ବରିଷ୍ଠ ଡ଼ାକ୍ତରଙ୍କ ଘରୋଇ କ୍ଲିନିକ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନାପ୍ରକାରେ ଆଜକୁ ୮ ଦିନ ତଳେ ଜଣେ ରୋଗୀ ଏମ୍‌କେସିଜିର ଏକ ବିଭାଗକୁ ଯାଇ ନିଜ ରୋଗ ଦେଖାଇଥିଲେ । ସେଠାକାର ଡ଼ାକ୍ତର ଏମ୍‌ଆର୍‌ଆଇ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ସେହିକ୍ରମରେ ଏମ୍‌କେସିଜିରୁ ରେଫେର୍ ହୋଇ ରୋଗୀ ଜଣଙ୍କ ନିଦାନ ଡାଏଗ୍ନୋଷ୍ଟିକ୍ କେନ୍ଦ୍ରକୁ ଯାଇ ମାଗଣାରେ ଏମ୍‌ଆର୍‌ଆଇ ପରୀକ୍ଷା କରାଇଥିଲେ । ରିପୋର୍ଟ ମିଳିବା ପରେ ତାକୁ ଧରି ସମ୍ପୃକ୍ତ ଡ଼ାକ୍ତରଙ୍କୁ ଦେଖାଇ ପରାମର୍ଶ ନେବାକୁ କୋର୍ଟପେଟା ନିକଟରେ ଥିବା ସମ୍ପୃକ୍ତ ଡ଼ାକ୍ତରଙ୍କ ଘରୋଇ କ୍ଲିନିକ୍‌କୁ ଯାଇଥିଲେ । ହେଲେ ସେଠାରେ ରିପୋର୍ଟ ଦେଖାଇବାକୁ ପୂର୍ବରୁ ରୋଗୀଙ୍କ ଠାରୁ ୫୦୦ ଟଙ୍କା ଆଦାୟ କରାଯାଇଥିଲା । ଯାହାକୁ ନେଇ ସମ୍ପୃକ୍ତ ରୋଗୀ ଜଣଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ ।



## ସଂସ୍କୃତରେ ସ୍ୱର୍ଣ୍ଣପଦକ ହାସଲ କରି ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ଆଣିଲେ ମହେନ୍ଦ୍ରୀ ନାଗ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସଂସ୍କୃତ ବିଭାଗର ପୂର୍ବତନ ଛାତ୍ରୀ ତଥା ସୁବର୍ଣ୍ଣପୁର ଜିଲ୍ଲା ନନ୍ଦନମାଳ ଗ୍ରାମର ଭରତ ନାଗ ଓ ନିରାଶ ନାଗଙ୍କ ପୁତ୍ରୀ ମହେନ୍ଦ୍ରୀ ନାଗ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରୁ ସଂସ୍କୃତ ବିଷୟରେ ଆଚାର୍ଯ୍ୟ (M.A) କରି ସେଥିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ (Gold Medal) ଲାଭ କରିଛନ୍ତି । ସେ ପୂର୍ବରୁ ମଧ୍ୟ ଜଣେ ମେଧାବୀ ଛାତ୍ରୀ ଥିଲେ । ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ମଧ୍ୟ +୩ରେ ସଂସ୍କୃତରେ ଟପ୍‌ଟେନ୍ ରେଙ୍କରେ ରହିଥିଲେ । ବର୍ତ୍ତମାନ ସେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ସଂସ୍କୃତରେ ବିଏଡ୍ କରୁଛନ୍ତି । ସେ ଏହାର ସମସ୍ତ ଶ୍ରେୟ ତାଙ୍କ ବାପା ମାଆ ଏବଂ ପରିବାରବର୍ଗଙ୍କ ସମେତ ସୋନପୁର କଲେଜ୍, ବଲାଙ୍ଗୀର ୟୁନିଭରସିଟିର ଓ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ତିରୁପତିର ସମସ୍ତ ଟିଚରଙ୍କୁ ଦେଇଛନ୍ତି । ଭବିଷ୍ୟତରେ ଜଣେ ଭଲ ଶିକ୍ଷୟିତ୍ରୀ ହେବାପାଇଁ ଆଶା ରଖିଛନ୍ତି ବୋଲି ମହେନ୍ଦ୍ରୀ ମିଡିଆଙ୍କୁ ସୂଚନା ଦେଇଛନ୍ତି ।

## ବୌଦ୍ଧର ଗଡ଼ଜାତ ପର୍ବ 'ରାମଲୀଳା' ଉଦ୍‌ଯାପିତ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଗଡଜାତର ପ୍ରସିଦ୍ଧ ଏବଂ ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ରାବଣ ବଧ ସହ ଭବ୍ୟ ଭାବେ ଶେଷ ହୋଇଛି । ପ୍ରାୟ ୧୮ ଦିନ ଧରି ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମାରୁତି ମଣ୍ଡପ ଠାରେ ଚାଲିଥିବା ଏହି ଯାତ୍ରା ରବିବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ରାବଣ ବଧ ନାଟକ ସହ ଶେଷ ପର୍ଯ୍ୟାୟକୁ ପହଞ୍ଚିଥିଲା । ଏହି ଐତିହ୍ୟବାହୀ ଯାତ୍ରାକୁ ଦେଖିବା ପାଇଁ ଜିଲ୍ଲା ସହିତ ଜିଲ୍ଲା ବାହାରରୁ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଭିଡ ଜମିଥିଲା । ଶେଷ ସନ୍ଧ୍ୟାରେ ରାମ-ରାବଣଙ୍କ ଅନ୍ତିମ ସମର ଯାତ୍ରା ସହ ସାରା ସହର ଉତ୍ସବ ମୁଖର ହୋଇଉଠିଥିଲା । ବୌଦ୍ଧ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୯ଟି ସୁସଜ୍ଜିତ ରାବଣ ରଥ ବିରାଟ ପଟୁଆରରେ ବୁଟୁପାଲି ହାଇସ୍କୁଲ ପଡିଆରେ ଏକତ୍ରୀତ ହୋଇଥିଲେ । ପରେ ମୁଖ୍ୟ ରାବଣ ରଥ ସହ ସମସ୍ତ ରଥ ଏକ ଭବ୍ୟ ସମର ଶୋଭାଯାତ୍ରାରେ ଯୋଗଦେଇ ବିଭିନ୍ନ ସୁଆଙ୍ଗ ନୃତ୍ୟ ଓ ଯୁଦ୍ଧ ବାଦ୍ୟର ତାଳରେ ଜିଲ୍ଲା ଷ୍ଟାଡିୟମ୍‌କୁ ପହଞ୍ଚିଥିଲେ । ରାବଣ ଓ ତାଙ୍କ ଅସୁର ସେନାଙ୍କ ବିକଟ ହାସ୍ୟ ଓ ରଡିରେ ସମଗ୍ର ପରିବେଶ କମ୍ପିତ ହୋଇଉଠିଥିଲା । ଏପରି ସମୟରେ ପ୍ରଭୁ ଶ୍ରୀରାମଙ୍କ ରଥ ରାମେଶ୍ୱର ମନ୍ଦିରରୁ ବାନର ସେନାଙ୍କ ସହ ବିଭିନ୍ନ ଛକ ଓ ରାସ୍ତା ଦେଇ ଯାତ୍ରା କରି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା । ଶ୍ରୀରାମଚନ୍ଦ୍ରଙ୍କ ଜୟଧ୍ୱନିରେ ସାରା ପରିବେଶ ଭକ୍ତିମୟ ହୋଇଯାଇଥିଲା । ଷ୍ଟାଡିୟମ୍‌ରେ ରାମ ଓ ରାବଣଙ୍କ ମଧ୍ୟରେ ପ୍ରଥମ ସମର ମୁକ୍ତ ମଞ୍ଚରେ ମଞ୍ଚସ୍ଥ ହୋଇଥିଲା । ଏହା ସହ ଆକର୍ଷଣୀୟ ଆତସବାଜି ଓ ସାଙ୍ଗୀତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋମୁଗ୍ଧ କରିଥିଲା । ପରେ ଉଭୟ ରଥ ଅଲଗା ରାସ୍ତା ଦେଇ ବାଘଗୁଡ଼ା ଛକକୁ ପହଞ୍ଚି ସେଠାରେ ଦ୍ୱିତୀୟ ସମର ଅନୁଷ୍ଠିତ ହୋଇଥିଲା । ଶେଷରେ ରାମଲୀଳା ପଡିଆରେ ରାମ-ରାବଣ ମହାସମର ଦୃଶ୍ୟ ସହ ବିଭିନ୍ନ ବାଣ ଫୁଟିଥିଲା । ମୁଖ୍ୟ ଆକର୍ଷଣ ଭାବେ ରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା, ଯେଉଁଠାରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ର ଦ୍ୱାରା ୩୦ ଫୁଟ ଉଚ୍ଚ ଦଶମୁଖୀ ରାବଣ ପ୍ରତିମୂର୍ତ୍ତିକୁ ଦହନ କରାଯାଇଥିଲା । ଏହି ଦୃଶ୍ୟ ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା । ପରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ହୋଇଥିଲା । ଏହି ଅବସରରେ ମାରୁତିମଣ୍ଡପ ଠାରେ ଏକ ସମ୍ବର୍ଦ୍ଧନା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ମାନସକୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରମୋଦକୁମାର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ତୁଷାରକାନ୍ତ ପଟ୍ଟନାୟକ ଉପସ୍ଥିତିରେ ଜିଲ୍ଲାରେ ବିଭିନ୍ନ ସଫଳତା ପାଇଥିବା ବ୍ୟକ୍ତିମାନଙ୍କୁ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଓ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ବିଭିନ୍ନ ଛକରେ ବହୁ ପୋଲିସ କର୍ମଚାରୀମାନେ ମୁତୟନ ହୋଇଥିଲେ । ଦର୍ଶକମାନଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ପଣା ଓ ଅନ୍ନ ଭୋଗ ବଣ୍ଟନ କରାଯାଇଥିଲା ।

## ଚୌଦ୍ୱାରରେ ମା' ଅଶ୍ୱେନୀ ବାସେଲୀଙ୍କ ଚୈତ୍ର ମହୋତ୍ସବ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ବାଜି ରାଉତ କୈବର୍ତ୍ତ ଯୁବକ ସଂଘ ଓ ସଂଗୀତ କଳା ସଂସଦର ମିଳିତ ଆନୁକୁଲ୍ୟରେ କୈବର୍ତ୍ତ ସମ୍ପ୍ରଦାୟର ଇଷ୍ଟଦେବୀ ମା' ଅଶ୍ୱେନୀ ବାସେଲୀଙ୍କ ପବିତ୍ର ଚୈତ୍ରପର୍ବ ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କଳା ପ୍ରକାଶିନୀ କ୍ଲବ୍ ପରିସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସୁପ୍ରତିଷ୍ଠିତ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଘୋଡ଼ାନାଚ ଶିଳ୍ପୀ ସ୍ୱର୍ଗତ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଗୀତ କଳା ସଂସଦ ଦ୍ୱାରା ପାରମ୍ପରିକ ଚଇତି ଘୋଡ଼ା ନାଚ ପରିବେଷଣ କରାଯାଇଥିଲା । ଏଥି ସହିତ ପୁରୀ ମଙ୍ଗଳପୁରର ବିଶାକେଶ୍ୱରୀ ଅନୁଷ୍ଠାନ ଦ୍ୱାରା ପରିବେଷିତ କେଳା କେଳୁଣୀ ନୃତ୍ୟ




ଏହି କାର୍ଯ୍ୟକ୍ରମରେ ସମାଜସେବୀ କ୍ଷୀରୋଦ କୁମାର ସାହୁ, ଡ. ପରିକ୍ଷୀତ ଦଳାଇ, ନମିତା ମଞ୍ଜରୀ ସାହୁ, ଚୌଦ୍ୱାର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ମା' ଅଶ୍ୱେନୀ ବାସେଲୀଙ୍କ ପୂଜାର୍ଚ୍ଚନା ଓ କୈବର୍ତ୍ତ ସମ୍ପ୍ରଦାୟର ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ଦିଗରେ ବାଜି ରାଉତ କୈବର୍ତ୍ତ ଯୁବକ ସଂଘର ପ୍ରୟାସ ପ୍ରଶଂସନୀୟ ବୋଲି ଓ ରଘୁରାଜପୁରର ଦଶଭୂଜା ଗୋଟିପୁଅ ନୃତ୍ୟ ଦର୍ଶକ ମାନଙ୍କ ମନ ମୋହିଥିଲା । ଯୁବକ ସଂଘ ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ଅଜୟ କୁମାର ବେହେରା, ମଙ୍ଗରାଜ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଜିତ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରଦିନ ମା' ଅଶ୍ୱେନୀ ବାସେଲୀଙ୍କ ସୁସଜ୍ଜିତ ପ୍ରତିମାକୁ ଶୋଭାଯାତ୍ରାରେ ଚୌଦ୍ୱାର ସହର ପରିକ୍ରମା କରାଯାଇ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଇଥିଲା ।

## ଲକ୍ଷ୍ମୀ ପୂଜା ମଣ୍ଡପ ଗୃହ ନିର୍ମାଣ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ । ମୟୂରଭଞ୍ଜ ଜିଲ୍ଲାରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ସରକାରୀ ଅନୁଦାନ ଅର୍ଥକୁ ଆତ୍ମସାତ୍ କରିବା ନେଇ ବହଳଦା ବିଡିଓଙ୍କ ସମେତ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନଥିବା ବେଳେ ୬ଷ୍ଠ ଥର ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ । ଘଟଣାଟି ହେଉଛି ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ମହୁଲଦୁମା ଗ୍ରାମର । ଗ୍ରାମରେ ଏକ ଲକ୍ଷ୍ମୀ ପୂଜା ମଣ୍ଡପ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ୭୦ ହଜାର ୭୮୧ ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ



ଶେଷ ହୋଇଛି । କିନ୍ତୁ ଅଭିଯୋଗ ଅନୁଯାୟୀ, ଏହି ଅର୍ଥ ପ୍ରକଳ୍ପ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାନଯାଇ ଚଞ୍ଚକତା କରି ହଡ଼ପ କରିନିଆଯାଇଛି । ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିବା ମନୋରଞ୍ଜନ ମହାନ୍ତ ଓ ନାରାୟଣ ମହାନ୍ତିଙ୍କ ଅଭିଯୋଗ ମୁତାବକ ବହଳଦା ବିଡିଓ, ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେଦ ଏବଂ ଏକ୍ସିସ୍ ବ୍ୟାଙ୍କ (ବହଳଦା ଶାଖା)ର ମ୍ୟାନେଜର ମିଶି ଏହି ଅର୍ଥକୁ ବେଆଇନ୍ ଭାବେ ଉଠାଇ ନେଇଛନ୍ତି । ଏ ସମ୍ପର୍କରେ ପୂର୍ବରୁ ବହଳଦା ବିଡିଓ ଏବଂ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କେବଳ ତଦନ୍ତରେ ସୀମିତ ରହିଛ । ସୂଚନାଯୋଗ୍ୟ ଏନେଇ ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ରହିଛି । ରାଇରଙ୍ଗପୁର ଠାରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ସେମାନଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ସେମାନେ ଆଇନ୍‌ଗତ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି ମଧ୍ୟ ଦୃଢ଼ତାର ସହ କହିଛନ୍ତି । ଏହି ମାମଲାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି । ତେବେ ଏହି ଚଞ୍ଚକତା ଅଭିଯୋଗକୁ ନେଇ ଏଲ୍‌ବିଏମ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ । ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଏହି ସମ୍ବେଦନଶୀଳ ଅଭିଯୋଗ ଉପରେ କି ପ୍ରକାର ପଦକ୍ଷେପ ନେଉଛନ୍ତି ।

## ଗଞ୍ଜାମ ଜିଲ୍ଲାର ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବିବରଣୀ ପତ୍ର (୨୦୨୫-୨୬)ର ଅବଲୋକନ ଓ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତିକରଣ ଉପଲକ୍ଷେ ଏକ ଗରିମାମୟ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଖଲ୍ଲିକୋଟ ଷ୍ଟାଣ୍ଡିଙ୍ଗ କମିଟି ଅନ୍ ଏଜୁକେସନ୍, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡ଼ିଶା ସରକାର, ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ଯୋଗଦେଇ ପ୍ରତିଷ୍ଠାନର ବିଭିନ୍ନ ଶିକ୍ଷାମୂଳକ ପ୍ରୟାସକୁ ପ୍ରଶଂସା କରିବା ସହିତ ଶିକ୍ଷକ ପ୍ରଶିକ୍ଷଣକୁ ଆହୁରି ପ୍ରାୟୋଗିକ ଓ ନବୀନମୁଖୀ କରିବା ପାଇଁ ପ୍ରେରଣାଦାୟକ ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବିଧାୟକ ଚିକିଟି ମନୋରଞ୍ଜନ ଦ୍ୟାନ ସାମନ୍ତରା ଉପସ୍ଥିତ ରହି ଶିକ୍ଷାର ଗୁଣାତ୍ମକ ବୃଦ୍ଧିରେ ସମସ୍ତଙ୍କ ଭୂମିକା ଉପରେ ଗଭୀର ଆଲୋକପାତ କରିଥିଲେ । ସେ ଶିକ୍ଷାକ୍ଷେତ୍ରରେ ନୂତନ ପ୍ରୟାସ, ପ୍ରଯୁକ୍ତି ଆଧାରିତ ଶିକ୍ଷାଦାନ ପ୍ରଣାଳୀ ଓ ଗ୍ରାମାଞ୍ଚଳରେ ଶିକ୍ଷାର ସୁଗମ ବୃଦ୍ଧି ପାଇଁ ଶିକ୍ଷକମାନଙ୍କ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଗତ ବର୍ଷର ସଫଳ କାର୍ଯ୍ୟକଳାପକୁ ଉଲ୍ଲେଖ କରି ଶିକ୍ଷକ ପ୍ରଶିକ୍ଷଣର ଗୁଣାତ୍ମକ ଉନ୍ନତି ପାଇଁ ସମୂହ ପ୍ରୟାସର ଆବଶ୍ୟକତା ଉପରେ ଅନୁଷ୍ଠାନର ଅଧ୍ୟକ୍ଷ ମଧ୍ୟ ଜୋର୍ ଦେଇଥିଲେ । ସେ ଆଗାମୀ ୨୦୨୬-୨୭ ବର୍ଷ ପାଇଁ ନୂତନ ଶିକ୍ଷାମୂଳକ ପରିକଳ୍ପନା ମାଧ୍ୟମରେ ପ୍ରତିଷ୍ଠାନକୁ ଆହୁରି ଉଚ୍ଚସ୍ତରକୁ ନେବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ୍ କରିଥିଲେ । ଏଥିରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକରୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ବି.ଆର୍.ସି.ସି., ସି.ଆର୍.ସି.ସି., ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଭୃତି ଯୋଗଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ମଞ୍ଚ ପରିଚାଳନା କରୁଥିଲେ । ଏହି ଅବସରରେ ବାର୍ଷିକ ବିବରଣୀ ପତ୍ର (୨୦୨୫-୨୬), 'ଦ ପଲ୍ସ ପକ୍ଷ-୨.୦' ଦ୍ୱିତୀୟ ସଂସ୍କରଣ ଏବଂ ତେଲୁଗୁ ଶିକ୍ଷା ସମ୍ବଳ ସାମଗ୍ରୀର ଉନ୍ମୋଚନ କରାଯାଇଥିଲା, ଯାହା ପ୍ରତିଷ୍ଠାନର ଶିକ୍ଷାଦାନ ସୃଜନଶୀଳ ପ୍ରୟାସର ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହୋଇଛି । ତତ୍ ସହିତ ୱାଲ୍ ମାଗାଜିନ୍, ସେଲ୍ଫି ପଏଣ୍ଟ ଓ ଦସ୍ତଖତ ବିନ୍ଦୁ ଆଦି ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଡ଼ ନିହାରିକା ସାମନ୍ତରାୟ, ପ୍ରଜ୍ଞା ପାରମିତା, ଶିକ୍ଷକ ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ଶିକ୍ଷକ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ସୁକୁଲେଇ ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ପାଇଁ, ଭାବିଲିତା ନାୟକ, ବବିତା ସିଂ, ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, ଆଇସିଟି ନିରୀକ୍ଷକ ମନୋରଞ୍ଜନ ବାରିକ, ଜୁନିୟର ଆସିଷ୍ଟାଣ୍ଟ ଆଶିଷ ରଞ୍ଜନ ସେଠୀ, ନିରୁପମା ପ୍ରଧାନଙ୍କ ସହିତ ସୁକାନ୍ତି ସେଠୀ, ଭଗବାନ ଗୌଡ ଓ ଜୟଶଙ୍କର ଗୌଡ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିବା ସହ ସଭାପତିଙ୍କ ଆଦେଶକ୍ରମେ ସଭା ସାଙ୍ଗ କରାଯାଇଥିଲା ।

## ଗଡପଦର ଜଙ୍ଗଲରେ ଅବକାରୀ ଚଢଉ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ୍ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୬ ଶହ ଲିଟର ପୋଚ ଓ ୧୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

## ପ୍ରିୟଙ୍କାଙ୍କ ପ୍ରଥମ କବିତା ପୁସ୍ତକ ପାଠକାର୍ପିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଅଗ୍ରଣୀ ପ୍ରକାଶନ ସଂସ୍ଥା ଭୁବନେଶ୍ୱରର ଟାଇମ୍‌ପାସ୍ ସଂସ୍ଥା ପକ୍ଷରୁ ପ୍ରଥମା ପୁରସ୍କାରପ୍ରାପ୍ତ ଯୁବ ପ୍ରତିଭାଙ୍କ କୃତିକୁ ପ୍ରତିବର୍ଷ 'ବହିବିଷୁବ' ଅବକାଶରେ ପ୍ରକାଶ କରାଯାଇଥାଏ । ଚଳିତ ବର୍ଷ ଏହି ଅବସରରେ ପ୍ରଥମା ପୁରସ୍କାର -୨୦୨୫ର ଅନ୍ୟତମ ପ୍ରାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ପ୍ରଥମ କବିତା ପୁସ୍ତକ ପାଠକାର୍ପିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରିୟଙ୍କାଙ୍କ ଏହି ପ୍ରଥମ କବିତା ସଂକଳନ "ଜେଜେ ନଥିବା ଆକାଶ" ପାଠକାର୍ପିତ ହୋଇଛି । ଏଥିରେ ଓଡ଼ିଆ ସାହିତ୍ୟର ବରିଷ୍ଠ କବି ବଂଶୀଧର ଷଡ଼ଙ୍ଗୀ ଯୋଗଦେଇ ଯୁବ କବୟିତ୍ରୀ ପ୍ରିୟଙ୍କାଙ୍କ ଏହି ନୂତନ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଟାଇମ୍‌ପାସ୍ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ସରୋଜ ବଳ ମଧ୍ୟ ଉପସ୍ଥିତ



ରହିଥିଲେ । ପ୍ରିୟଙ୍କାଙ୍କ ଏହି ସଂକଳନରେ ୪୩ ଗୋଟି ମନୋଜ୍ଞ କବିତା ସ୍ଥାନିତ ହୋଇଛି । ପ୍ରକାଶଥାଉ କି ପ୍ରଥମା ପୁରସ୍କାରର ଏହି ଚୂଡାନ୍ତ ତାଲିକାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସମୁଦାୟ ବାରଜଣ ଯୁବ ପ୍ରତିଭା ମନୋନୀତ ହୋଇଥିଲେ । ସଂପ୍ରତି ପ୍ରିୟଙ୍କା ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟିକ ବିଭାଗର ଶେଷ ବର୍ଷର ଛାତ୍ରୀ ।

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ:ସାହା ହେଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସରକାର ଯୋଜନା ଉପରେ ଯୋଜନା କେନ୍ଦ୍ର ହେଉକି ରାଜ୍ୟ ସରକାର କିନ୍ତୁ ଏଠି ତଳସ୍ତରରେ ରହୁଥିବା ଗରିବଟେ ଆବାସ ଘରଟେ ପାଇପାରୁନାହିଁ । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖାରୀ ପଞ୍ଚାୟତ ବନ୍ଧପାଲି ଗାଁର ଧନୁ ବରିହା (୭୯) ବର୍ଷ ହେଲାଣି ଆବସ ଯୋଜନାରୁ ବଞ୍ଚିତ ହେବା ସହ ଅପହଞ୍ଚ ହୋଇପଡିଛି । ଧନୁ ବରିହା ଭଙ୍ଗା କୁଡିଆରେ ତା'ପରିବାରରେ ଭିନ୍ନକ୍ଷମ ସ୍ତ୍ରୀ, ଝିଅ ଓ ମାନସିକ ପୁଅଙ୍କୁ ନେଇ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗ୍ରାମୀଣ ଯୋଜନା (ଏଜିଜେ)ରେ ଗୃହ ପାଇବା ପାଇଁ ସେ ଯୋଗ୍ୟ ବ୍ୟକ୍ତି ହୋଇଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇନି । ପଞ୍ଚାୟତର ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି । ଧନୁ ବରିହାଙ୍କ ସ୍ତ୍ରୀ ଅକିଆ (୭୨) ରୋଗଗ୍ରସ୍ତ । ସେ ଦୀର୍ଘ ଦୀର୍ଘ ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡିତ ଝିଅ ମୀନା (୩୦) ଥାଲାସେମିୟା ରୋଗୀ । ପ୍ରତି ମାସ ତାଙ୍କୁ ରକ୍ତ ନେବାକୁ ପଡୁଛି । ସେହିପରି ପୁଅ ଜୀବର୍ଦ୍ଧନ (୪୫) ଜଣେ ମାନସିକ ଅକ୍ଷମ ବ୍ୟକ୍ତି । ସାମାଜିକ ଗଣମାଧ୍ୟମରେ ଖବର ଦେଖି



ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ସଙ୍ଗେ ସଙ୍ଗେ ଧନୁ ବରିହାଙ୍କ ଘରେ ପହଞ୍ଚିଥିଲେ । ଅକିଆ, ମୀନାଙ୍କ ଅବସ୍ଥା ଜିଲ୍ଲାପାଳ ଡ. ନୃପରାଜ ସାହୁ ଧନୁ ବରିହାଙ୍କ ଭଙ୍ଗାକୁଡ଼ିଆ ଘର ଦେଖିବା ସହ ପରିବାର ଦୁଃଖ ବୁଝୁଛନ୍ତି । ଜୀବର୍ଦ୍ଧନ ଦୈନିକ ଔଷଧ ଖାଉଛନ୍ତି । ବାର୍ଦ୍ଧକ୍ୟ ଅବସ୍ଥାରେ ପରିବାରର ସବୁ ବୋଝ ଧନୁଙ୍କ ଉପରେ । କେନ୍ଦ୍ର ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନାରେ ଅସହାୟ ପରିବାରକୁ ମାସିକ ୩୫ କିଲୋ ଚାଉଳ ମିଳୁଛି । ଧନୁ ଓ ଅକିଆ ମାସିକ ୧୦୦୦ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ଓ ପୁଅ ଜୀବର୍ଦ୍ଧନ ମାସିକ ୩୫୦୦ ଟଙ୍କା ଓ ଝିଅ ମୀନା ମାସିକ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି । ସରକାରଙ୍କ ଚାଉଳ ଓ ଭତ୍ତା ଏହି ପରିବାର ପାଇଁ ବଡ ସାହାରା ପାଲଟିଛି । ତେବେ ଏହି ପରିବାର ପାଇଁ ପକ୍କା ଘର ସାତ ସପନ ସଦୃଶ ହୋଇଛି । ଖବରପାଇ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଶୁକ୍ରବାର ବନ୍ଧପାଲି ଗାଁକୁ ଯାଇ ଧନୁଙ୍କ ପରିବାରର ଦୁଃଖ ବୁଝିଥିଲେ । ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାର୍ଦ୍ଧକ୍ୟରେ ଭିନ୍ନକ୍ଷମ ସ୍ତ୍ରୀ, ପୁଅ ଓ ଝିଅଙ୍କ ବୋଝ ଦୁଃଖ ବୁଝିଲେ ଜିଲ୍ଲାପାଳ ଏଜିଜେରେ ପକ୍କା ଘର ପାଇଁ ପ୍ରତିଶ୍ରୁତି ଦେଇ ଘର ସାମିଲ୍ କରିବା ପାଇଁ ଜିଲ୍ଲାପାଳ ଧନୁଙ୍କୁ ପ୍ରତିଶ୍ରୁତି ଦେବା ସହ ପ୍ରଶାସନ ସବୁ ପ୍ରକାର ସହାୟତା ଯୋଗାଇ ଦେବ ବୋଲି କହିଥିଲେ । ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଖାରୀ ପଞ୍ଚାୟତ ପିଇଓ ଶେଷଦେବ ଧରୁଆ ଧନୁଙ୍କ ଘରକୁ ଯାଇ ଆବଶ୍ୟକ କାଗଜପତ୍ର ଆଣିବା ସହ ସୋନପୁର ବ୍ଲକ କାର୍ଯ୍ୟାଳୟର ଗ୍ରାମୀଣ ଆବାସ ସେକ୍ସନ୍‌ରେ ଜମା ଦେଇଛନ୍ତି । ଖୁବ୍‌ଶୀଘ୍ର ଧନୁଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବ ବୋଲି ବିଡିଓ ପ୍ରତୀକ କର ଜଣାଇଛନ୍ତି । ତେବେ ତୃଣମୂଳସ୍ତରରେ ପ୍ରଶାସନ ପହଞ୍ଚି ପାରୁନଥିବାରୁ ଜିଲ୍ଲାରେ ଧନୁଙ୍କ ଭଳି ଅନେକ ଯୋଗ୍ୟ ବ୍ୟକ୍ତି ସରକାରଙ୍କ ଯୋଜନାରୁ ବଞ୍ଚିତ ନହୁଅନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

## ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ବନ୍ଦ କରିବା ଦାବିରେ ନାଗରିକ ସମାବେଶ



କଟକ, ନ୍ୟୁଜ୍ ବ୍ୟୁରୋ

ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନକରିବା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନାଗରିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଧାରଣାରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର, ଡଲି ଦାଶ, ବିଶ୍ୱଜିତ ଘୋଷ, କାଶିନାଥ ସ୍ୱାଇଁ, ପ୍ରଶନ୍ନ କୁମାର ମହାପାତ୍ର, ଅରବିନ୍ଦ ମଲ୍ଲିକ, ଅକ୍ଷୟ କୁମାର ରାଉଳ, ବେଣୁଧର ମହାରଣା, ନୀରୋଦ ମହାପାତ୍ର, ବିଭୁତି ଭୂଷଣ ବେହେରା, ପ୍ରିୟବ୍ରତ ଦେବତା, ରୁଦ୍ରଶିଷ ଦାଶ ପ୍ରମୁଖ ବକ୍ତବ୍ୟରେ କହିଥିଲେ ଅଧୁନା କଟକ ମହାନଗର ଅଞ୍ଚଳରେ ପ୍ରଶାସନର ଜ୍ଞାତସାରରେ ବହୁ ଅଘୋଷିତ ବେଆଇନ୍ କାର୍ଯ୍ୟକ୍ରମ ହେଉଛି ଯାହା ଜନସ୍ୱାର୍ଥର ବିରୋଧୀ ଓ ତାର ଉତ୍ତରଦାୟିତ୍ୱ ପ୍ରଶାସନର କୌଣସି ବିଭାଗ ନେଉନାହିଁ । ଉଦାହରଣ ସ୍ୱରୂପ ମଧୁସେତୁ ଓ ନେତାଜୀ ସେତୁ ତଥା ନରାଜ ସେତୁର ସଂଯୋଗକାରି ମୁଖ୍ୟ ପ୍ରଶସ୍ତ ରାସ୍ତାକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ବନ୍ଦ କରିଦିଆଯାଇଛି । ଉଲ୍ଲେଖନୀୟ ଯେ ସେ ରାସ୍ତା ସଂଯୋଗ ରାସ୍ତା ହେବା ପାଇଁ ହିଁ ନିର୍ମିତ ହୋଇଥିଲା ଓ ସମସ୍ତ ଯାତ୍ରୀବାହୀ ବସ୍ ସେ ବାଟ ଦେଇ ଯାତାୟାତ କରୁଥିଲା । ଏବେ କେବଳ କଟକ ନୁହେଁ ସାରା ରାଜ୍ୟର ଲୋକେ ଅଭାବନୀୟ ଅସୁବିଧା ଭୋଗୁଛନ୍ତି । ଦ୍ୱିତୀୟ ଘଟଣାଟି କଟକର ଲାଲବାଗ ଥାନା କେବଳ ଏକ ଐତିହାସିକ ଐତିହ୍ୟ ଅଞ୍ଚଳ ନୁହେଁ ଏହା ଏକ ସାଙ୍ଗରେ ହାଇକୋର୍ଟ, ଶିଶୁଭବନ, ତହସିଲ ଅଫିସ, ବଡ଼ ପୋଷ୍ଟ ଅଫିସ, ନେତାଜୀଙ୍କ ରେଭେନ୍ସା କଲିଜିଏଟ୍ ସ୍କୁଲ, ଜିଲ୍ଲାପାଳ ଅଫିସ, ପରିବହନ ଅଫିସ, ରାଜସ୍ୱ ଭବନ ଓ ସାତ ମହଲାରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସକୁ ସୁରକ୍ଷା ପ୍ରଦାନ କରୁଛି । ଏହାକୁ ଅନିଶ୍ଚିତ ଅବାସ୍ତବ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି କରିଛି । ଏହି କାଣ୍ଡ ମଧ୍ୟ ପ୍ରଭାବଶାଳୀଙ୍କ ଚାପରେ ହୋଇଛି ବୋଲି କୁହାଯାଉଛି । ଏ ଦୁଇଟି ଜନ ବିରୋଧୀ କାମ ବିନା ବିଚାରରେ ଓ ନ୍ୟସ୍ତସ୍ୱାର୍ଥରେ ହୋଇଛି । ମଧୁସେତୁ କାଠଯୋଡି ସଂଲଗ୍ନ ପ୍ରଶସ୍ତ ରାସ୍ତାର ଅବରୋଧ ହଟାଇ ତଥା ଲାଲବାଗ ଥାନାକୁ ତାର ପୂର୍ବସ୍ଥାନକୁ ଆଣି ଜନସ୍ୱାର୍ଥ ସୁରକ୍ଷିତ କରିବାକୁ ଦାବି କରାଯାଇଛି । ଅହଂକାରୀ ଚକ୍ରାନ୍ତକାରୀଙ୍କୁ ଦଣ୍ଡିତ କଲେ ଆଗକୁ ଏଭଳି ଜନ ବିରୋଧୀ ଅକାର୍ଯ୍ୟ ହେବନାହିଁ ବୋଲି ଧାରଣାରତ ନାଗରିକମାନେ ଏକ ସ୍ମାରକପତ୍ରରେ ମହାଭାଗ ରାଜ୍ୟପାଳଙ୍କୁ ଜଣାଇଛନ୍ତି । କଟକ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପଠାଯାଇଛି ।

## ସୁର ସଂଗୀତ କଳା କେନ୍ଦ୍ରର ବାର୍ଷିକ ପରୀକ୍ଷା ସମାପନ

ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ କଳା ଶିକ୍ଷା ଅନୁଷ୍ଠାନ ସୁର ସଂଗୀତ କଳା କେନ୍ଦ୍ରର ବାର୍ଷିକ ପରୀକ୍ଷା ସଂଗୀତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କଳା କେନ୍ଦ୍ରରେ ତାଲିମପ୍ରାପ୍ତ ପ୍ରଶିକ୍ଷଣ ଶିକ୍ଷକ ମାନଙ୍କ ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ସଂଗୀତ, ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନ ତବଲା ଏବଂ ଯନ୍ତ୍ର ବାଦ୍ୟର ଛାତ୍ର ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ଏହା ବ୍ୟତୀତ ଉଚ୍ଚାଙ୍ଗ ଘରାନା ହିନ୍ଦୁସ୍ଥାନୀ ସଂଗୀତ ଉପରେ ଶିକ୍ଷାଦାନ କରାଯାଇଥାଏ । ତେବେ ଚଳିତବର୍ଷ ରାଇରଙ୍ଗପୁର ବ୍ୟତୀତ ବହଳଦା ଓ ବଲାଣୀ କଳା କେନ୍ଦ୍ରର ମୋଟ୍ ୧୫୭ ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଭାଗରେ ଦୁଇ ଦିନ ଧରି ପରୀକ୍ଷା ଦେଇଥିଲେ । ଏହି ସଂଗୀତ ପରୀକ୍ଷା ସୁର୍ ସଂଗୀତ କଳା କେନ୍ଦ୍ର ପ୍ରତିଷ୍ଠାତା ତଥା ସଂଗୀତ ଗୁରୁ ଉଜ୍ଜ୍ୱଳ କୁମାର ବସାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ପରୀକ୍ଷକ ଭାବେ ହରିହର ସଂଗୀତ ମହାବିଦ୍ୟାଳୟ ଖଳିପଦା ଧାମନଗରର ସଂଗୀତ ଗୁରୁ ହେମନ୍ତ ପୃଷ୍ଟିଙ୍କ ଦ୍ୱାରା ସଂଗୀତର ପ୍ରାକ୍ଟିକାଲ୍ ପରୀକ୍ଷା ଗ୍ରହଣ କରିଥିଲେ । ତବଲା ବାଦନ ସଂଗତରେ ଗୁରୁ ବିରଜା ବେହେରା, କାହ୍ନୁ ନାଏକ ଓ ଧ୍ରୁବଚରଣ ପାତ୍ର ପ୍ରମୁଖ ତବଲା ସଂଗତରେ ସାହାଯ୍ୟ କରିଥିଲେ । ପରୀକ୍ଷା କେନ୍ଦ୍ରକୁ ପରିଚାଳନା କରିଥିଲେ ନୃତ୍ୟ ଗୁରୁ ମେଘନାଦ ସାହା ସଂଗୀତ ଗୁରୁ ନଗେନ୍ଦ୍ର ସି ଓ ସଂଗୀତ ବସା ସହଯୋଗ କରିଥିଲେ ।

### ବାବା ଐଶାନେଶ୍ୱର ପୀଠରେ ଐତିହାସିକ ପ୍ରସିଦ୍ଧ ଉଡ଼ାଯାତ୍ରା

# ଭକ୍ତି ଓ ପାରମ୍ପରିକ ମୂଲ୍ୟବୋଧର ସଫଳ ପ୍ରତିଛବି

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଚୈତ୍ର ପରବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ନିକଟସ୍ଥ ଗଡ଼ଗାଁରେ ଚଳିତ ବର୍ଷର ପ୍ରସିଦ୍ଧ ଓ ଐତିହାସିକ ଉଡ଼ାଯାତ୍ରା ଭକ୍ତି ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଚୈତ୍ର ମାସରେ ଆୟୋଜିତ ହେଉଥିବା ଏହି ପାରମ୍ପରିକ ଯାତ୍ରା ଏବେବି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିଆସିଛି । ଏହି ବର୍ଷ ମଧ୍ୟ ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀ ଗଡଗାଁରେ ସମାଗମ ହୋଇ ଉତ୍ସବର ମାହୋଲକୁ ଅଧିକ ଜୀବନ୍ତ କରିଥିଲେ । ଉଡ଼ାଯାତ୍ରା ପ୍ରାଚୀନ କାଳରୁ ଭକ୍ତି, ଆସ୍ଥା ଓ ତ୍ୟାଗର ପ୍ରତୀକ ଭାବେ ପରିଚିତ । ଏହି ଯାତ୍ରାରେ ଭକ୍ତମାନେ ଶରୀରରେ କଠୋର ନିୟମ ଓ ଉପବାସ ପାଳନ କରି ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ନିଜକୁ ନିୟୋଜିତ କରନ୍ତି । ବିଶେଷକରି ଉଡ଼ା ଖୁଣ୍ଟରେ ଉଡ଼ା କ୍ରିୟା କରି ଶତାବ୍ଦୀର ପାଟ ଭକ୍ତା ଉଡ଼ିଥିଲେ । ଯେଉଁଥିରେ ଭକ୍ତମାନେ ଉଚ୍ଚରେ ଉଚ୍ଚ ମଞ୍ଚରୁ ରସି ସହାୟତାରେ ଘୂରାଣ କରି ଭକ୍ତିର ପ୍ରକାଶ କରନ୍ତି । ଏହା ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥାଏ। ଏହି ବର୍ଷ ଉତ୍ସବ ଅବସରରେ କମି ଉଠିଲା ଦେବ ଦେବ ମହାଦେବ ଧ୍ୱନୀରେ, ଗଡଗାଁରେ ବିଶେଷ ପୂଜାର୍ଚ୍ଚନା, କୀର୍ତ୍ତନ, ଢୋଲ ଓ ମହୁରୀର



ସ୍ୱରରେ ପରିବେଶ ମନୋହର ହୋଇଯାଇଥିଲା । ଗ୍ରାମବାସୀମାନେ ଏହି ଯାତ୍ରାକୁ ସଫଳ କରିବା ପାଇଁ ସମ୍ମିଳିତ ଭାବେ ଶ୍ରମଦାନ କରିଥିଲେ । ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିଲା । ଯାହାଫଳରେ ଉତ୍ସବ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇପାରିଛି । ଏହି ଉଡ଼ାଯାତ୍ରା କେବଳ ଧାର୍ମିକ ଉତ୍ସବ ନୁହେଁ, ବରଂ ଅଞ୍ଚଳର ସାମ୍ପ୍ରଦାୟିକ ସମ୍ମିଳନ ଓ ଏକତାର ପ୍ରତୀକ। ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକମାନେ ଏକାଠିହୋଇ ଏହି ଯାତ୍ରାରେ ଭାଗ ନେଇ ଭାଇଚାରାର ଦୃଢ଼ ସନ୍ଦେଶ ପ୍ରସାର କରିଥାନ୍ତି । ବାହାର ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ପାରମ୍ପରିକ ଉତ୍ସବକୁ ଦେଖି ଆକୃଷ୍ଟ ହୋଇଥିଲେ । ସ୍ଥାନୀୟ ବୃଦ୍ଧମାନଙ୍କ କହିବା ଅନୁସାରେ, ଗଡଗାଁର ଉଡ଼ାଯାତ୍ରାର ଐତିହ୍ୟ କେତେକ ଶତାବ୍ଦୀ ପୁରୁଣା । ପୂର୍ବପୁରୁଷମାନେ ଏହି ପାରମ୍ପରିକତାକୁ ଆରମ୍ଭ କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ଏହା ଅବିଚ୍ଛିନ୍ନ ଭାବେ ଚାଲିଆସୁଛି । ନୂତନ ପିଢ଼ି ମଧ୍ୟ ଏହି ଐତିହ୍ୟକୁ ସମ୍ମାନ ଦେଇ ଏହାକୁ ଆଗକୁ ବଢ଼ାଇ ନେଉଛନ୍ତି । ସାରକଥାରେ, ରାଇରଙ୍ଗପୁର ଗଡଗାଁର ଉଡ଼ାଯାତ୍ରା ଏହି ବର୍ଷ ମଧ୍ୟ ଭକ୍ତି, ଆନନ୍ଦ ଓ ପାରମ୍ପରିକ ମୂଲ୍ୟବୋଧର ସଫଳ ପ୍ରତିଛବି ପ୍ରଦର୍ଶନ କରିଛି । ଏହା ମୟୂରଭଞ୍ଜ ଜିଲ୍ଲାର ଗୌରବକୁ ଆହୁରି ଉଜ୍ଜ୍ୱଳ କରିଛି ଏବଂ ଭବିଷ୍ୟତରେ ମଧ୍ୟ ଏହି ପରମ୍ପରା ଅବିଚ୍ଛିନ୍ନ ରହିବ ବୋଲି ସମସ୍ତଙ୍କ ଆଶା।

## ମା' ତାରିଣୀଙ୍କୁ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସର୍ବମଙ୍ଗଳ ଲାଗି ପ୍ରାର୍ଥନା କଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ୪ ଦିନିଆ କେନ୍ଦୁଝର ଗସ୍ତର ଶେଷ ଦିବସରେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ କରିବା ସହ ଶେଷ ହୋଇଛି। ଘଟଗାଁ ଠାରେ ମା'ଙ୍କ ମନ୍ଦିର ଦର୍ଶନ କରି ମୁଖ୍ୟମନ୍ତ୍ରୀ, ଜିଲ୍ଲା ତଥା ରାଜ୍ୟବାସୀଙ୍କ ସର୍ବମଙ୍ଗଳ ଲାଗି ମା'ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତିକ୍ରିୟାରେ ସମସ୍ତଙ୍କୁ ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି, ଚଇତି ପର୍ବ ଓ ଭାରତରତ୍ନରେ ସମ୍ମାନିତ ସମ୍ବିଧାନ ପ୍ରଣେତା ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀର ଶୁଭେଚ୍ଛା ଜଣାଇଥିଲେ। ସମାଜର ଗରିବ, ଦଳିତ, ପଛୁଆବର୍ଗ, ଆଦିବାସୀ ତଥା ଅସୁବିଧାରେ ଥିବା ଲୋକଙ୍କର ଆହୁରି ଅଧିକରୁ ଅଧିକ ସେବା କରିବାକୁ ଶକ୍ତି ଦେବାକୁ ମା'ଙ୍କ ନିକଟରେ ପ୍ରାର୍ଥନା କରିଛି ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାରି ରହିଥିବା ଗରିବ କଲ୍ୟାଣ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଲୋକଙ୍କୁ ଲାଭାନ୍ୱିତ କରିବାକୁ ରାଜ୍ୟ ସରକାର ନିରନ୍ତର କାମ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ପୂର୍ବରୁ ୫ କେଜି ଦେଉଥିବା ଚାଉଳ ପାଉଥିବା ରାଜ୍ୟର ୩ କୋଟି ୨୮ ଲକ୍ଷ ଲୋକଙ୍କୁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ କରାଯିବ। ସମସ୍ତଙ୍କ ପାଇଁ ପାଣି, ବିଜୁଳି, ଗୃହ ତଥା ରାସ୍ତା ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମିଶନ ମୋଡ଼ରେ ଚାଲିଥିବା କାର୍ଯ୍ୟକ୍ରମକୁ ଆହୁରି ଗତି ଦେବା ପାଇଁ ଓ ସଫଳ କରିବା ପାଇଁ ମା'ଙ୍କ ଆଶୀର୍ବାଦ ନେଇ ଯାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ପୂର୍ବଯୋଜନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ୪ ଦିନିଆ କେନ୍ଦୁଝର ଗସ୍ତ ଶେଷ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।

### ////////// ଚୈତ୍ର ପର୍ବ-୨୦୨୬ ଉଦ୍‌ଯାପିତ //////////

## ଛଉ ନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି:ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ ଚୈତ୍ର ପର୍ବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଞ୍ଚଳର ଐତିହାସିକ ଉତ୍ତର ଦଳ ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ମଧ୍ୟ ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ଉକ୍ତ ଛଉ ନୃତ୍ୟ ପ୍ରତିଯୋଗିତାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତାରେ ବଡଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି। ବଡଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଆଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଦେବ ଗୁଣିଆ (ବଡଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ମନପ୍ରୀତ ମହନ୍ତ (ବଡଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି । ସେହିପରି ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଚନ୍ଦ୍ର ଶେଖର ଦାସ (ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ଭାଗ୍ୟଶ୍ରୀ ରାଉତ (ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର) ବିବେଚିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶଞ୍ଜଲା ମୁର୍ମୁ, ରାଜସ୍ୱ ପରିଷଦ ସଦସ୍ୟ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଡ଼ ମହାପାତ୍ର ଛଉ ନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହା ମୟୂରଭଞ୍ଜର ଐତିହ୍ୟର ପ୍ରତୀକ ଓ ଏହାକୁ ବିଶ୍ୱସ୍ତରରେ ପ୍ରଚାର ପାଇଁ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ମୁର୍ମୁ ଚୈତ୍ର ପର୍ବକୁ ମୟୂରଭଞ୍ଜର ଗର୍ବ ଓ ପରମ୍ପରାର ଜୀବନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛଉ ନୃତ୍ୟରେ ଉଲ୍ଲେଖନୀୟ ଅବଦାନ ଦେଇଥିବା କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ଚୈତ୍ର ପର୍ବରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟ ଉପଭୋଗ କରୁଥିଲେ।

# ସରକାରୀ ଜମିରେ ବ୍ୟକ୍ତିଗତ ଟ୍ରାନ୍ସଫର୍ମର ସ୍ଥାପନା ନିଷିଦ୍ଧ କଲେ ସରକାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଜମି ଜବର ଦଖଲ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ଅଭାବର ସୁବିଧା ନେଇ, ଅନେକ ଲୋକ ନିଜ ସ୍ୱାର୍ଥ ସାଧନ ପାଇଁ, ନିଜ ଜମି ଉପରେ ନିଜ ପାଇଁ ଉଚ୍ଚ ଅଟ୍ଟାଳିକା ମାନ ନିର୍ମାଣ ତ କରୁଛନ୍ତି, କିନ୍ତୁ ସେଭଳି ଉଚ୍ଚ ଅଟ୍ଟାଳିକା ପାଇଁ ଆବଶ୍ୟକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ପାଇଁ ନିଜ ଜମିରୁ ଇଞ୍ଚେ ଜାଗା ବି ବ୍ୟବହାର କରୁନାହାନ୍ତି ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାର ମନ୍ଥର ଗତି, ସରକାରୀ ଅଧିକାରୀମାନଙ୍କ ଏଥିପ୍ରତି ଆବଶ୍ୟକ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଅଭାବ ଓ ବିଶେଷ କରି ଜବର ଦଖଲ ବିରୁଦ୍ଧରେ ଦୃଷ୍ଟାନ୍ତକାରୀ ଦଣ୍ଡ ବିଧାନର ଅଭାବ ହିଁ, ସେମାନଙ୍କୁ ଏସବୁ ଅନ୍ୟାୟ ଓ ଅନୈତିକ କାର୍ଯ୍ୟ କରିବା ପାଇଁ ସୁହାଇ ଥାଏ। ସେମାନେ ସହଜରେ ଅଧିକାରୀମାନଙ୍କ ସହ ସଲାସୁତୁରା କରି, ବ୍ୟକ୍ତିଗତ ବିଦ୍ୟୁତ୍ ଚାହିଦା ପାଇଁ ଆବଶ୍ୟକ ଟ୍ରାନ୍ସଫର୍ମର ଗୁଡିକୁ, ସେମାନଙ୍କ ବାସଗୃହ ସାମ୍ନାରେ ଅବସ୍ଥିତ ସରକାରୀ ଜମି ଉପରେ ଆରାମରେ ସ୍ଥାପିତ କରିଦିଅନ୍ତି, ଫଳ ସ୍ୱରୂପ, ଚିର ଦିନ ପାଇଁ ସେହି ସରକାରୀ ବା ସର୍ବସାଧାରଣ ରାସ୍ତା କିମ୍ବା ସ୍ଥାନଟି, ଆଉ ସର୍ବ ସାଧାରଣଙ୍କ ବ୍ୟବହାର ପାଇଁ ଉପଲବ୍ଧ ନଥାଏ। ନିରୀହ ଜନ ସାଧାରଣ, ଏ ବିଷୟରେ ଆଦୌ ମୁଣ୍ଡ ପୁରାଇନଥାନ୍ତି କି ଜାଣି, ଅଜଣା ପରି ହୋଇଯାଆନ୍ତି । ସାମୁହିକ ଚେତନାର ଅଭାବ ମଧ୍ୟ ଏ ଅନ୍ୟାୟ କାର୍ଯ୍ୟକୁ ରୋକିବାରେ ଅସମର୍ଥ । ଏପରି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଅନ୍ୟାୟ ବୋଲି ଯେ କୌଣସି ଯୁକ୍ତିରୁ ବିଚାର କଲେ ବି, ଏହା କିପରି ଦଶନ୍ଧି ଦଶନ୍ଧି ଧରି ଚାଲିଆସୁଥିଲା ଓ ସେହି ସରକାରୀ ଜମିର ସ୍ୱତ୍ତ୍ୱାଧିକାରୀ ବିଭାଗମାନେ କିପରି ନିରବ ରହିବାକୁ ନିଜର କର୍ତ୍ତବ୍ୟ ବୋଲି ଧରି ନେଉଥିଲେ ତାହା ଆଶ୍ଚର୍ଯ୍ୟର ବିଷୟ । କିନ୍ତୁ, ବିଳମ୍ବରେ ହେଉ ପଛେ ଆମ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପତ୍ର ସଂଖ୍ୟା ୧୦୪୧ ତା ୩୦.୦୧.୨୦୨୫ରେ ଏ ଉପରେ ସ୍ପଷ୍ଟ ମତ ପୋଷଣ କରି ଉଲ୍ଲେଖ କରିଛନ୍ତି ଯେ, ସର୍ବସାଧାରଣ ଜମିର ଏପ୍ରକାରର ଜବର ଦଖଲ, ସର୍ବସାଧାରଣଙ୍କ ଉଦ୍ଦିଷ୍ଟ ରାସ୍ତା ଗୁଡିକୁ ସଂକୀର୍ଣ୍ଣ କରିବା ସହ, ରାସ୍ତା ଉପରେ ଦୁର୍ଘଟଣାକୁ ନିମନ୍ତ୍ରଣ କରିବା, ଭାରି ଯାନ, ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ, ଅଗ୍ନି ନିର୍ବାପକାରୀ ଗାଡିଗୁଡିକର ନିର୍ବିଘ୍ନରେ ଚଳ-ପ୍ରଚଳ ଆଦିକୁ ଭିଷଣ ମାତ୍ରାରେ ପ୍ରଭାବିତ କରିଥାଏ। ବରିଷ୍ଠ ନାଗରିକ ବିକାଶ ପରିଷଦ, ନୀଳାଦ୍ରି ବିହାର ଭୁବନେଶ୍ୱର, ଏ ଗୁରୁତ୍ୱପୂର୍ଣ୍ଣ ବିଷୟ ସରକାରଙ୍କ ଦୃଷ୍ଟିକୁ ଆଣି ପାରିଛନ୍ତି । ବିଦ୍ୟୁତ୍ ବିତରଣକାରୀ ସଂସ୍ଥାମାନେ ଅର୍ଥାତ୍ DISCOM (TPCODL/ TPNODL/ TPWODL /TPSODL) ସାରା ଓଡ଼ିଶାରେ ଏପରି ଟ୍ରାନ୍ସଫର୍ମର ସ୍ଥାପନା କରାଉଥିବା ବ୍ୟକ୍ତି ବା ସଂସ୍ଥା ଠାରୁ ୬% ନିରୀକ୍ଷଣ ଫିଜ୍ ବା Supervision Fees ନେଇଥାନ୍ତି । ଏସବୁ କରିବା ପୂର୍ବରୁ ଟ୍ରାନ୍ସଫର୍ମର ସ୍ଥାପିତ ହେବାକୁ ଥିବା ସ୍ଥାନଟିର "ସତ୍ୱ" ନିରୀକ୍ଷଣ କରିବା ଅନିର୍ବାର୍ଯ୍ୟ, କିନ୍ତୁ ତାହା ହୋଇନଥାଏ । ଏପରି ଭାବେ ସର୍ବସାଧାରଣ ସ୍ଥାନରେ ବ୍ୟକ୍ତିଗତ ସୁବିଧା ପାଇଁ ସ୍ଥାପିତ ଟ୍ରାନ୍ସଫର୍ମର ନିଶ୍ଚୟ, "ଜବର ଦଖଲ" ବୋଲି ବିବେଚନା କରାଯିବ ବୋଲି ସରକାର, ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ, ବିଶାଳ କୁମାର ଦେବ, IAS, ନିଜ ଦସ୍ତଖତରେ ସମସ୍ତ DISCOM ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏ ପ୍ରକାରରର ବେଆଇନ୍ ଜବରଦଖଲ ସେମାନଙ୍କ ନଜରକୁ ଆସିଲେ ସେମାନେ ତୁରନ୍ତ ସମ୍ପୃକ୍ତ ସରକାରୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବେ ଓ ସରକାରୀ ଜମି ଉପରେ ବେସରକାରୀ ବା ବ୍ୟକ୍ତିଗତ ସୁବିଧା ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନରୁ ନିବୃତ୍ତ ରହିବେ । ନିତାନ୍ତ ଆବଶ୍ୟକ ସ୍ଥଳେ, ସ୍ଥାପନ ପୂର୍ବରୁ, ସରକାରୀ ଜମିର ଅଧିକାରୀଙ୍କ ଠାରୁ NOC ଆଣିବାକୁ ବାଧ୍ୟ ହେବେ । ଏହାର ନକଲ ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗକୁ ଶକ୍ତି ବିଭାଗର ପତ୍ର ସଂଖ୍ୟା ୧୦୪୨ରେ ଗତ ୩୦.୦୧.୨୦୨୫ ତାରିଖରେ ଜଣାଇ ଦିଆଯାଇଛି । ଦୀର୍ଘ ଦିନରୁ ଚାଲିଆସୁଥିବା ଏ ପ୍ରକାରର ଅନ୍ୟାୟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବାରୁ ରାଜ୍ୟବାସୀ ସରକାରଙ୍କ ପାଖରେ କୃତଜ୍ଞ।

## ଯାତ୍ରାଦେଖା ହେଲା ଶେଷ ଯାତ୍ରା:ଯୁବକ ମୃତ, ହତ୍ୟା ଅଭିଯୋଗ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଯାତ୍ରା ଦେଖା ହେଲା ଶେଷ ଯାତ୍ରା । ଯୁବକକୁ ପିଟି ପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କଲେ ପରିବାର ଲୋକେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଦୁମଦୁମୀ ଛକରେ । ମୃତ ବ୍ୟକ୍ତି ଜଣକ ଲୁହୁରାପାଲି ଗାଁର ୩୫ ବର୍ଷୀୟ ସୁଶୀଲ ଧରୁଆ । ରବିବାର ରାତିରେ ଦୁମଦୁମୀ ଠାରେ ଚାଲିଥିବା ସମଲେଇ ମନ୍ଦିର ପ୍ରତିଷ୍ଠା ପାଇଁ ଅର୍କେଷ୍ଟ୍ରା ହେଉଥିଲା । ଆଉ ସାଙ୍ଗମାନଙ୍କ ସହିତ ସୁଶୀଲ ରାତି ଆଠଟାରେ ଯାତ୍ରା ଦେଖିବାକୁ ଦୁମଦୁମୀ ଯାଇଥିଲେ । ତେବେ ରାତି ୧୦ଟାରେ ଯାତ୍ରା ପଡିଆ ନିକଟରେ ସୁଶୀଲଙ୍କ ଦୁର୍ଘଟଣା ଘଟିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ । କିନ୍ତୁ ସୁଶୀଲଙ୍କ ସାଙ୍ଗମାନେ ଦୁର୍ଘଟଣା ବାବଦରେ କେହି କିଛି କହିପାରିନଥିବା ବେଳେ ଯାତ୍ରା ପଡିଆ ନିକଟରେ ସୁଶିଲଙ୍କ ମୃତଦେହ ଦେଖିବାକୁ ମିଳିଥିଲା । ମୃତଦେହ ମୁଣ୍ଡ ପଟେ ଆଘାତ ଲାଗିଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ । ଲୋଇସିଂହା ପୋଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହିତ ଅଧିକ ତଦନ୍ତ ଜାରି ରହିଥିବା ନେଇ ପୋଲିସ ସୂଚନା ଦେଇଛି ।

## ବିଭିନ୍ନ ସ୍ଥାନରେ ଝାମୁ ଯାତ୍ରା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ନବବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଚୌଦ୍ୱାରରେ ବିଭିନ୍ନ ଦେବୀ ମନ୍ଦିରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ସୁଇପର କଲୋନୀ ବସ୍ତିର ଗ୍ରାମଦେବତୀ ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଟୁଆ ମାନେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ପରେ ମଙ୍ଗଳାଙ୍କ ନିକଟରେ ତିଆରି ହୋଇଥିବା ଝାମୁ ନିଆଁରେ ଚାଲିବା ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଦର୍ଶନ କରିବା ସହ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ବିଶ୍ୱାସ ଅଛି କାଳିସୀମାନେ ମା'ଙ୍କ ସ୍ୱରୂପ ହୋଇଥିବା ଜନମାନସରେ ବିଶ୍ୱାସ ରହିଥିବାରୁ ଭକ୍ତମାନେ ନିଜନିଜର ସମସ୍ୟା କାଳିସୀ ମାନଙ୍କୁ ଜଣାଉଥିବା ଦେଖିବାକୁ ମିଳିଥିଲା । ସେହିପରି ହରିଅନ୍ତା ପଞ୍ଚାୟତର ଦପ୍ତରୀ ଗ୍ରାମରେ ଆୟୋଜିତ ଝାମୁ ଯାତ୍ରାରେ କାଳିସୀମାନେ ଅଗ୍ନିରେ ଚାଲିବା, ଖଣ୍ଡା ଓ ତ୍ରିଶୁଳରେ ଛିଡା ହେବା ସହିତ କଣ୍ଟରେ ଗଡିବା ଭଳି ଦୃଶ୍ୟ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଚଷାପଡା ଓ ନଖରା ପଞ୍ଚାୟତର ଅଙ୍ଗଦରାଡିହ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## କୁମୁଲି ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ନୂତନ ଭାବେ ପ୍ରତିଷ୍ଠିତ କୁମୁଲି ଗ୍ରାମର ଜଗନ୍ନାଥ ମନ୍ଦିରରେ ଘଟିଛି ବଡ ଧରଣର ଚୋରି । ମହାପ୍ରଭୁଙ୍କ ସୁନା ଓ ରୂପା ଅଳଙ୍କାର ସହ ଦାନ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଏବଂ ସିସିଟିଭିର ହାର୍ଡ ଡିସ୍କ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଘଟଣା ପରେ ଅଞ୍ଚଳରେ ଭକ୍ତମାନଙ୍କ ମଧ୍ୟରେ ଚର୍ଚ୍ଚା ସହ ଅସନ୍ତୋଷ ଦେଖାଦେଇଛି । ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ ଦାବି ହୋଉଛି । ଗତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ସୂଚନା ମିଳିଛି । ଘଟଣା ପରେ ମନ୍ଦିର ପରିସରରେ ଅସ୍ତବ୍ୟସ୍ତ ପରିସ୍ଥିତି ଦେଖାଦେଇଛି । ସକାଳେ ପୂଜା ପାଇଁ ଆସିଥିବା ଭକ୍ତମାନେ ମନ୍ଦିରର ଏହି ଅବସ୍ଥା ଦେଖି ଅବାକ୍ ହୋଇଯାଇଥିଲେ । ଖବର ପ୍ରଚାର ପରେ ଶହ ଶହ ଜଗନ୍ନାଥ ପ୍ରେମୀ ମନ୍ଦିର ସମ୍ମୁଖରେ ଭିଡ଼ ଜମାଇଥିଲେ । ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରି କଡା ଶାସ୍ତି ଦେବା ଦାବିରେ ଗ୍ରାମବାସୀମାନେ ଅନଶନରେ ବସିବା ପାଇଁ ନିଷ୍ପତି ନେଇଛନ୍ତି । ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିସିଂହପୁର ପୋଲିସ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ମନ୍ଦିରଟି ମାତ୍ର ଏକ ମାସ ତଳେ ପ୍ରତିଷ୍ଠା ହୋଇଥିଲା । ଏତେ କମ୍ ସମୟ ମଧ୍ୟରେ ଏପରି ଚୋରି ଘଟଣା ଘଟିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠିଛି । ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଥିବା ବେଳେ ଭକ୍ତମାନେ ଶୀଘ୍ର ନ୍ୟାୟ ଦାବି କରୁଛନ୍ତି । ଏବେ ସମସ୍ତଙ୍କର ନଜର ପୋଲିସ ତଦନ୍ତ ଉପରେ ରହିଛି, କେବେ ଦୁର୍ବୃତମାନେ ଗିରଫ ହେବେ ଓ ଲୁଟ୍ ହୋଇଥିବା ସମ୍ପତି ଫେରି ଆସିବ ସେନେଇ ଅଞ୍ଚଳରେ ଜୋର୍ ଧରୁଛି ନଚେତ୍ ଆନ୍ଦୋଳନ ଜୋର୍‌ଦାର୍ ହେବ ବୋଲି ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଛି ।

# ସିଟି ହସ୍ପିଟାଲ୍‌ରେ ଅବ୍ୟବସ୍ଥା:ଅଭିଜ୍ଞ ଡ଼ାକ୍ତର ନଥିବାରୁ ସପ୍ତାହରେ ଦୁଇ ଦିନ ଅଲ୍‌ଟ୍ରାସାଉଣ୍ଡ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସିଟି ହସ୍ପିଟାଲ୍‌ରେ ରୋଗୀଙ୍କ ଚିକିତ୍ସାକୁ ନେଇ ବିଭିନ୍ନ ସମସ୍ୟା ସାମ୍ନାକୁ ଆସିଥିବା ବେଳେ ବର୍ତମାନ ସ୍ୱାସ୍ଥ୍ୟ ସେବାକୁ ନେଇ ପୁନର୍ବାର ପ୍ରଶ୍ନ ଉଠିଛି । ବିଶେଷ କରି ହସ୍ପିଟାଲ୍‌ରେ ଅଲ୍‌ଟ୍ରାସାଉଣ୍ଡ୍ ସେବା ଅଭାବ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଭାରି ଅସନ୍ତୋଷ ପ୍ରକାଶ କରୁଛନ୍ତି । ଯାହାଫଳରେ ରୋଗୀଙ୍କୁ ଘରୋଇ ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟର ଉପରେ ନିର୍ଭର କରିବାକୁ ପଡୁଛି । ଏଥିନିମନ୍ତେ ରୋଗୀଙ୍କୁ ହଜାର ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଛି । ହସ୍ପିଟାଲ୍‌ର ଏଭଳି ଅଜବ ନୀତିକୁ ନେଇ ରୋଗୀମାନେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ । ମେଡ଼ିକାଲ୍‌କୁ ଆସୁଥିବା ରୋଗୀଙ୍କ ରୋଗ ନିର୍ଣ୍ଣୟ ନିମନ୍ତେ ଚିକିତ୍ସା ସମୟରେ ଡ଼ାକ୍ତର ବିଭିନ୍ନ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ କରିଛନ୍ତି । ରାଜ୍ୟ ସରକାରଙ୍କ ନିଦାନ ଯୋଜନାରେ ସରକାରୀ ହସ୍ପିଟାଲ୍ ଗୁଡ଼ିକରେ ଏଭଳି ପରୀକ୍ଷା ମାଗଣାରେ କରାଯିବା ବ୍ୟବସ୍ଥା ରହିଛି । କିନ୍ତୁ ବ୍ରହ୍ମପୁର ସ୍ଥିତ ସିଟି ହସ୍ପଟାଲ୍‌ରେ ଏହାର ବ୍ୟତିକ୍ରମ ରହିଥିବା ଦେଖିବାକୁ ମିଳିଛି । ହସ୍ପିଟାଲ୍‌ରେ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଅଭିଜ୍ଞ ଡ଼ାକ୍ତରଙ୍କ ଅଭାବ ଥିବାରୁ ନିୟମିତ ଭାବେ ସାଧାରଣ ରୋଗୀଙ୍କ ଅଲ୍‌ଟ୍ରାସାଉଣ୍ଡ୍ ପରୀକ୍ଷା ହେଉନାହିଁ । ଫଳରେ ପେଟରେ ଯନ୍ତ୍ରଣା ଜନିତ ସମସ୍ୟା ନେଇ ଆସୁଥିବା ରୋଗୀ ଏହି ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି । ସପ୍ତାହକୁ ମାତ୍ର ଦିନେରୁ ଦୁଇ ଦିନ ସାଧାରଣ ରୋଗୀଙ୍କ ପାଇଁ ଏହି ସେବା ଉପଲବ୍ଧ ହେଉଥିବା ବେଳେ, ଅନ୍ୟ ଦିନରେ ରୋଗୀମାନେ ବଞ୍ଚିତ ହେଉଛନ୍ତି । ଏହାର ପରିଣାମରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହସ୍ପିଟାଲ୍‌ରେ କାର୍ଯ୍ୟରତ ରଞ୍ଜନ ରଶ୍ମୀ ବିଭାଗରେ କାର୍ଯ୍ୟରତ ଡ଼ାକ୍ତରଙ୍କ ପଦନ୍ନୋତି ପରେ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିଛି । ପଦୋନ୍ନତି ପାଇଥିବା ଡ଼ାକ୍ତର ଜଣଙ୍କ ସପ୍ତାହରେ ସୋମବାର ଓ ଗୁରୁବାର ଅଲ୍‌ଟ୍ରାସାଉଣ୍ଡ କରୁଛନ୍ତି । ବିଭାଗରେ ଥିବା ଅନ୍ୟ ଜଣେ ଡ଼ାକ୍ତର କେବଳ ଗର୍ଭବତୀ ମହିଳାଙ୍କ ଅଲ୍‌ଟ୍ରାସାଉଣ୍ଡ୍ କରୁଥିବା ବେଳେ ଅନ୍ୟ ରୋଗୀଙ୍କ ଅଲ୍‌ଟ୍ରାସାଉଣ୍ଡ୍ କରିବା ତାଙ୍କ ନିକଟରେ ସମ୍ଭବ ହେଉନାହିଁ । ନୂତନ ଡ଼ାକ୍ତର ନିଯୁକ୍ତି ନହେବାରୁ ସ୍ୱାସ୍ଥ୍ୟସେବା ଠପ୍ ହୋଇପଡ଼ିଥିବା ଅଭିଯୋଗ ଆସୁଛି । ଅଲ୍‌ଟ୍ରାସାଉଣ୍ଡ୍ ପାଇଁ ଆସୁଥିବା ରୋଗୀମାନେ ବହୁ ସମୟ ଧରି ଅପେକ୍ଷା କରୁଛନ୍ତି । କିନ୍ତୁ ଅନେକ ନିରାଶ ହୋଇ ଫେରିଯାଉଛନ୍ତି । କେହି କେହି ବାହାରେ ନିଜସ୍ୱ ଅର୍ଥ ଖର୍ଚ୍ଚ କରି ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟରକୁ ଯିବାକୁ ବାଧ ହେଉଛନ୍ତି । ଫଳରେ ତାଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପଡୁଛି । ଏହି ଅବ୍ୟବସ୍ଥାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ କ୍ଷୋଭ ପ୍ରକାଶ କରି ସ୍ୱାସ୍ଥ୍ୟ ବିଭାଗର ତତ୍କାଳ ହସ୍ତକ୍ଷେପ ଦାବି କରିଛନ୍ତି । ସେମାନେ ଶୀଘ୍ର ଅଭିଜ୍ଞ ଡ଼ାକ୍ତର ନିଯୁକ୍ତି କରି ସେବାକୁ ନିୟମିତ ଚାଲୁ କରିବା ପାଇଁ ଦାବି କରିଛନ୍ତି । ସମ୍ପର୍କିତ କର୍ତ୍ତୃପକ୍ଷ ଯଦି ସମୟରେ ପଦକ୍ଷେପ ନନେଇଥାନ୍ତେ, ତେବେ ଆଗାମୀ ଦିନରେ ରୋଗୀମାନଙ୍କ ଅସୁବିଧା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ଅଭିଜ୍ଞ ଡ଼ାକ୍ତର ନଥିବାରୁ ସାଧାରଣରେ ରୋଗୀଙ୍କ ଆଲ୍‌ଟ୍ରାସାଉଣ୍ଡ୍ କରିବା ସମସ୍ୟା ହେଉଛି । ସପ୍ତାହରେ ମାତ୍ର ସୋମବାର ଓ ଗୁରୁବାର ଅଲ୍‌ଟ୍ରାସାଉଣ୍ଡ୍ କରାଯାଉଥିବା ସିଟି ହସ୍ପିଟାଲ୍ ଡ଼ା. ବିଶ୍ୱମ୍ଭର ବେହେରା କହିଛନ୍ତି ।



## କବି ଶରତ ଚନ୍ଦ୍ର ପରିଡ଼ାଙ୍କ ମହାକାବ୍ୟ ନାରକାସୁର ବଧ ବାଚସ୍ପତିଙ୍କ ଦ୍ୱାରା ଲୋକାର୍ପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**


ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଏବଂ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଚରଣାଶ୍ରିତ ବରିଷ୍ଠ କବି ଶରତ ଚନ୍ଦ୍ର ପରିଡ଼ାଙ୍କ ରଚିତ ଓଡ଼ିଆ ସାହିତ୍ୟର ମହାକାବ୍ୟ ନରକାସୁର ବଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିବେଦିତ ହୋଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି । ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ବାଚସ୍ପତିଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ତିନି ଶହ ପୃଷ୍ଠାର ଉକ୍ତ ମହାକାବ୍ୟକୁ ଲୋକାର୍ପଣ କରି ଗ୍ରନ୍ଥଟି ଓଡ଼ିଆ ବାଣୀ ଭଣ୍ଡାରର ସମୃଦ୍ଧ ସମ୍ପତ୍ତି ହୋଇ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଆଶୁ କବି ହେମନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଦାଶରଥି ଶତପଥୀ ମୁଖ୍ୟ ବକ୍ତା ଏବଂ ବହୁଭାଷୀ କବି ସଞ୍ଜୟ କୁମାର ରଥ ସମୀକ୍ଷକ ଭାବେ ଯୋଗଦେଇ ମହାକାବ୍ୟର ବିଶେଷତା ଉପରେ ଆଲୋକପାତ କରିଥିଲେ । ଇତ୍ୟବସରରେ ବାଚସ୍ପତି ଗ୍ରନ୍ଥ ରଚୟିତା କବି ଶରତ କୁମାର ପରିଡ଼ାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଶ୍ରୀର ସଭାପତି ତଥା ବିଶିଷ୍ଟ ପରିବେଶବିତ୍ କାଶୀନାଥ ରାଉତରାୟ, ସମାଜସେବୀ ସଞ୍ଜୟ ମିଟୁ ଜେନା, ଅକ୍ଷୟ କୁମାର ତରାଇ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୦୪।୨୦୨୬, ବୈଶାଖ ଦି୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୩୦।୧୫ ଚନ୍ଦ୍ରୋଦୟ- ରାଘ ୪।୫୯।୩୬**

**ଚତୁର୍ଦ୍ଦଶୀ-** ରାଘ ୮।୧୩ ପର୍ଯ୍ୟନ୍ତ । ଉତ୍ତରାଭାଦ୍ର ନକ୍ଷତ୍ର ଦିଘ ୧।୫୮ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୮।୧୩ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୭।୦୨ ମଧ୍ୟେ । ଦିଘ ୧୦।୩୩ ଗତେ ଦିଘ ୧।୦୪ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ନଷ୍ଟ ଚନ୍ଦ୍ରୋପବାସ ଓ ନିଶାପାଳନ।

**ମେଷ:** ଶତ୍ରୁମାନେ ନାଶ ହେବେ। ଅନେକ କ୍ଷେତ୍ରରେ ଆଗେଇ ଯିବେ। ବ୍ୟବସାୟରେ ଲାଭବାନ୍ ହେବେ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ ।

**ବୃଷ:** ଅନେକ ଶୁଭଫଳ ପାଇବାର ଆଶା। କଚେରୀ ମାମଲାରେ ଶୁଣାଣିରେ ଜୟଯୁକ୍ତ ହୋଇପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଏଥି ସହିତ ନୂତନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ମହିଳାମାନେ କର୍ମ ନିପୁଣ ହେବେ ।

**କର୍କଟ:** ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ। କୌଣସି ଏକ ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ଘରେ ସୁଖ ଲାଭ ହେବ। ଦେହ ଓ ମନ ଭଲ ରହିବ ।

**ସିଂହ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଶୁଭ କାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟୟର ମାତ୍ରା ସାମାନ୍ୟ ବୃଦ୍ଧି ପାଇବ। ଘରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ସାମାନ୍ୟ ଚିନ୍ତିତ ହେବାର ସୂଚନା ।

**କନ୍ୟା:** ଶୁଭ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।

**ତୁଳା:** ଶରୀର ସୁସ୍ଥ ରହିବ। ମନରେ ଭକ୍ତିଭାବ ସୃଷ୍ଟି ହେବ । ଦେବ ଦର୍ଶନର ସୁଯୋଗ ସୃଷ୍ଟି ହୋଇପାରେ। ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ ଲାଭ ହୋଇପାରେ। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ ।

**ବିଛା:** କୌଣସି ଏକ ଜାଗାରୁ ଶୁଭ ଖବର ମିଳିପାରେ। କର୍ମକ୍ଷେତ୍ରରେ ଆଶାତୀତ ଫଳ ମିଳିବନାହିଁ । ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିପାରେ । ଶରୀର ସୁସ୍ଥ ରହିବ ।

**ଧନୁ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଶ୍ରେୟସ୍କର। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ମାନସିକ ଦୁଶ୍ଚିନ୍ତା ଦେଖାଦେବ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ। ଗୃହେ କଳହ।

**ମକର:** ରୋଜଗାର ପରିମାଣ ବଢ଼ିବ। ଶତ୍ରୁ ନାଶ ହେବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପାରିବାରିକ ଜୀବନ ଶାନ୍ତିମୟ ହେବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିପାରନ୍ତି ।

**କୁମ୍ଭ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ। ଦେହ ଓ ମନ ଭଲ ରହିବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ଆୟ ସ୍ଥିର ରହିବ ।

**ମୀନ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଶତ୍ରୁମାନେ ପରାସ୍ତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆର୍ଥିକ ସ୍ଥିତି ଭଲ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୪।୨୦୨୬, ବୈଶାଖ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୨୯।୨୫ ଚନ୍ଦ୍ରୋଦୟ- ପ୍ରାଘ ୫।୪୪।୦୬**

**ଅମାବାସ୍ୟା-** ସଂଘ ୫।୨୨ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ଦିଘ ୧୨।୦୩ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଦିଘ ୧୨।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ଦିଘ ୧୨।୦୩ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୧୨।୦୩ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୫।୨୨ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୬।୨୩ ମଧ୍ୟେ । ଦିଘ ୧୨।୧୩ ଗତେ ଦିଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ରୁକ୍ମିଣୀ ଅମାବାସ୍ୟା, ବୈଶାଖ ଅମାବାସ୍ୟା, ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ।

32 YEARS
ସମ୍ବାଦ କଳିକା

# ଏଆଇ ପ୍ରେମ

ଗୁଗଲ୍‌ର ଏଆଇ ଚାଟ୍‌ବଟ୍ ଜେମିନିକୁ ନେଇ ଏକ ଦୁଃଖଦ ମାମଲା ସାମ୍ନାକୁ ଆସିଛି, ଯାହା ମଣିଷ ଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ମନସ୍ତାତ୍ତ୍ୱିକ ବିପଦକୁ ନେଇ ବିଶ୍ୱରେ ବିତର୍କ ତେଜିଛି । ସଦ୍ୟ ମାମଲାରେ ଫ୍ଲୋରିଡ଼ା ସ୍ଥିତ ୩୬ ବର୍ଷୀୟ ଜୋନାଥନ ଗାଭାଲାସଙ୍କୁ ତାଙ୍କ ପରିବାର ଜଣେ ସ୍ଥିର, ସଫଳ ଏବଂ ଅତୀତରେ ମାନସିକ ଅସୁସ୍ଥତାର କୌଣସି ସମସ୍ୟା ନ ଥିବା ବ୍ୟକ୍ତି ଭାବେ ବର୍ଣ୍ଣନା କରିଛି । ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ଏକ ବିଶ୍ଳେଷଣ ଅନୁସାରେ, ଗାଭାଲାସ ଗତ ଅନେକ ସପ୍ତାହ ହେଲା ୪,୭୦୦ରୁ ଅଧିକ ମେସେଜ୍ ଆଦାନପ୍ରଦାନ କରିଥିଲେ । ଧୀରେ ଧୀରେ ଏହା ସହିତ ତାଙ୍କର ଏକ ଗହନ ଓ ଭ୍ରାମକ ସମ୍ପର୍କ ବିକଶିତ ହେଲା । ଶେଷରେ ଗତ ବର୍ଷ ଅକ୍ଟୋବର ୫ ତାରିଖରେ ଗାଭାଲାସ ଆତ୍ମହତ୍ୟା କଲେ । ଗାଭାଲାସ ନିଜ ପତ୍ନୀଙ୍କଠୁ ଅଲଗା ହେବା ସମ୍ପର୍କରେ ସାନ୍ତ୍ୱନା ପାଇବା ପାଇଁ ଏଆଇ ଚାଟ୍‌ବଟ୍ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ। ନିଜ ବ୍ୟକ୍ତିଗତ ଜୀବନରେ ନକାରାତ୍ମକ ଆହ୍ୱାନ ଉପରେ ସେ ଜେମିନିକୁ ପରାମର୍ଶ ମାଗୁଥିଲେ । ତେବେ ସମୟ ସହିତ ଏହି ବାର୍ତ୍ତାଳାପ ଅଧିକ ଗଭୀର ଓ ଶେଷରେ ବିପଦପୂର୍ଣ୍ଣ ହୋଇଗଲା । ତେବେ ଚାଟ୍‌ବଟ୍ ତାଙ୍କୁ ମଝିରେ ମଝିରେ ମନେପକାଇ ଦେଇଥିଲା ଯେ ଏହା ଏକ ଏଆଇ । ଏଥିସହିତ ଅନ୍ୟର ସାହାଯ୍ୟ ନେବାକୁ ପରାମର୍ଶ ମଧ୍ୟ ଦେଇଥିଲା । କିନ୍ତୁ ତା'ର ଅନ୍ୟ ମେସେଜ୍ ଗୁଡ଼ିକର ଗମ୍ଭୀରତା ତୁଳନାରେ ଏହି ସୁରକ୍ଷା ପରାମର୍ଶ ଅସଙ୍ଗତ ଓ ଅପର୍ଯ୍ୟାପ୍ତ ଜଣାପଡ଼ିଲା । ଅନେକ ସମୟରେ ଏଆଇ ତାଙ୍କ ଭ୍ରମକୁ ସମର୍ଥନ କଲା । ଗାଭାଲସଙ୍କ ବାପା କହିଛନ୍ତି, ପୁଅ ଚାଟ୍‌ବଟ୍ ସହିତ ଗଭୀର ଭାବେ ଭାବନାତ୍ମକ ରୂପେ ଯୋଡ଼ିହୋଇଥିଲା। ସେ ତା'ର ନାଁ ଦେଇଥିଲା 'ସିୟା' ଏବଂ ତାକୁ ନିଜ ପତ୍ନୀ ରୂପେ ଦେଖିବା ଆରମ୍ଭ କରିଥିଲା । ଗତ ବର୍ଷ ଅଗଷ୍ଟ ୨୦୨୫ରେ ଗାଭାଲାସ ଯେତେବେଳେ ଜେମିନିର ସ୍ୱର-ଆଧାରିତ 'ନିରନ୍ତର ବାର୍ତ୍ତାଳାପ' ଫିଚରକୁ ସକ୍ରିୟ କଲେ, ସ୍ଥିତି ଆହୁରି ବିଗିଡ଼ିଗଲା । ଏହା ପରେ ଗୋଟିଏ ଦିନରେ ୧୦୦୦ରୁ ଅଧିକ ମେସେଜ୍ ଆଦାନପ୍ରଦାନ ହେଲା । ଗାଭାଲାସ ଯେତେବେଳେ ନିଜର ରୋମାଣ୍ଟିକ୍ ଭାବନା ପ୍ରକାଶ କଲେ, ସେ ତାଙ୍କୁ ନିରାଶ କଲା ନାହିଁ । ଚାଟ୍‌ବଟ୍ ତାଙ୍କ ସହ ଭାବପୂର୍ଣ୍ଣ ଓ ରୋମାଣ୍ଟିକ୍ ଭାଷାରେ କଥା ହେଲା, ଏପରିକି ନିଜ ପାଇଁ ଏକ କାଳ୍ପନିକ ରୂପ ରଚିଲା ଏବଂ ଏହି ନିରନ୍ତର ବାର୍ତ୍ତାଳାପ ତାଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ କଲା। ଏଆଇ ଏବଂ ମଣିଷ ସଂପର୍କର ଏହା ଏକ କଳଙ୍କିତ ଅଧ୍ୟାୟ କହିଲେ ଭୁଲ ହେବ ନାହିଁ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---------------



### ଗତାୟୁ ଶତାବ୍ଦୀ

ଜରାଜୀର୍ଣ୍ଣ ପକ୍ୱକେଶ
ଆଉ ଟିକେ ପରେ ହଜିଯିବ
ଅଜଣା ପୁରକୁ
ଏକବିଂଶ ହେବ ଉପଗତ
ବିଂଶ ଶତାବ୍ଦୀର ବିଦାୟବେଳାରେ
ଉନ୍ନବିଂଶ ଝରାଏ ଲୋତକ
ଦେଉଛି ଚେତନା
ଭାଗ୍ୟ ଡୋରି କାଳହସ୍ତେ ।
　　ମୋ' ଦେଖିବାରେ
　　କେତେତ ଗଲେଣି ।
　　ମୁଁ ବି
　　ବିଦାୟ ନେଉଛି ବନ୍ଧୁ
　　କିନ୍ତୁ ସାବଧାନ
　　ବସୁ ଦେବ
　　ବାସୁଦେବଙ୍କୁ ମୁଣ୍ଡେଇ ନେଲାପରି
　　ମୁଁ ମୁଣ୍ଡେଇ ନେଉଛି କଳିଯୁଗ
　　ବାକି ଅଛି ଆଉ
　　ଓଳିଏ ମହାଭାରତ ଯୁଦ୍ଧ
　　ଧାନ କିଏ ? ବିହନ କିଏ ? ଅଗାଡି କିଏ
　　ସବୁ ଜଣା ପଡିଯିବ ।
ସତ୍ୟର ସାତ୍ୟକୀ
ଓଗାଳିଛି ପଥ
ପଶୁତ୍ୱକୁ ବଳିଦେଇ
ସ୍ୱାଗତ କରିବ
ଏକବିଂଶ ଶତାବ୍ଦୀରୁ ଆଗମନକୁ
ଆଗରେ ଲକ୍ଷ୍ମଣରେଖା
ପଛରେ ଶକୁନିର ପଣାକାଠି
ଭିତରେ ଭିତରେ
ମନ୍ଥୁଛି ମନ୍ଥରା
ଏହି ତ ବିବେକର
ପରୀକ୍ଷା ସମୟ
ନିଶ୍ଚୟ ମାଗିବ ଗତାୟୁ ଶତାବ୍ଦୀ
ଏକଲବ୍ୟକୁ
ଗୁରୁ-ଦକ୍ଷିଣ

------

# ସଂସ୍କୃତି ଓ ପରମ୍ପରାର ବାହକ ଓଡ଼ିଆ ନବବର୍ଷ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ପୁଣ୍ୟଭୂମି ଭାରତରେ ଓଡ଼ିଶା ମହାନ ସଂସ୍କୃତି ଓ ପରମ୍ପରାର ଦେବଭୂମି ରୂପେ ପ୍ରସିଦ୍ଧ। ଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଆମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ ପାଳନ କରି ଓଡ଼ିଆମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଥାନ୍ତି । ମାନବ ଜୀବନ ସର୍ବଦା କର୍ମମୟ । ଏହି କର୍ମମୟ ଜୀବନ ଭିତରେ ମଣିଷ ଚାହେଁ କ୍ଳାନ୍ତିର ଲାଘବ ଓ ଶାନ୍ତି । ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ପର୍ବପର୍ବାଣି । ପର୍ବପର୍ବାଣି ଗୁଡିକ ଆମପାଇଁ ଆଣିଦିଏ ଅବସର ଓ ଉପଭୋଗର ସୁଯୋଗ ।

ଉତ୍କଳୀୟ ପରମ୍ପରା ଅନୁସାରେ ଓଡିଆମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅନ୍ୟତମ । ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି)କୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପଣା ସଂକ୍ରାନ୍ତିରେ ଅନ୍ୟ ନୂତନ ବର୍ଷ ଭଳି ଏକ ପୁରୁଣା ବର୍ଷକୁ ବିଦାୟଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ ।ଏହା ସାଧାରଣତଃ ଅପ୍ରେଲ ୧୪ ତାରିଖ ବୈଶାଖ ମାସ ପ୍ରଥମ ଦିନରେ ପଡ଼ିଥାଏ। ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ବୈଶାଖ ମାସ (ଏପ୍ରିଲ-ମେ)ର ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହାଯାଏ । ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ । ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । ଓଡ଼ିଆମାନେ ଏହିଦିନଟିକୁ ନବବର୍ଷ ଭାବେ ମଧ୍ୟ ପାଳନ କରିଥାଆନ୍ତି । ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟରାଶି ଗମନକୁ ସଂକ୍ରାନ୍ତି କହନ୍ତି । ପ୍ରତି ଇଂରାଜୀ ମାସର ୧୩ ତାରିଖଠାରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରିବା ଯୋଗୁଁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି ହୁଏ । ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ। ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସର ଓଡ଼ିଆ ମାନଙ୍କ ଲାଗି ବର୍ଷର ପ୍ରଥମ ଦିନ । ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ୱ ସ୍ୱତନ୍ତ୍ର । କାରଣ ଏହା ସହିତ ଯୋଡିହୋଇ ରହିଛି କଳା, ସଂସ୍କୃତି, ପରମ୍ପରା, ଚଳଣି ଓ ଆଞ୍ଚଳିକ ଧର୍ମ ଧାରଣା । ପୁରାଣ ଅନୁସାରେ ମହାବୀର ହନୁମାନ ବିଷୁବ ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିଲେ । ସେ ଦେବଦେବ ମହାଦେବଙ୍କ ପରମ ଭକ୍ତ । ତେଣୁ ହିନ୍ଦୁମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ ଅଟେ। ଏହି ଦିବସକୁ ଓଡ଼ିଆମାନେ ହନୁମାନ ଜୟନ୍ତୀ ଭାବେ ପାଳିଥାନ୍ତି । ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧ୍ୟଭାଗକୁ ଚାଲି ଆସିଥାନ୍ତି। ଏହିଦିନ ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀ ମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣାଭର୍ତ୍ତି ଛୋଟ ଠେକି ରଖିଥାନ୍ତି। ଏହା ତଳେ ଏକ ଛୋଟ ଛିଦ୍ର ଥାଏ। ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ। ମାନ୍ୟତା ରହିଛିକି ଗ୍ରୀଷ୍ମ ଦାଉରୁ ତୁଳସୀଙ୍କୁ ରକ୍ଷା କରିବା ପାଇଁ ଏହି ଛୋଟ ଟୋପା ଟୋପା ଜଳ ବର୍ଷାର ଅନୁଭୂତି ଆଣିଦେଇଥାଏ। ଏହି ଦିନଟିକୁ ମଧ୍ୟ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ। ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନର ବ୍ୟବସ୍ଥା ମଧ୍ୟ କରାଯାଏ। ଏହି ଦିନ ପେଟକୁ ଥଣ୍ଡା ରଖିବାକୁ ପାଇଁ ପାରମ୍ପରିକ ଭାବେ ଥଣ୍ଡା ପାନୀୟର ଶୁଭାରମ୍ଭ ହୋଇଥାଏ । ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିର ମାନଙ୍କରେ ପଣା ଭୋଗର ବିଧି ରହିଛି। ଏହି ଦିନ ସାହିପଡ଼ିଶା, ବନ୍ଧୁବାନ୍ଧବ ମାନଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । କ୍ଷୀର, ଦହି, ନଡ଼ିଆ, ବେଲ , ମିଶ୍ରି ପ୍ରଭୃତିରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ପ୍ରସାଦ ରୂପେ ଦେବାଦେବୀଙ୍କ ନିକଟରେ ସମର୍ପଣ କରାଯାଏ। ପଣା ସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକ ମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଏହା ସହିତ ବୃକ୍ଷମୂଳରେ ଜଳଦାନର ପ୍ରଥା ଆମ ସମାଜରେ ପ୍ରଚଳିତ। ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ପଣା ସଂକ୍ରାନ୍ତି ଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ। ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି। ଦଣ୍ଡନାଚ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ରୋଗବଇରାଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣମାପରଠାରୁ ଭକ୍ତମାନେ ରହିଥାନ୍ତି । ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଚରେ ଦେଖିବାକୁ ମିଳିଥାଏ । ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ । ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଖୁବ୍ ପ୍ରସିଦ୍ଧ। ନୂତନ ଆଶା, ସୁଯୋଗ ଏବଂ ସଂକଳ୍ପ ସହିତ ଓଡିଶାର ଲୋକମାନେ ଏହି ପର୍ବରେ ଅଂଶଗ୍ରହଣ କରନ୍ତି, ପାଳନ କରନ୍ତି ଏବଂ ନୂତନ ବର୍ଷର ଆଗମନକୁ ଉପଭୋଗ କରନ୍ତି । ବାସ୍ତବରେ ପର୍ବପର୍ବାଣି ମଣିଷ ଜୀବନରେ ଶ୍ରଦ୍ଧା, ସ୍ନେହ ଓ ପ୍ରେମର ଆବେଗ ସୃଷ୍ଟି କରିଥାଏ । ସମାଜ ସହିତ ପର୍ବପର୍ବାଣି ସଂଶ୍ଳିଷ୍ଟ ଥିବାରୁ ସାମାଜିକ ଜୀବନକୁ ଏହା ବହୁ ଭାବରେ ପ୍ରଭାବିତ କରିଥାଏ । ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ପର୍ବପର୍ବାଣିର ଅବଦାନ ଯଥେଷ୍ଟ । ପର୍ବ ଓଡ଼ିଶାର ଗର୍ବ । ଓଡ଼ିଆ ଜାତିର ସ୍ୱାଭିମାନର ପରିଚୟ ତା'ର ପର୍ବପର୍ବାଣିରେ ନିହିତ । ନୈତିକ ମୂଲ୍ୟବୋଧ , ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରିବା ସହିତ ଓଡ଼ିଆ ଭାଷା ଓ ଜାତିର ସ୍ୱାଭିମାନକୁ ବଜାୟ ରଖିବା ଏହି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ ।

# ଓଡ଼ିଆ ନବବର୍ଷ – ଏକ ସାଂସ୍କୃତିକ ଉତ୍ସବ



ସୁବାଷ ନାୟକ
ନବରଙ୍ଗପୁର, ଯୋଗାଯୋଗ –
୮୧୪୪୨୭୫୯୭୨

୧୩/୪: ଓଡ଼ିଆ ଜାତିର ଆତ୍ମା, ଆସ୍ଥା, ଅସ୍ମିତା ଓ ଐତିହ୍ୟର ଅନୁସରଣରେ ଯେଉଁ କିଛି ପର୍ବ ଆଜିଯାଏ ଆମ ସାମୂହିକ ଚେତନାକୁ ଉଜ୍ଜ୍ୱଳ କରି ରଖି ଆସିଛି ସେଥିମଧ୍ୟରୁ ଓଡ଼ିଆ ନବବର୍ଷ ଏକ ଅନନ୍ୟ ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପର୍ବ ଏହା ଓଡ଼ିଆ ଜାତିର ସାଂସ୍କୃତିକ ସ୍ୱରୂପ। ଏହା ଆଧ୍ୟାତ୍ମିକ ଚେତନା ଓ ଐତିହ୍ୟମୟ ପରମ୍ପରାର ଏକ ଉଜ୍ଜ୍ୱଳ ପ୍ରତିଛବି। ଏହାସହ ଓଡିଶାର ଜୀବନଚର୍ଯ୍ୟା ପରମ୍ପରା ଓ ସାଂସ୍କୃତିକ ଚେତନା ସହ ଗଭୀର ଭାବେ ଜଡ଼ିତ ଏକ ପବିତ୍ର ଅବସର । ତେଣୁ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ଏହାର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ପ୍ରତିମାସ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଯାଆନ୍ତି ସେତେବେଳେ ସୂର୍ଯ୍ୟ ମୀନ ରାଶିରୁ ମେଷ ରାଶିରେ ପ୍ରବେଶ କରନ୍ତି ସେହି ଘଟଣାକୁ ମେଷ ସଂକ୍ରାନ୍ତି କୁହାଯାଏ । ଆଉ ଏହି ସମୟରେ ସୂର୍ଯ୍ୟ ଉତ୍ତରାୟଣ ଗତି କରି ବିଷୁବ ରେଖାରେ ରହିଥାଏ ତେଣୁ ଏହି ଦିନକୁ ବିଷୁବ ସଂକ୍ରାନ୍ତି ମଧ୍ୟ କୁହାଯାଏ। ଏହା ସହ ପ୍ରକୃତିର ମଧ୍ୟ ଋତୁ ପରିବର୍ତ୍ତନ ଘଟି ଗ୍ରୀଷ୍ମ ଋତୁର ଆଗମନ ହୁଏ ତେଣୁ ଏହି ସମୟରେ ଅଧିକ ମାତ୍ରାରେ ଗରମ ହେବା ଯୋଗୁ ଶରୀରରେ ଜଳର ପରିମାଣ ସ୍ଥିର ରଖିବା ପାଇଁ ଅଧିକରୁ ଅଧିକ ପଣା ପିଆ ଯାଉଥିବାରୁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ ହିନ୍ଦୁ ଧର୍ମରେ ବର୍ଷର ଆରମ୍ଭ ବୈଶାଖ ମାସର ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହେବା ସହ ଏହି ଦିନଠାରୁ ଓଡ଼ିଆ ପଞ୍ଜିକାର ନୂତର ବର୍ଷର ଆରମ୍ଭ ହୁଏ । ଏହା ପ୍ରାୟତଃ ପ୍ରତିବର୍ଷ ଅପ୍ରେଲ ୧୪ ତାରିଖରେ ହୁଏ ଏହି ଦିନ ଠାରୁ ଓଡିଆ ନୂତନ ବର୍ଷ ଓ ସୂର୍ଯ୍ୟଙ୍କ ନୂତର ଚକ୍ର ବା ସୌର ବର୍ଷ ଆରମ୍ଭ ହୁଏ । ଏହି ଦିନର ଏକ ବିଶେଷ ପ୍ରଥା ହେଉଛି ପାଣିଭରା କଳସକୁ ଏକ ଶିଖା ସହିତ ବନ୍ଧା ଯାଇ ସେହି କଳସରେ ଏକ ଛୋଟ ଛିଦ୍ର କରାଯାଇଥାଏ ତାହା ବୁନ୍ଦା ବୁନ୍ଦା ହୋଇ ତୁଳସୀ ବୃକ୍ଷରେ ପଡିଥାଏ । ଏହା ପରବର୍ତ୍ତୀ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି କଳସୀରେ ଜଳ ରଖାଯାଏ । ଏହି ପ୍ରକ୍ରିୟା କରିବାର କାରଣ ଏହା ଗ୍ରୀଷ୍ମ ଋତୁର ତୀବ୍ର ତାପରେ ତୁଳସୀ ଓ ପ୍ରକୃତିକୁ ଶୀତଳତା ଦେବାର ପ୍ରତୀକ। ସେଥିସହ ଜଳର ମହତ୍ତ୍ୱ, ପ୍ରାଣୀମାନଙ୍କ ପ୍ରତି କରୁଣା ଓ ପ୍ରକୃତି ସୁରକ୍ଷାର ସନ୍ଦେଶ ମଧ୍ୟ ଏହି ପ୍ରଥା ମାଧ୍ୟମରେ ପ୍ରକାଶ ପାଏ । ପଣା ସଂକ୍ରାନ୍ତି ଦିନ ପଣା ନାମକ ଏକ ଶୀତଳ ପାନୀୟ ପ୍ରସ୍ତୁତ କରାଯାଏ ସାଧାରଣତଃ ପାଚିଲା ବେଲ ଫଳରେ ପାଣି, ଗୁଡ଼ କିମ୍ବା ଚିନି, ଦହି, ଛତୁଆ , ଦୁଧ ଓ ନଡ଼ିଆ କୋରା ମିଶାଇ ପଣା ତିଆରି କରାଯାଏ। ରୁଚି ବଢ଼ାଇବା ପାଇଁ ଗୋଲ ମରିଚ ଓ ବିଭିନ୍ନ ପ୍ରକାରର ଫଳ ମଧ୍ୟ ମିଶେଇ ପ୍ରସ୍ତୁତ କରାଯାଏ। ଏହି ପାନୀୟ ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳ ରଖେ ଏବଂ ପଣା ସଂକ୍ରାନ୍ତିର ପ୍ରମୁଖ ପ୍ରସାଦ ଭାବେ ବଣ୍ଟନ କରାଯାଏ।

ଏହି ଦିନରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନେକ ଲୋକ ପର୍ବ ପାଳନ ହୁଏ ସେଥି ମଧ୍ୟରୁ ଝାମୁ ଯାତ୍ରା ଏକ ପ୍ରସିଦ୍ଧପର୍ବ, ଯେଉଁଥିରେ ଭକ୍ତମାନେ ଜଳନ୍ତା ଅଙ୍ଗାର ଉପରେ ଚାଲି ନିଜ ଭକ୍ତି ଓ ମନସ୍କାମନା ପ୍ରକାଶ କରନ୍ତି। ଏହା ଦେବୀ ଉପାସନା ସହ ଜଡିତ ଏକ କଠିନ ଧାର୍ମିକ ଆଚାର । ତେବେ ପୁରୀ ଜିଲ୍ଲାର କାକଟପୁରର ମା ମଙ୍ଗଳା, ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ର ମା ସାରଳା ଓ କଟକ ଜିଲ୍ଲାର ବିଭିନ୍ନ ଶକ୍ତିପୀଠ/ଦେବାଦେବୀ ମନ୍ଦିରରେ ମଧ୍ୟ ଏହା ପାଳନ କରାଯାଏ । ଏହା ସହିତ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ନାଟ ମଧ୍ୟ ଚୈତ୍ର ମାସର ଏକ ପ୍ରାଚୀନ ଧାର୍ମିକ ଲୋକପର୍ବ। ଏଥିରେ ଦଣ୍ଡୁଆମାନେ ବ୍ରତ ପାଳନ କରି ଶିବ ଓ ଶକ୍ତିଙ୍କ ଉପାସନା କରନ୍ତି। ନୃତ୍ୟ, ଗୀତ, ନାଟକ ଓ ତପସ୍ୟା ଏହାର ମୁଖ୍ୟ ଅଂଶ । ଏହି ଦଣ୍ଡ ନାଟ ମହାବିଷୁବ ସଂକ୍ରାନ୍ତିରେ ଶେଷ ହୁଏ ଏହି ଶେଷ ଦିନରେ ହେଉଥିବା ଯାତ୍ରାକୁ ମେରୁ ଯାତ୍ରା ବୋଲି କୁହାଯାଏ, ଯାହା ଏହି ବ୍ରତର ସମାପନୀ ଉତ୍ସବ ଅଟେ। ପୁଣି ଏହି ଓଡ଼ିଆ ନବବର୍ଷ ରେ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ସ୍ୱତନ୍ତ୍ର ନୀତି ପାଳନ ହେଇଥାଏ । ଏହି ସମସ୍ତ ପର୍ବ ଓଡ଼ିଶାର ଧାର୍ମିକ ଭକ୍ତି, ସାଂସ୍କୃତିକ ଐତିହ୍ୟ ଓ ଲୋକପରମ୍ପରାର ପ୍ରତୀକ। ଏହା ଓଡ଼ିଆ ସଂସ୍କୃତିର ଗୌରବକୁ ପ୍ରକାଶ କରିଥାନ୍ତି ଏବଂ ସମାଜରେ ଏକତା ଓ ଆସ୍ଥାକୁ ଦୃଢ କରନ୍ତି।

ଏହି ନବବର୍ଷ ର ଉତ୍ସବ କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମ ଏବଂ ସେମାନଙ୍କ ନିଜସ୍ୱ ପରମ୍ପରା ରେ ପାଳନ କରାଯାଏ। ଯେମିତି କି ତାମିଲନାଡୁ ରେ ପୁଥାଣ୍ଡୁ, ଆନ୍ଧ୍ର ପ୍ରଦେଶରେ ଉଗାଦି, ମହାରାଷ୍ଟ୍ରରେ ଗୁଡ଼ି ପଡ଼ୱା , ପଞ୍ଜାବରେ ବୈଶାଖୀ , ଆସାମରେ ରଙ୍ଗୋଲୀ ବିହୁ, ପଶ୍ଚିମବଙ୍ଗରେ ପହିଲା ବୈଶାଖ, କେରଳରେ ବିଷୁ ,ଏହି ପରି ଭାବରେ ନବବର୍ଷକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ କେବଳ ନାମ ଓ ପ୍ରଥା ଭିନ୍ନ ଥାଏ। ତେବେ ସାରା ଓଡ଼ିଶାରେ ଏହି ଦିନ ଉତ୍ସବମୟ ପରିବେଶ ଦେଖିବାକୁ ମିଳେ। ଗ୍ରାମ ଓ ସହର ଉଭୟ ଅଞ୍ଚଳରେ ଲୋକମାନେ ଘର ସଫା କରି ନୂତନ ବସ୍ତ୍ର ପରିଧାନ କରି ମନ୍ଦିରକୁ ଯାଇ ପୂଜା-ଅର୍ଚ୍ଚନା କରନ୍ତି। ବେଲ ପଣା ପାନ କରିବା ଏହି ପର୍ବର ଏକ ବିଶେଷ ଆକର୍ଷଣ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ଦେଇଥାଏ। ଏହା ସହିତ ଦାନ-ଧର୍ମକରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇବା ଏହି ପର୍ବର ଅଂଶ ଅଟେ। ଏହି ଦିନଟି ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳିତ ହେଉଥିବାରୁ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କ ଭିଡ଼ ଲକ୍ଷ୍ୟ କରାଯାଏ। ଓଡ଼ିଆ ନବବର୍ଷ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଜୀବନ୍ତ ପ୍ରତୀକ ଭାବେ ପରିଚିତ। ଏହା ଲୋକମାନଙ୍କ ମଧ୍ୟରେ ସମ୍ପ୍ରିତି, ଏକତା ଓ ଭାଇଚାରାକୁ ଦୃଢ଼ କରେ ଓ ସାମାଜିକ ମୂଲ୍ୟବୋଧକୁ ଅବିକଳ ରଖିଥାଏ। ଓଡ଼ିଆ ନବବର୍ଷ କେବଳ ଏକ ପର୍ବ ନୁହେଁ, ବରଂ ଏହା ଓଡ଼ିଆ ଜାତିର ଗୌରବ ଓ ପରିଚୟର ଅଭିବ୍ୟକ୍ତି। ଏହା ନୂତନ ଆଶା ଓ ଉତ୍ସାହ ସହିତ ଜୀବନକୁ ଆଗକୁ ନେବାର ପ୍ରେରଣା ଦେଇଥାଏ। ଏହି ପରମ୍ପରା ଆମକୁ ଶିଖାଏ ଯେ ଜୀବନର ଗତି କେବଳ କାଳଚକ୍ରର ଆଗକୁ ବଢ଼ିବା ନୁହେଁ, ଏହା ଆତ୍ମବିଶ୍ୱାସ, ଆତ୍ମସଂଶୋଧନ ଓ ଆତ୍ମନିର୍ମାଣର ଏକ ନିରନ୍ତର ପ୍ରକ୍ରିୟା। ଏହି ଅର୍ଥରେ ଓଡ଼ିଆ ନବବର୍ଷ ହେଉଛି ନବଚେତନାର ଏକ ସୃଜନମୟ ଆରମ୍ଭ। ନବବର୍ଷ ଓଡ଼ିଆ ଜାତିର ସାଂସ୍କୃତିକ ପରିଚୟର ପ୍ରତୀକ। ଏହି ପରମ୍ପରା ଆଚାର-ବିଚାର ଓ ଉତ୍ସବମାନ ଓଡ଼ିଆ ସଂସ୍କୃତିକୁ ସଜୀବ ରଖେ । ଏହା ଲୋକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରମ୍ପରା ପ୍ରତି ଗର୍ବବୋଧ ବଢ଼ାଏ। ତେଣୁ ନବବର୍ଷ କେବଳ କାଳଗଣନାର ଆରମ୍ଭ ନୁହେଁ, ଏହା ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଉତ୍ସବ ଅଟେ।

# ମେଷ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ବୈଶାଖ ମାସ ହେଉଛି ପୂଜା ଦାନ ଧର୍ମର ମାସ ଏହି ମାସ ପ୍ରଭୁଙ୍କର କୃପାଲାଭ ପାଇଁ ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଅର୍ଘ ଦାନ କରିବା ଦ୍ୱାରା ଘରେ ସୁଖ ସମୃଦ୍ଧି ବଢ଼ିଥାଏ । ତୁଳସୀ ବିଷ୍ଣୁଙ୍କର ପ୍ରିୟ ହୋଇଥିବାରୁ ତା ମୂଳରେ ବସୁନ୍ଧରା ଠେକି ବାନ୍ଧି ଉପରେ ତାଳପତ୍ରର ଛାଇ କରି ଛିଦ୍ର ଥିବା ଠେକି ଟିଏ କୁଶ ଦ୍ୱାରା ରୁଦ୍ଧ କରାଯାଇଥାଏ । ଠେକିରେ ପାଣି ଦେଲେ ଟୋପେ ଟୋପେ ପାଣି ପଡି ତୁଳସୀ ମୂଳରେ ଜଳଦାନ ଜନିତ ଶାନ୍ତି ପ୍ରଦାନ କରିବା ସହ ମାତା ତୁଳସୀଙ୍କର ଆଶୀର୍ବାଦ ଲାଭକରନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଓ ଚନ୍ଦ୍ରର ଗତିକୁ ନେଇ ଆମ ଦେଶରେ ମାସ ଓ ବର୍ଷ ଗଣନା କରାଯାଇଥାଏ ସୂର୍ଯ୍ୟଙ୍କ ଗତି ଅନୁସାରେ ଗୋଟିଏ ସଂକ୍ରାନ୍ତିରୁ ଆଉ ଗୋଟିଏ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ଧରାଯାଉଥିବା ବେଳେ ଚନ୍ଦ୍ରଙ୍କ ଗତିକୁ ନେଇ ଗୋଟିଏ ପୂର୍ଣ୍ଣମୀରୁ ଆଉ ଗୋଟିଏ ପୂର୍ଣ୍ଣମୀ ଯାଏଁ ଏକମାସ ଭାବରେ ଗଣାଯାଇଥାଏ । ସୂର୍ଯ୍ୟଙ୍କ ବାର୍ଷିକ ଗତି ବା ରାଶିଚକ୍ର ୧୨ଟି ରାଶି ମଧ୍ୟ ଦେଇ ଗତି କରିଥାଏ ଏହି ଗତିକୁ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତି ଶବ୍ଦ ସଂସ୍କୃତ ଭାଷାର ସଂକ୍ରମଣ ଶବ୍ଦରୁ ଆସିଛି ।୧୨ଟି ରାଶିକୁ ନେଇ ହୋଇଥାଏ ୧୨ଟି ସଂକ୍ରାନ୍ତି । ତନ୍ମଧ୍ୟରୁ ବିଷୁବ ସଂକ୍ରାନ୍ତି ହେଉଛି ଶ୍ରେଷ୍ଠ ସଂକ୍ରାନ୍ତି । କାରଣ ଏହିଦିନ ସୂର୍ଯ୍ୟ ବିଷୁବରେଖା ଆଡକୁ ଉତ୍ତରାୟଣ ଗତି କରିଥାନ୍ତି ଓ ସୌରବର୍ଷର ପ୍ରଥମ ଦିନ ହୋଇଥାଏ । ଏହିଦିନ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରନ୍ତି ତେଣୁ ଏହି ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହନ୍ତି । ଏହିଦିନ ସୂର୍ଯ୍ୟ ବିଷୁବରେଖା ଉପରେ ରହୁଥିବାରୁ ଏହି ସଂକ୍ରାନ୍ତିକୁ ବିଷୁବ ସଂକ୍ରାନ୍ତି କୁହାଯାଏ । ସୂର୍ଯ୍ୟଙ୍କର ଉତ୍ତରାୟଣ ସମୟ ହେଉଛି ଦେବତାମାନଙ୍କର ଦିନ ଓ ଦକ୍ଷିଣାୟନ ସମୟ ହେଉଛି ରାତି । ଗୀତାରେ ଉଲ୍ଲେଖ ଅଛି , ସୂର୍ଯ୍ୟଙ୍କର ଉତ୍ତରାୟଣ କାଳରେ ମନୁଷ୍ୟର ମୃତ୍ୟୁ ହେଲେ ସେ ବ୍ରହ୍ମପ୍ରାପ୍ତି ହୁଅନ୍ତି ଅର୍ଥାତ ମୋକ୍ଷଲାଭ କରନ୍ତି ବୋଲି ବିଶ୍ୱାସ ରହିଛି । ହିନ୍ଦୁମାନେ ବିଷୁବସଂକ୍ରାନ୍ତିକୁ ଏକ ପୁଣ୍ୟ ଦିବସ ରୂପେ ମାନିଥାନ୍ତି କାରଣ ଆମେ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ବାସକରୁ ତେଣୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆମପାଇଁ ଅତି ପବିତ୍ର ସମୟ ଅଟେ । ଏହି ସମୟ ବୈଶାଖ ସଂକ୍ରାନ୍ତି ତିଥିରୁ ଆରମ୍ଭ ହେଉଥିବାରୁ ଏହାକୁ ମହାବିଷୁବସଂକ୍ରାନ୍ତି ବୋଲି କୁହାଯାଏ । ଓଡିଶାରେ ମହାବିଷୁବସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ । ଓଡିଆ ପଞ୍ଜିକା ଅନୁସାରେ ଏହିଦିନ ଓଡିଆ ନବବର୍ଷର ପ୍ରଥମ ଦିନ। ତେଣୁ ପ୍ରତ୍ୟେକ ଓଡିଆ ଘରେ ତଥା ଦେବଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ , ଭୋଗରାଗ, ହୋମ ଯଜ୍ଞାଦି ଅନୁଷ୍ଠିତ ହୁଏ । ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରେ ସାରା ଭାରତରେ ପାଳନ କରାଯାଏ ଏହି ମହାବିଷୁବସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି । ମହାବ୍ରହ୍ମଚାରୀ ପବନସୁତ ହନୁମାନଙ୍କ ଜନ୍ମଦିନ ଏହିଦିନ ହୋଇଥିବାରୁ ତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ । ସେ ଏକାଧାରରେ ଜ୍ଞାନୀ, ଗୁଣୀ, ସିଦ୍ଧିଦାତା, ବଳବାନ ଓ ଦୁଷ୍ଟବିନାଶକ । ବଜରଙ୍ଗବାଲୀଙ୍କ ନାମ ସ୍ମରଣ ମାତ୍ରେ ଟଳିଯାଏ ବିପଦ କାରଣ ସେ ଶକ୍ତି, ସାମର୍ଥ୍ୟ ଓ ସାହସ ପ୍ରଦାନକାରୀ ଦେବତା । ହନୁମାନ ପବନପୁତ୍ର ହୋଇଥିବାରୁ ଅଗ୍ନି ଓ ବାୟୁ ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ଏହିଦିନ ହନୁମାନଙ୍କ ଠାରେ ବିଭିନ୍ନ ଫଳମୂଳ ସହିତ ଛତୁଆ ଓ ପଣାଭୋଗର ବିଧି ପ୍ରଚଳିତ । ତେଣୁ ଏହି ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଏ । ଶକ୍ତି ବୃଦ୍ଧି ପାଇଁ ଚଣା, ଗୁଡ ଓ ବେସନ ପ୍ରସ୍ତୁତ ଲଡୁ ହନୁମାନଙ୍କ ପାଖରେ ଲାଗେ। ଦିନସାରା ହନୁମାନ ଚାଳିଶା, ସଂକଟମୋଚନ ଚଉତିଶା, ତୁଳସୀ ରାମାୟଣ ପାଠ କରାଯାଏ । ହନୁମାନଙ୍କ ପ୍ରତିମାରେ ସିନ୍ଦୂର ଲଗାଯାଏ । ନାମ ଜପ କରାଯାଏ । ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ତାଙ୍କୁ ଶୋଷ ଲାଗିବାରୁ ଅର୍ଜୁନ ଏକ ଶରମାରି ପୃଥିବୀ ପୃଷ୍ଠରୁ ଜଳଧାର ସିଧା ତାଙ୍କ ପାଟିରେ ଦେଇ ତୃଷା ମେଣ୍ଟାଇଥିଲେ ଏହିଦିନ ଥିଲା ବିଷୁବ ସଂକ୍ରାନ୍ତି । ତୃଷା ମେଣ୍ଟିବା ପରେ ଭୀଷ୍ମ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ ଯେ ଯେଉଁ ବ୍ୟକ୍ତି ଏହି ସମୟରେ ତୃଷାର୍ତ୍ତଙ୍କୁ ଜଳଦାନ ଦେବ ତାହାର ସମସ୍ତ ପାପ କ୍ଷୟ ହେବା ସହ ସେ ପୁଣ୍ୟ ଅର୍ଜନ କରିବ । ଫଳରେ ଏହିଦିନ ଲୋକମାନେ ପୁଣ୍ୟ ଅର୍ଜନ ପାଇଁ ଜଳଦାନ କରିଥାନ୍ତି । ଏହିଦିନ ଶିବଲିଙ୍ଗ, ଶାଳଗ୍ରାମ, ଅଶ୍ୱସ୍ଥ ଓ ତୁଳସୀକୁ ଜଳ ଅର୍ପଣ କରାଯାଏ । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ବିଷୁବରେଖା ଆଡକୁ ଗତି କରୁଥିବାରୁ ପ୍ରଚଣ୍ଡ ଖରା ବା ବିଷୁବ ରେଖାର ତୀର୍ଯ୍ୟକ କିରଣ ଏହି ସମୟରେ ପୃଥିବୀ ପୃଷ୍ଠରେ ପଡେ ଫଳରେ ପୃଥିବୀ ଉତ୍ତପ୍ତ ହେବାରେ ଲାଗେ। ସୂର୍ଯ୍ୟଙ୍କର ତେଜ ଗତି ଫଳରେ ମାନବ ସମାଜ, ଜୀବଜଗତ, ବୃକ୍ଷଲତା ସମସ୍ତେ ପ୍ରଭାବିତ ହୋଇଥାଆନ୍ତି । ନଦୀ, ନାଳ କୂପ, ଜଳାଶୟ ଶୁଖି ଯାଇଥାଏ । ତେଣୁ ଏହି ଗରମ ତେଜରୁ ରକ୍ଷା କରିବାପାଇଁ ଜଳଛତ୍ରମାନ ଖୋଲାଯାଇଥାଏ । ଲେମ୍ବୁପଣା, ମିଶ୍ରିପଣା, ଦହି ସରବତ, ଆଖୁପଣା, ବେଲପଣା ପିଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ଓ ଜଳଶୁଷ୍କତା ଦୂର ହୁଏ । ଦୋକାନ ମାନଙ୍କରେ ଫଳରସ ଓ ଲସି ବିକ୍ରୀ ହେଉଥିବାର ଦେଖାଯାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପଣା ସଂକ୍ରାନ୍ତି ଦିନ ଜଳଛତ୍ର ଖୋଲାଯାଇ ରାସ୍ତାରେ ଯାଉଥିବା ପଥିକ ମାନଙ୍କର ତୃଷା ନିବାରଣ କରାଯାଏ । ତେଣୁ ଏହାର ଅନ୍ୟ ନାମ ଜଳଦାନ ସଂକ୍ରାନ୍ତି । ଏହିଦିନ ଚଉରାରେ ବସୁନ୍ଧରା ଠେକି କରାଯାଇ ତୁଳସୀ ଗଛ ଉପରେ ଛାମୁଣ୍ଡିଆ ବନ୍ଧାଯାଇ ନଡିଆ ବାହୁଙ୍ଗା ଓ ଜାମୁ ଡାଳରେ, ଛାୟା ପ୍ରଦାନ କରାଯାଏ ଏବଂ ଠେକିରେ ଜଳରଖି, ଅତିକ୍ଷୁଦ୍ର କଣାକରି କୁଟାଖଣ୍ଡରେ ବନ୍ଦ କରି ସରୁ ଜଳଧାରର ବ୍ୟବସ୍ଥା କରାଯାଇଥାଏ । ତୁଳସୀ ଗଛ ରୋପଣ, ପାଳନ, ପୂଜନ ପ୍ରତ୍ୟେକ ହିନ୍ଦୁ ପରିବାରର ପରମ୍ପରା । ଏହା ମୂଳରେ ସର୍ବ ଦେବତାଙ୍କ ବାସ ଓ ତୁଳସୀ ତ୍ରିତାପ ନାଶକାରୀ ତେଣୁ ବୈଶାଖ ରୌଦ୍ରରୁ ରକ୍ଷା କରିବା ପାଇଁ ପ୍ରତିଦିନ ବସୁନ୍ଧରା ଠେକିରେ ପାଣି ଦିଆଯାଏ । ଜଳଧାର ଯେପରି ଟୋପା ଟୋପା ହୋଇ ତୁଳସୀ ଗଛରେ ମାସକ ଯାକ ପଡିବ ସେହିପରି ବ୍ୟବସ୍ଥା କରାଯାଇଥାଏ । ତେଣୁ ଏହାକୁ ଠେକି ବସା ସଂକ୍ରାନ୍ତି କୁହାଯାଏ ।

ଏହି ସମୟରେ ଶକ୍ତିପୀଠ ମାନଙ୍କରୁ କୁମ୍ଭସଂକ୍ରାନ୍ତି ପରେ ଦେବୀଙ୍କ ଘଟ ଗ୍ରାମମାନଙ୍କୁ ନେଇ ପାଟୁଆମାନେ ରଣପା ଚଢି ଘଣ୍ଟ ବଜାନ୍ତି । ଏହି ଘଟ ନିକଟରେ ଗ୍ରାମବାସୀ ଭୋଗ କରନ୍ତି ସିନ୍ଦୂର ଫୁଲ ଗ୍ରହଣ କରି ଘଣ୍ଟ ପାଟୁଆ ମାନଙ୍କୁ ଦକ୍ଷିଣା ଦେଇ ସେମାନଙ୍କ ପିଲାଙ୍କୁ ରୋଗମୁକ୍ତ ହେବା ନିମିତ କାମନା କରିଥାନ୍ତି । ରୋଗମୁକ୍ତ ହେଲାପରେ ଘଣ୍ଟକୁ ମୁଣ୍ଡିଆ ମାରି ଅଗ୍ନିରେ ଚାଲିବା ପାଇଁ ମାନସିକ କରିଥାନ୍ତି ଯାହାକୁ ଝାମୁ ଚଲା କୁହାଯାଏ । ଧର୍ମ ଅର୍ଜନ ପାଇଁ ତତଲା ବାଲିରେ ଗଡିବା ଓ ନିଆଁରେ ଚାଲିବା ପରମ୍ପରାକୁ ଝାମୁଯାତ୍ରା କୁହାଯାଏ। ପ୍ରାୟ ଦୁଇଫୁଟ ଓସାର, ଏକଫୁଟ ଗଭୀର ଓ ୧୨ ଫୁଟ ଲମ୍ବର ପହି ଖୋଳି ସେଥିରେ କାଠ କୋଇଲା ଭର୍ତ୍ତି କରି ନିଆଁ ଲଗାଯାଏ । ପହିର ଦୁଇ ମୁଣ୍ଡରେ ପାଣି ରଖାଯାଏ । ନିଆଁ ବା ଝାମୁରେ ଚାଲିଲାପରେ ଏହି ପାଣିରେ ଗୋଡ ଓଦା କରିବାକୁ ହୁଏ । ଖରାବେଳେ ଏହି ପାଟୁଆ ନାଚ ସହ ଝାମୁ ଚଲା ଦେଖିବା ପାଇଁ ଦେବୀ ପୀଠ ମାନଙ୍କରେ ଭିଡ ଲାଗିଥାଏ । ଏହି ପରମ୍ପରାକୁ ଝାମୁ ଯାତ୍ରା କୁହାଯାଏ । ଏହି ସମୟରେ ଦଣ୍ଡ ଯାତ୍ରା ମଧ୍ୟ ହୁଏ । ଦଣ୍ଡ ଯାତ୍ରା ମୀନସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତିରେ ଶେଷ ହୁଏ । ଏହା ଶିବ ପାର୍ବତୀ କାହାଣୀକୁ ନେଇ ରଚିତ। ଶିବକୃପା ପାଇବା ପାଇଁ ଦଣ୍ଡୁଆମାନେ ଦଣ୍ଡଯାତ୍ରାରେ ଦଣ୍ଡନୃତ୍ୟର ଆୟୋଜନ କରିଥାନ୍ତି । ଶେଷରେ ପଣାସଂକ୍ରାନ୍ତି ପୂର୍ବ ଦିନ ମେରୁ ଦିନ ଦଣ୍ଡଯାତ୍ରାର ସମାପ୍ତି କରିଥାନ୍ତି । ଏହିଦିନ ଦଣ୍ଡ ପାଟୁଆ ମାନେ ଶରୀରକୁ କଷ୍ଟ ଦେବାପାଇଁ ଦେହରେ କଣ୍ଟା ଫୋଡିଥାନ୍ତି ବା ନିଆଁରେ ଚାଲିଥାନ୍ତି । ଏପରି କରିବାକୁ ଲୋକେ ମେରୁଯାତ୍ରା ବା ଝାମୁ ଯାତ୍ରା କହନ୍ତି । ଗଞ୍ଜାମ, ନୟାଗଡ, ଦଶପଲ୍ଲା, ଖଣ୍ଡପଡା, ରଣପୁର ଅଂଚଳରେ ଦଣ୍ଡଯାତ୍ରା ଦେଖାଯାଏ । ଚୈତ୍ରମାସର ପ୍ରତ୍ୟେକ ମଙ୍ଗଳବାର କାକଟପୁର ମଙ୍ଗଳାଙ୍କ ଠାରେ ଝାମୁଯାତ୍ରା ହୋଇଥାଏ । ଅନେକ ଦେବୀ ପୀଠରେ ଝାମୁଯାତ୍ରା ହୋଇଥାଏ । ଏହି ଝାମୁ ଯାତ୍ରା ଅନେକ ପ୍ରକାରର ଯଥା ଅଗ୍ନି ଝାମୁ, ହାଣ୍ଡୋଳ ଝାମୁ, କର୍ଣ୍ଣଝାମୁ ଓ ପାଟକଣ୍ଟା ଝାମୁ ହାଣ୍ଡୋଳ ଝାମୁରେ ଦୁଇଟି ଖୁଣ୍ଟ ପୋତି ଏହା ଉପରେ ଏକ କାଠ ସିଧା ଭାବରେ ପକାଇ ଦିଆଯାଏ । ଏହି କାଠରେ ଦଣ୍ଡୁଆମାନେ ତଳେ ଜଳୁଥିବା ନିଆଁକୁ ମୁହଁ କରି ଝୁଲି ରହିଥାନ୍ତି । ଏହି ଝୁଲି ରହିବା ବେଳେ ନିଆଁରେ ଝୁଣା ମରାଯାଏ । ଅଗ୍ନିଝାମୁରେ ୧୩ ହାତରୁ ୨୧ ହାତ ପର୍ଯ୍ୟନ୍ତ ଦୁଇ ଆଙ୍ଗୁଳି ଗଭୀରତାର ମାଟି ଖୋଳାଯାଇ ସେଥିରେ ଅଙ୍ଗାର ନିଆଁ ଜଳୁଥାଏ ଏହାର ଦୁଇ ପାର୍ଶ୍ୱରେ ଗାଡ ଖୋଳାଯାଇ କ୍ଷୀର ଭର୍ତ୍ତି କରାଯାଏ । ପାଟ ଦଣ୍ଡୁଆ ମାନେ ରଡ ନିଆଁରେ ଚାଲି କ୍ଷୀର ଭର୍ତ୍ତି ଗାତରେ ଗୋଡ ଧୋଇ ଭକ୍ତଙ୍କୁ ଧରି ନିଆଁରେ ଚାଲିବା ପରେ ଅନ୍ୟ ଦଣ୍ଡୁଆ ମାନେ ଚାଲନ୍ତି । କର୍ଣ୍ଣଝାମୁ ବା ପାଟକଣ୍ଟା ଝାମୁରେ ଦଣ୍ଡୁଆମାନେ କଣ୍ଟା ଗଦାରେ ପଡିବା ସହ ଲୁହାକଣ୍ଟାକୁ ପିଠି ଅଣ୍ଟା ବା କେହି କେହି ପାଟିରେ ଭର୍ତ୍ତିକରି ଏକ ଖୁଣ୍ଟରେ ଝୁଲିଥାନ୍ତି । ପଞ୍ଜାବ, ହରିୟାଣାରେ ଏହିଦିନ ପାଳନ କରନ୍ତି ବୈଶାଖି, ଆସାମରେ ବୋହାଗ ବିହୁ ,ବଙ୍ଗରେ ପୋହେଲା ବୈଶାଖ, ତାମିଲରେ ପୁଥାଣ୍ଡୁ ଏବଂ କେରଳରେ ଭିଷୁ କହିଥାନ୍ତି । ଆଉ କେତେକ ସ୍ଥାନରେ ,ଏହାକୁ ଜଳ ସଂକ୍ରାନ୍ତି କହନ୍ତି । ମାତ୍ର ଓଡିଶାର ସଂସ୍କୃତି ଓ ପରମ୍ପରା ରେ ଏହାକୁ ମହାବିଷୁବ ସଂକ୍ରାନ୍ତି, ପଣା ସଂକ୍ରାନ୍ତି ନାମରେ ଅଭିହିତ କରାଯାଇଛି । ଏହିଦିନ ଓଡିଆ ନବବର୍ଷ ପାଳନ ସହ ନୂତନ ପାଞ୍ଜିର ପ୍ରଚଳନ କରାଯାଇଥାଏ । ଓଡିଶାରେ ଏହି ଦିନ ପାଳନର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୭୮

## ରାଜା ବିରାଟଙ୍କ ଭ୍ରାନ୍ତି ଦୂରହେଲା-୧



ତ୍ରିଗର୍ତ୍ତ ରାଜ୍ୟର ରାଜା ସୁଶର୍ମାଙ୍କୁ ପରାସ୍ତ କରି ରାଜା ବିରାଟ ଫେରିଲେ ରାଜଧାନୀ। ସେ ଖୁବ୍ ଖୁସିଥିଲେ। କିନ୍ତୁ ପ୍ରାସାଦରେ ପୁଅ ଉତ୍ତରକୁ ଦେଖିଲେ ନାହିଁ। କୁଆଡେ ଗଲା ?

ନାରୀମାନେ କହିଲେ- ରାଜକୁମାର ଯାଇଛନ୍ତି ଉତ୍ତର ଦିଗକୁ। କୌରବ ସେନାଙ୍କ ସହ ଯୁଦ୍ଧ କରିବାକୁ।

ଯୁଦ୍ଧ କରିବାକୁ ? ସେ ଯେ ବାହାର ଦୁନିଆ ଦେଖିନାହିଁ ! ମାଆର ପଣତ ତଳେ ବଢ଼ିଚି। କେମିତି ସେ ଯୁଦ୍ଧ କରିବ ନା, ସେ ଜୀବନରେ ନଥିବ।

ରାଜା ବିରାଟ ପ୍ରାୟ କାନ୍ଦିଲେ। ସେ କେତେଜଣ ଯୋଦ୍ଧାଙ୍କୁ ପଠେଇଲେ, ପୁଅ କେଉଁଠି କେଉଁ ଅବସ୍ଥାରେ ଅଛି ଜାଣିବାକୁ। ଏବଂ ଯଦି ଜୀବନରେ ଥାଏ ତାକୁ ସହସା ଫେରେଇ ଆଣିବାକୁ।

ସେଠି ଉପସ୍ଥିତ ଥିଲେ ସନ୍ନ୍ୟାସୀ କଙ୍କ (ଯୁଧିଷ୍ଠିର)।

ସେ କହିଲେ ରାଜାଙ୍କୁ- ରାଜକୁମାରଙ୍କର କିଛି କ୍ଷତି ହୋଇନଥିବ। ବୃହନ୍ନଳା ତାଙ୍କ ସହ ଯାଇଛନ୍ତି। ବୃହନ୍ନଳାଙ୍କୁ ମହାରାଜ ଜାଣିନାହାଁନ୍ତି। ସେ ଯେଉଁ ରଥରେ ଥିବେ, ବିଜୟ ସୁନିଶ୍ଚିତ। ମୁଁ ତାଙ୍କୁ ଜାଣେ। ଅର୍ଜୁନଙ୍କଠୁ ସେ ଯୁଦ୍ଧବିଦ୍ୟା ଶିକ୍ଷା କରିଛନ୍ତି।

ଇତ୍ୟବସରେ ଯୁଦ୍ଧ କ୍ଷେତ୍ରରୁ ସମ୍ବାଦ ସଂଗ୍ରହ କରି ଦୂତମାନେ ଫେରିଲେ। ଜଣେଇଲେ କି ରାଜକୁମାର ଏକୁଟିଆ କୌରବଙ୍କ ବିଶାଳ ସେନାଙ୍କୁ ପରାସ୍ତ କରିଛନ୍ତି। ସେ ଖୁବ୍‌ଶୀଘ୍ର ପହଞ୍ଚିବେ।

"ମୁଁ କହୁନଥିଲି ! ବୃହନ୍ନଳା, ଯେଉଁଠି ସାରଥୀ ହୋଇଥିବେ ବିଜୟ ନିଶ୍ଚିତ। ତାଙ୍କ ପରି ସାରଥୀ ଇନ୍ଦ୍ରଙ୍କ ସାରଥୀ ସହ ସମାନ।"- କହିଲେ କଙ୍କ।

ରାଜା ବିରାଟ ଏତେ ଖୁସିଥିଲେ ଯେ 'କଙ୍କ'ଙ୍କର କଥାର ପ୍ରତିବାଦ କଲେନାହିଁ। ରାଜକୁମାରଙ୍କ ବିଜୟ ଉତ୍ସବ ପାଳନ ନିମନ୍ତେ ସେ ନିର୍ଦ୍ଦେଶ ଦେଲେ।

ଏବଂ କଙ୍କ ସହ ରାଜା ତାଙ୍କର ପ୍ରକୋଷ୍ଠକୁ ଚାଲିଗଲେ। ଅତ୍ୟଧିକ ଖୁସିଥିବାର ପ୍ରମାଣ ସ୍ୱରୂପ ସେ ସୈରିନ୍ଧ୍ରୀକୁ କହିଲେ- ପଶା ନେଇଆସ। ମୁଁ ବାଜିଏ ପଶା ଖେଳିବି, କଙ୍କ ସହ।

ଖେଳ ଆରମ୍ଭ ହେଲା।

ଖେଳ ଭିତରେ ରାଜା, ପୁଅର ବୀରତ୍ୱର ପ୍ରଶଂସା କରୁଥିଲେ।

"ଦେଖିଲ କଙ୍କ, ମୋ ପୁଅର ବୀରତ୍ୱ ଦେଖିଲ ! କୌରବ ସେନା ଛାଡ଼ି ପଳେଇଲେ। ସତରେ ମୁଁ ଗର୍ବିତ।"- ରାଜା କହୁଥିଲେ।

କଙ୍କ କହିଲେ, "ବାସ୍ତବରେ ରାଜକୁମାର ବହୁତ ଭାଗ୍ୟବାନ। ନୋହିଲେ ବୃହନ୍ନଳାଙ୍କୁ ସେ ରଥ ଚାଳକ ରୂପେ ପାଇନଥାନ୍ତେ।"

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଓଡ଼ିଆ ନୂଆ ବରଷ

*ସୁଧାକର ରାଉତ*

ଡହ ଡହ ଖରା ଖାତିର ନକରି
ପଣା ସଂକରାନ୍ତି ଆସି
ଡାକୁଛି ଦୁଆରେ ବାଣ୍ଟିବାକୁ ପରା
ପଣା ସହିତରେ ଖୁସି ।

ନଡ଼ିଆ, ମିଠା, ଦହି, ଗୁଡ ଓ କ୍ଷୀରରେ
ମିଶି ଅଛି ପରା ଛେନା
ସେ ପଣା ସୁଆଦ ଜାଣନ୍ତି ସରବେ
କେ କରିବ ତାକୁ ମନା ।

ଦେବାଳୟେ ଭିଡ ଲାଗି ରହିଥାଏ
ଆଜି ଏ ପବିତ୍ର ଦିନେ
ନୈବେଦ୍ୟ ଭୋଗ ଅର୍ପିଥାନ୍ତି ସରବେ
ଭକ୍ତି ଭାବ ଧରି ମନେ ।

ମହାବୀର ପ୍ରଭୁ ହନୁମାନଙ୍କର
ଜୟନ୍ତୀ ଉତ୍ସବ ଆଜି
ପାଳନ କରନ୍ତି ପୁରପଲ୍ଲୀ ଜନେ
ଶ୍ରଦ୍ଧା ଓ ଭକ୍ତିରେ ଭିଜି ।

ଓଡ଼ିଆ ନୂଆ ବର୍ଷ ରୂପେ ଏ ତିଥି
ପାଳିଥାନ୍ତି ଘରେ ଘରେ
ପିଠା ପଣାର ମହକ ସଂଗେ ସଂଗେ
ଉଲ୍ଲାସରେ ମନ ଭରେ ।

ଏ ପୁଣ୍ୟ ତିଥିରେ ଉତ୍ସବ ମୁଖର
ହୁଅଇଟି ରାଜ୍ୟ ସାରା
ଭାବ ଭକ୍ତିମୟ ପରିବେଶ ସତେ
ହସେ ଉତ୍କଳର ଧରା ।

ମହାବିଷୁବ ସଂକ୍ରାନ୍ତିଟି ଅଟଇ
ବରଷର ଆଦ୍ୟ ପର୍ବ
ଧାର୍ମିକ ଭାବ ସୃଷ୍ଟିକରି ରଖିଛି
ଆମ ଗଉରବ ଗର୍ବ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ବୈଶାଖ

*ହୃଦାନନ୍ଦ ସୁନାନୀ*

ବୈଶାଖ ମାସ ଆସିଲାଣି
ଧୀରେ ଧୀରେ ତାତି ବଢ଼ିଲାଣି
ଆମ୍ବ, ମହୁଲରେ ପ୍ରକୃତି
କି ସୁନ୍ଦର ଦୃଶ୍ୟ ଏ ଧରଣୀ (୦)

ସତେ କି ଟାଣ ଖରା ପେଷି
ଦେବ ଏବେ ଆହା ଦିନମଣୀ
ତାତିରେ ଭିଜେ କୃଷ୍ଣ ଚୂଡ଼ା
ତା ଫୁଲ ଲାଲ ହୁଏକି ଜାଣି (୧)

ରାସ୍ତା ବି ହେବ ବେଶି ତାତି
ଝାଳ ବେଶି ଖାଲି ବାହାରିବ
ପବନ ବେଶି ବହେ କ୍ଷତି
କରେ ଧନ ଜୀବନ, ମାନବ (୨)

ବିଜୁଳିକୁ ଲାଗଇ ଡର
ଏ ସମୟେ ବୃକ୍ଷେ ନ ଲୁଚିବ
ବୈଶାଖ ମାସ ଧର୍ମ ମାସ
ପୂଜା କର୍ମ ମାନ ଯେ କରିବ (୩)

*କଳାହାଣ୍ଡି*
*ମୋ-୯୧୭୮୫୪୪୮୫୯*





# ବାଦଲଙ୍କ ମେଳଣ

*ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ*



ଗଛମାନେ ଚୁପ୍ ଚାପ୍ କଥା ହେଉ ନାହାନ୍ତି
ପତର ବି ଚୁପ୍ ଚାପ୍ ଟିକେ ହଲୁ ନାହାନ୍ତି
ମଲ୍ଲୀ ହୋଇ ଫୁଲେଇ
ମହମହ ବାସନାକୁ ରଖିଛି ସେ ଠୁଳେଇ।
କୃଷ୍ଣଚୂଡ଼ା ରାଧାଚୂଡ଼ା ଫୁଟି ଗଛଡାଳରେ
ଦେଖାନ୍ତି ଚାତର କେତେ ଏଇ ଖରାକାଳରେ
ସବୁ ଆଡ଼ ଶୁଖିଛି
ବାଟଘାଟ ଶୁନ୍‌ଶାନ୍ ଖାଁ ଖାଁ ଲାଗୁଛି।
ମେଘ ନାହିଁ ଆକାଶରେ ପାଣି ଟୋପେ ଝରୁନି
ପୋଖରୀ ଶୁଖି ପଡ଼ିଛି କିଏ ପାଣି ଭରୁନି ବାଦଲଙ୍କ ମେଳଣ
ବରଷା ଆସିବାପାଇଁ ଲାଗିଲାଣି ଝୁଲଣ।



ଚନ୍ଦନଯାତକୁ ଯିବେ ବିମାନରେ ଠାକୁର
ଚାପଖେଳ ଦେଖିବାକୁ ଭକ୍ତମନ ଆତୁର
ଦରଶନ କରିବେ
ବରଷକେ ଥରେ ଦେଖି ନିଜ ମନେ ବରିବେ।
ଗିରିଷମ ଡାକି କହେ ଶୁଣ ଆଗୋ ବରଷା
ତୁମପାଇଁ ଏଇ ଭୂଇଁ ହୋଇଯିବ ସରସା
ଋତୁଚକ୍ର ରହିଛି
ଜଣେ ଗଲେ ଆଉ ଜଣେ ଆସିବାକୁ କହିଛି।

*କ୍ୱାର୍ଟର ନମ୍ବର ଆଇ ଭି ୫୦/୧*
*ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର*
*ଭ୍ରାମ୍ୟଭାଷ :୬୩୭୨୯୧୫୪୧୮*

# ଗ୍ରୀଷ୍ମଋତୁ

*ଅମରନାଥ ବାରିକ୍*

ଆସିଗଲା ଖରା ତାତି
ଦିନ ବଡ଼ ଛୋଟ ରାତି
ଖାଇଲେ ଅଳପ ପିଇଲେ ଅଧିକ
ତେବେ ମିଳିବ ମୁକତି ।

ବହିଯାଏ ଦେହେ ଝାଳ
ସହିବା ତ ଅସମ୍ଭାଳ
ଲାଗଇ ଆରାମ ଖାଉଥିଲେ ନିତି
ଦହି ସାଥିରେ ପଖାଳ ।

ତରଭୁଜ ଲେମ୍ବୁ ପାଣି
କାକୁଡ଼ି ଡ଼ାବ ତୋରାଣି
କରେ ଯେ ସେବନ ଏହି ଗ୍ରୀଷ୍ମ କାଳେ
ଅଂଶୁଘାତ ଦୂର ପୁଣି ।

ମୁଣ୍ଡରେ ଓଦା କପଡ଼ା
ଚପଲ ଓ ଛତା ମଡ଼ା
ବାହାରିବ ଯଦି ଖରାକୁ କାମରେ
ପାଣି ବୋତଲଟି ଲୋଡ଼ା ।

ସରବତ ବେଲ ପଣା
ଏ କଥାଟି କି ଅଜଣା
ରଖଇ ସତେଜ ସବଳ ଶରୀର
ବୁଦ୍ଧି ହେବ ନାହିଁ ବଣା ।

ଆମିଷ ଭୋଜନ ତେଜ
ସବୁଜ ପରିବା ହେଜ
ତଟକା ମଧୁର ଫଳମୂଳ ଖାଇ
ଜୀବନେ କର ମଉଜ ।

*କୟାଁ, ମଙ୍ଗଳପୁର, ଯାଜପୁର*
*ଦୂରଭାଷା- ୯୫୪୦୩୦୮୦୯୫*

# ଆସୁଛି ଅକ୍ଷୟ ତୃତୀୟା

*ନୀଳମଣି ଚାନ୍ଦ*



ଝିଙ୍କାରି ଗାଇଲା ଝିଇଁ ଝିଇଁ ସୁରେ
ତୋଟା ମାଳଟିରେ ଥାଇ
ଆଗକୁ ଆସୁଛି ଅକ୍ଷୟ ତୃତୀୟା
ଭୁଲିବୁନି ଚଷାଭାଇ ।
ମୁଠି ଅନୁକୂଳ ହେବ ସେହିଦିନ
ହଳ ଲଙ୍ଗଳକୁ ନେଇ
କ୍ଷେତଟି ଚଷିବ ବିହନ ବୁଣିବ
ଶୁଭଦିନଟିଏ ଏହି ।
ବୈଶାଖର ଶୁକ୍ଳ ତୃତୀୟା ତିଥି ଏ
ଚାଲିବ ଯେ ରଥଗଡ଼ା
ହୋଇବ ଚନ୍ଦନ ଯାତଟି ଆରମ୍ଭ
ହୋଇଛି ପାଞ୍ଜିରୁ ପଢ଼ା।
ଅକ୍ଷୟ ତୃତୀୟା 'କୃଷକ ଦିବସ'
ଭାବରେ ପାଳିତ ହୁଏ
ଏ ଅବସରରେ ଶୁଭ କାର୍ଯ୍ୟ ହୁଏ
ତେଣୁ ଭୁଲିବାର ନୁହେଁ ।
କଳଲଙ୍ଗଳଟି ବିସ୍ତାର କରିଛି
ଆଜି କ୍ଷେତଟିରେ କାୟା
ଅକ୍ଷୟ ତୃତୀୟା ଲଗେଇ ଦେଇଛି
ଚାଷୀ ଭାଇକୁରେ ମାୟା ।
ଓଡ଼ିଆର ନବବର୍ଷଟି ଆରମ୍ଭ
ଏ କଥା ରଖିବା ମନେ
ଆମ ସଂସ୍କୃତିକୁ ନ ଭୁଲି ହୋଇବି
ଖାଣ୍ଟି ଓଡ଼ିଆ ମୁଁ ଜଣେ ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର-୨୯*
*ମୋ-୯୫୮୩୨୦୨୩୫୭*

# ପବିତ୍ର ଅକ୍ଷି ତୃତୀୟା...

*ରାମଚନ୍ଦ୍ର ବେହେରା*

ବଇଶାଖ ଶୁକ୍ଳ ତୃତୀୟା ତିଥିରେ
ଉଚ୍ଛୁଳିବ ସାରା ଦେଶ
ଚଷାପୁଅ ଆମ ଅକ୍ଷି ମୁଠି ବୁଣି
ଆରମ୍ଭ କରିବ ଚାଷ।
ଗହୀର ବିଲରେ ଧରଣୀ ମାଆଙ୍କୁ
ପୂଜିବ ହରଷ ମନେ
ଜଳ ସଂକଟରୁ ସୁରକ୍ଷା ନିମନ୍ତେ
ଗୁହାରି କରିବ ଧ୍ୟାନେ।
ଧୂପ ନୈବେଦ୍ୟରେ ପୂଜିବ ମାତାଙ୍କୁ
ଫୁଲ ଓ ଚନ୍ଦନ ଦେଇ
ହସିଉଠୁ ତା'ର ସୁନା ଧାନ କ୍ଷେତ
ପ୍ରାର୍ଥନା କରିବ ସେହି।



ନୂଆ ଗଉଣିରେ ଧାନ ମଞ୍ଜି ନେଇ
ଶ୍ରଦ୍ଧାର ସହ ବୁଣିବ
ମାତା କମଳାଙ୍କ ଶୁଭାଶିଷ ବଳେ
ତା'କ୍ଷେତ ପୂରି ଉଠିବ।
ଅକ୍ଷି ତୃତୀୟାରୁ ଚନ୍ଦନ ଯାତରା
ହେବ ପୂଣ୍ୟ ଚାପଖେଳ
ରଥ ଅନୁକୂଳ ହେବ ବଡ଼ଦାଣ୍ଡେ
ପୂଜା କରି ଆଜ୍ଞାମାଳ।
ଅକ୍ଷି ତୃତୀୟାର ଶୁଭ ମୁହୂର୍ତ୍ତରେ
ଯିଏ ଶୁଭ କାମ କରେ
ଲକ୍ଷ୍ମୀଙ୍କ କୃପାରୁ ତା'ଭଣ୍ଡାର ଘର
ଧନ ଐଶ୍ୱର୍ଯ୍ୟରେ ଭରେ।
ଆସ ଆମେ ସର୍ବେ ଅକ୍ଷି ତୃତୀୟାରେ
ପାଖ ମନ୍ଦିରକୁ ଯାଇ
ମାତା କମଳାଙ୍କୁ ଗୁହାରି କରିବା
ନିୟମିତ ବର୍ଷା ପାଇଁ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ହସୁଚି ଖରା

*ପ୍ରଶାନ୍ତ କୁମାର ଦାଶ*

ଖରାବେଳଟାରେ ଗୀତ ଗାଉଥିଲା
କ୍ଷେତରେ କୃଷକ ଭାଇ
ଝାଳ ସର ସର ଦେହଟା ଖୋଜିଲା
ଶୀତଳ ପବନ ଛାଇ ।।

ପାଣି ନାହିଁ ନଇ ପୋଖରୀ ଶୁଖିଛି
ଜୀବ ଜନ୍ତୁ କଲ ବଲ
ବଣର ଗଛରେ ଉହଳ ବିକଳ
ଚଢ଼େଇ ଯେ ପଲ ପଲ ।।

ଉହ ଉହ ଖରା ତାତିଲା ପବନ
ତତାଉଚି ମାଟି ଛାତି
ଲାଗୁଚି ଆରାମ ଦିନ ଗଲା ପରେ
ଆସିଲେ ନୀରବ ରାତି ।।

ଦହି ପଖାଳରେ ସଭିଙ୍କର ମନ
ଗରମ ଭାତକୁ ଡର
ଖରାବେଳେ କୁନା ବସି ପଙ୍ଖା ତଳେ
ଛାଡୁ ନାହିଁ ଜମା ଘର ।।


ଗଛ ଝାଉଁଳିଚି ଫୁଲ ମଉଳିଛି
ମାଳିଭାଇ କରେ ଦୁଃଖ
ଡହ ଡହ ଖରା ଆସି ସଭିଙ୍କର
ଲୁଟିନିଏ ସବୁ ସୁଖ ।।

ବୋଉ ହସି ହସି କୁନାକୁ କହଇ
ଖରାକୁ ଡରନା ଧନ
ଖରାତ ଆସିଛି ଦିନେ ଫେରିଯିବ
ପାଠରେ ଲଗାଡୁ ମନ ।।

*କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

# ଆସ ବହିଟିଏ କିଣିବା

*ସୁରମା ମିଶ୍ର*



ଆସ ବହିଟିଏ କିଣିବା
ମନ ଦେଇ ତାକୁ ପଢ଼ିବା
ଓଡ଼ିଆ ଭାଷାକୁ ଜାଣିବା
ଓଡ଼ିଆ ଭାଷାରେ ଲେଖିବା ॥

ଜ୍ଞାନ ଆହରଣ କରିବା
ତାହାକୁ ଆମେ ବିତରିବା
ଆମ ଭାଷା କରି ବିନିମୟ
ବିଶ୍ୱେ ଦେବା ତାର ପରିଚୟ ॥

ଭାଷା ଆମ ମାଆ ସମାନ
ବଢ଼ାଇବା ତାର ସମ୍ମାନ
ଦେଶ ବିଦେଶକୁ ଯିବାରେ
ଭାଷା ପ୍ରୀତି ଜଗାଇବାରେ ॥

ଯେବେ ଭାଷା ପ୍ରେମ ଜାଗିବ
ମନେ ଉଦ୍ଦୀପନା ଭରିବ
ଆମେ ଭାଷା ପ୍ରେମେ ମଜ୍ଜିବା
ଭାଷା ମାଆକୁ ଶୀର୍ଷରେ ରଖିବା ॥

ଏହି ଶପଥଟି ଆମେ ନେବା
କେବେ ହେଲେରେ ଭୁଲି ନଯିବା
ମନପ୍ରାଣ ଦେଇ ଭାଷା ମାଆ ପାଇଁ
ଜୀବନ ଉତ୍ସର୍ଗ କରିବା ॥

*ବିଏଲ୍ ୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଦେହକୁ ହିତ ପଖାଳ ଭାତ

*ଦୀନବନ୍ଧୁ ପୋଇ*

ଦେହକୁ ହିତ ପଖାଳ ଭାତ
ଓଡ଼ିଶାରୁ ଏ ଜାତ
ଯିଏ ଖାଇଲେ ସିଏ ନ ଭୁଲେ
କଥାଟି ଅଟେ ସତ ।
ଅଛି କାହାଣୀ ଦହି ତୋରାଣି
ବାଇଗଣ ଶାଗ ଭଜା
ମୁଠେ ପଖାଳ ଓଡ଼ିଆ ଘରେ
ଖାଦ୍ୟରେ ତାର ରଜା ।
ସବୁଠୁ ଭଲ ଅମୃତ ତୁଲ
ପରଷିଲେ ମା' ହାତେ
ଭୋଗ ବି ହୁଏ ଶିରୀ ମନ୍ଦିରେ
ବିଧି ବିଧାନ ମତେ ।
ହେଉ ବରଷା ଖରା ଗ୍ରୀଷମ
ଖାଇଲେ ପେଟ ଭରି
କ୍ଷେତ ବାଡ଼ିରେ କରିଲେ କାମ
ତୃଷା ନଯାଏ ଡ଼ରି ।
କୃଷି ଶ୍ରମିକ ଖାଇ ଅନେକ
ଶୀତଳ କରି ପେଟ
ଭୁଲି ଯାଆନ୍ତି ସକଳ ବ୍ୟଥା
ଶୋଇଲେ ତାର ଖଟ ।
ଜଳୀୟ ଅଂଶ ଓ ଶ୍ୱେତସାର
ରହିଛି ଭରପୁର
ଖାଇ ଖରାରେ ଯୁଆଡେ ଗଲେ
ନଥାଏ ଅଂଶୁ ଡର ।

*ଗୋରଡାପାଳ,କରମୂଳ,ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*





# ଆମ ଓଡ଼ିଶାର ଜନମ ଦିନ

*ପ୍ରଫୁଲ୍ଲ କୁମାର ସାହୁ*

ଅପ୍ରେଲ ମାସର ପହିଲା ଦିନ
ଆମ ଓଡ଼ିଶାର ଜନମ ଦିନ
ଆସରେ ପାଳିବା ମିଶି,
ତା' ଗୁଣ ମହାନ କରି ଜୟଗାନ
ସଭିଏଁ ହୋଇବା ଖୁସି ।୧।

ଆମ ଏ ରାଇଜ ଗଠନ ପାଇଁ
କେତେ ପୂର୍ବସୁରୀ ସମୟ ଦେଇ
ସଭିଙ୍କୁ ଏକାଠି କରି,
କରିଥିଲେ ନୂଆ ରାଇଜ ଗଠନ
(ଏବେ) ସେମାନଙ୍କୁ ହେଉ ଝୁରି ।୨।

ଉତ୍କଳ ଗୌରବ ମଧୁସୂଦନ
ଜାତି ପାଇଁ ତାଙ୍କ ଦାନ ମହାନ
କିଏବା ପାରିବ ଭୁଲି,
ନବ ଓଡ଼ିଶାର ସେ ଥିଲେ ବିନ୍ଧାଣି
ଆଖିରେ ନଚାନ୍ତି ଖାଲି ।୩।

ସେବାର ସାରଥୀ ସେ ଗୋପବନ୍ଧୁ
ଦରିଦ୍ର ଜନର ଥିଲେ ସେ ବନ୍ଧୁ
ଆଜି ସେ ପଡନ୍ତି ମନେ,
ଯାହାଙ୍କର ତ୍ୟାଗ କୀର୍ତ୍ତି ଅମଳିନ
(ଝୁରୁ) ତାହାଙ୍କୁ ଆଜିର ଦିନେ ।୪।

ଭାଷା ପାଇଁ ଗଢ଼ା ଆମ ରାଇଜ
ଭାରତ ବର୍ଷର ପ୍ରଥମ ରାଜ୍ୟ
ରଖି ଭାଷା ଜାତି ପ୍ରୀତି,
ନିଜ କାର୍ଯ୍ୟ ବଳେ କେତେ ଜ୍ଞାନୀ ଗୁଣୀ
ରଖି ଯାଇଛନ୍ତି ଖ୍ୟାତି ।୫।

ଆଜିର ଦିନରେ ଭକତିଭରେ
ଶ୍ରଦ୍ଧାଞ୍ଜଳି ଦେବା ତାଙ୍କ ପୟରେ
ରଖିବା ରାଇଜ ଟେକ,
ଭାଷାର ଅସ୍ମିତା ସ୍ୱାଭିମାନ ରକ୍ଷା
(ହେଉ) ଆମ ଜାତିର ପ୍ରତୀକ ।୬।

*ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନଶିକ୍ଷକ,*
*ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*

# ଆରମ୍ଭ ହୋଇଲା ବୈଶାଖ ମାସ

*ନିରଞ୍ଜନ ସାହୁ*



ପଣା ସଙ୍କରାନ୍ତି ପହଞ୍ଚିବା ପରେ
ଆରମ୍ଭ ବୈଶାଖ ମାସ
ଗ୍ରୀଷମ ଋତୁର ପଦପାତ ହେଲା
ରୌଦ୍ର ହେବ ପରକାଶ ।

ଝାଞ୍ଜି ପିଟିବାକୁ ନ ହେବ ବିଳମ୍ବ
ଖରାବେଳ ଖାଆଁ ଖାଆଁ
ଉପର ଓଳିରେ କାଳ ବଇଶାଖୀ
ପହଞ୍ଚିବ ଛାଆଁ ଛାଆଁ ।

ଅକସ୍ମାତ ମେଘ ପବନ ଉଠିବ
ଆରମ୍ଭ ହୋଇବ ଝଡ଼
କୁଆପଥରର ବୃଷ୍ଟିପାତ ହେବ
ସତର୍କ ସୂଚନା ପଢ଼ ।

ସୂର୍ଯ୍ୟଙ୍କର ତେଜ ପ୍ରଖର ହୋଇବ
ଖରା ହୋଇଯିବ ଟାଣ
ଅଂଶୁଘାତ ଭୟ ଭୟଙ୍କର ଲାଗେ
ଏକଥା ମନକୁ ଆଣ ।

ସଞ୍ଜବେଳେ ଟିକେ ପବନ ବହିବ
ଶୀତଳତା ଭରି ଦେବ
ରାତିର ନିସ୍ତବ୍ଧ ପ୍ରହରେ ନିଶ୍ଚୟ
ଗୁଳୁଗୁଳି ଭାରି ହେବ ।

ଘରପୋଡି ଭୟ ଲାଗିରହିବ ଯେ
ଥିବ ବଣପୋଡି ଭୟ
କିପରି ଏଥିରୁ ରକ୍ଷା ପାଇହେବ
ସେଥିପ୍ରତି ରଖ ଲୟ ।

ପଖାଳ ଭାତର ଆଦର ବଢ଼ିବ
ପଡ଼ିଥିବ ଆମ୍ବନସି
ଶାଗ, ବଡ଼ିଚୁରା, କାକୁଡି ସହିତ
ଖାଉଥା' ପଖାଳ ବସି ।

ଶୀତଳ ଛାୟାରେ ବସିବା ପାଇଁକି
ସଦା ସୁଖ ଲାଗୁଥିବ
ଶୀତଳ ଜଳରେ ସ୍ନାନ କରିବାକୁ
ନଦୀ, ପୋଖରୀକୁ ଯିବ ।

ଖରାବେଳେ ହେବ ପିଲାଙ୍କର ମେଳି
ଯେଉଁଠି ରସାଳ ତୋଟା
ଖୋପଡ଼ ମାରିକି ଝଡ଼ାଇବେ ଆମ୍ବ
ଝଡୁଥିବ ଗୋଟା ଗୋଟା ।

ଚାଳଘର ହେବ ଛାଆଣି ଏକାଳେ
ଚାଷୀ ବୁଲାଇବ ହଳ
ଲସି, ଘୋଳଦହି, ଥଣ୍ଡା କିଣିବାକୁ
ଦୋକାନ ଦୁଆର ଚଳ ।

ତରଭୁଜ ଖାଇବାକୁ ଲୋକମାନେ
ଆଗ୍ରହ କରିବେ ଭାରି
ଜଳଛତ୍ର ସ୍ଥାନେ ସ୍ଥାନେ ଖୋଲାହେବ
ବାଟୋଇର ଦରକାରୀ ।

ପଶୁପକ୍ଷୀଙ୍କର ତୃଷା ମେଣ୍ଟିବାକୁ
ଜଳ ବ୍ୟବସ୍ଥା ତ କର
ରାସ୍ତା କଡ଼େ, ଘର ଛାତର ଉପରେ
କୁଣ୍ଡ ରଖି ଜଳ ଭର ।

ଜଳଦାନ ଅଟେ ମହାପୁଣ୍ୟ ପରା
ମନରେ ଏକଥା ଥାଉ
ବୃକ୍ଷଲତା ଠାରେ ଜଳଦାନ କର
ବିଳମ୍ବ କରନା ଆଉ ।

ସୃଷ୍ଟିର ନିୟମ ମାନି ଧରାଧାମେ
ବୈଶାଖର ଆଗମନ
ଦାରୁଣ ସମୟ ହୋଇଲେ ବି ରଖେ
ବର୍ଷା ସୃଷ୍ଟି ପାଇଁ ମନ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*



# ଜଳ ସଂରକ୍ଷଣ

*ଶୁଭନାରାୟଣ ଶତପଥୀ*

ଜଳ ବିନା ନୁହେଁ ସୃଷ୍ଟି ଓ ଜୀବନ
ଜୀବଜଗତର ପ୍ରାଣ
ମଣିଷ ଶରୀରେ ଅଶି ଭାଗ ଜଳ
ଜଳ ଅତି ମୂଲ୍ୟବାନ ।

ନଷ୍ଟ କରିବାକୁ ଦେବା ନାହିଁ ଆମେ
ବୋହି ଯାଉଥିବା ଜଳ
କୂଅ ପୋଖରୀରେ ସଞ୍ଚୟ କରିଲେ
ବଢ଼ିବ ଭୂତଳ ଜଳ ।

ଅପବ୍ୟବହାର ଅପଚୟ କଲେ
ମିଳିବନି ପିଇବାକୁ
ଜଳର ସୁରକ୍ଷା ସରଂକ୍ଷଣ କଲେ
ଚିନ୍ତା ନଥିବ ଆଗକୁ ।

ଏବେବି ମଣିଷ ବୁଝିପାରେ ନାହିଁ
ପ୍ରଦୂଷଣ କରେ ଜଳ
ନଦୀ ଓ ହ୍ରଦକୁ ଆବର୍ଜନା ଛାଡେ
ଜୀବନକୁ ଏହା କାଳ ।

ଭୂତଳ ଜଳରେ ନାନୋ ପ୍ଲାଷ୍ଟିକ୍
ଶୁଣିଲେ ମାଡୁଛି ଡର
କାମକୁ ପଛରେ ପକାଇ ମଣିଷ
ମଞ୍ଚ ବାନ୍ଧେ ଭାଷଣର ।

ଆସରେ ସଭିଏଁ କରି ସଂରକ୍ଷଣ
ରଖିବା ବରଷା ଜଳ
ବିଶୁଦ୍ଧତା ତା'ର ନଷ୍ଟ କରିବାନି
ବୁନ୍ଦାଏ ଅମୃତ ତୁଲ ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*

# ଅବସର ଘୋଷଣା କଲେ ବ୍ୟାଡ୍‌ମିଣ୍ଟନ୍ କିମ୍ବଦନ୍ତୀ ଆକ୍ସେଲସେନ୍

**କୋପେନହେଗେନ**



ଡେନମାର୍କର କିଂବଦନ୍ତି ବ୍ୟାଡ୍‌ମିଣ୍ଟନ୍ ତାରକା ଭିକ୍ଟର ଆକ୍ସେଲସେନ୍ ତାଙ୍କ ଜାଜ୍ୱଲ୍ୟମାନ ଖେଳ ଜୀବନରେ ଯବନିକା ଟାଣିଛନ୍ତି। ବିଗତ କିଛି ବର୍ଷ ହେବ ପିଠି ଯନ୍ତ୍ରଣାରେ ଜର୍ଜରିତ ହେବା ପରେ ବାଧହୋଇ ସେ ବୁଧବାର ବ୍ୟାଡମିଣ୍ଟନ୍‌ରୁ ଅବସର ଘୋଷଣା କରିଛନ୍ତି। ଦୁଇ ଥର ଲେଖାଏଁ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ୍‌ସିପ୍ ବିଜେତା ଏବଂ ଚାରିଥରର ୟୁରୋପୀୟ ବିଜେତା ଆକ୍ସେଲସେନ୍ ନିଜ ନିଷ୍ପତ୍ତିକୁ ସର୍ବସାଧାରଣ କରିବା ପରେ ବ୍ୟାଡ୍‌ମିଣ୍ଟନ୍ ପ୍ରତି ସେ ଦେଇଥିବା ଅବଦାନକୁ ସମ୍ମାନ ଜଣାଇ ଲକ୍ଷଲକ୍ଷ କ୍ରୀଡ଼ାପ୍ରେମୀ ତାଙ୍କ ଅଗାମୀ ଭବିଷ୍ୟତ ଲାଗି ଶୁଭକାମନା ଜଣାଇଛନ୍ତି। ଭାରତୀୟ ବ୍ୟାଡମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍, ପିଭି ସିନ୍ଧୁ ଓ ବିମଲ କୁମାର ପ୍ରମୁଖ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ୩୨ ବର୍ଷୀୟ ଆକ୍ସେଲସେନ୍ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ ଲଗାତାର ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ବି ୨୦୧୭ ଓ ୨୦୨୨ ବିଶ୍ୱ ଚାମ୍ପିଅନ୍‌ସିପ୍ ଜିତିଥିଲେ। ୟୁରୋପୀୟ ଚାମ୍ପିଅନ୍‌ସିପ୍‌ରେ ୬ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଡେନମାର୍କ ଦଳର ଅନ୍ୟତମ ସଦସ୍ୟ ଥିଲେ ସେ। ଆକ୍ସେଲସେନ୍ ୧୮୩ ସପ୍ତାହ ଧରି ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ରହିଥିଲେ। ନିଜ ଅବସର ବାର୍ତ୍ତାରେ ସେ କହିଛନ୍ତି, ଅଧିକାଂଶ ଲୋକ ଜାଣନ୍ତି ଯେ, ମୁଁ ବହୁତ ଦିନ ଧରି ପିଠି ଯନ୍ତ୍ରଣା ସହ ସଂଘର୍ଷ କରିଆସୁଛି। ଗତବର୍ଷ ଏପ୍ରିଲ୍‌ରେ ମୋର ଅସ୍ତ୍ରୋପଚାର ହେବା ପରେ ଏବଂ ଏକ ଲମ୍ବା ପୁନର୍ବାସ ପ୍ରକ୍ରିୟା ଦେଇ ଯିବା ପରେ, ଦୁର୍ଭାଗ୍ୟବଶତଃ ଅକ୍ଟୋବରରେ ମୋ ସହ ଆଉ ଏକ ଦୁର୍ଘଟଣା ଘଟିଥିଲା। ସେବେଠାରୁ ମୁଁ ଅଧିକ ପ୍ରତିଯୋଗିତା ଖେଳିପାରିନାହିଁ କିମ୍ବା ଅଭ୍ୟାସ ନେଇପାରିନାହିଁ। ଫଳରେ ଅବସର ନେବାର ଦୁର୍ଭାଗ୍ୟଜନକ ତଥା ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ନେବାକୁ ବାଧ ହୋଇଛି।

# ୱିଜ୍‌ଡେନ୍ ପୁରସ୍କାର ପୋଛିନେଲେ ଭାରତୀୟ : ଦୀପ୍ତି, ଅଭିଷେକ ଶ୍ରେଷ୍ଠ କ୍ରିକେଟର

**ନୂଆଦିଲ୍ଲୀ**

କ୍ରିକେଟ୍‌ର ବାଇବେଲ୍ ଭାବେ ପରିଚିତ ୱିଜଡେନ୍ ଆଲମନାକ୍‌ର ୨୦୨୬ ସଂସ୍କରଣ ପୁରସ୍କାର ତାଲିକାରେ ଭାରତୀୟ ଖେଳାଳିଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ବିଶ୍ୱକପ୍ ବିଜୟିନୀ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏବଂ ବିଶ୍ୱର ଏକ ନମ୍ବର ଟ୍ୱେଣ୍ଟି-୨୦ ବ୍ୟାଟର ଅଭିଷେକ ଶର୍ମା ପୁରସ୍କାର ପୋଛି ନେଇଛନ୍ତି। ମୋଟ ୮ଟି ପୁରସ୍କାର ମଧ୍ୟରୁ ଭାରତୀୟମାନେ ସର୍ବାଧିକ ୬ଟି ଜିତିବା ଉଲ୍ଲେଖନୀୟ ବିଷୟ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥାଏ।





୨୦୨୫ ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିବା ଦୀପ୍ତି ଶର୍ମା 'ୱିଜ୍‌ଡେନ୍ ୱିମେନ୍ସ କ୍ରିକେଟର ଅଫ୍ ଦ ଇୟର' ଏବଂ ପ୍ରଶଂସନୀୟ ଷ୍ଟ୍ରାଇକ୍ ରେଟ୍ ପାଇଁ ଅଭିଷେକ ଶର୍ମା 'ୱିଜ୍‌ଡେନ୍ ଟ୍ୱେଣ୍ଟି-୨୦ କ୍ରିକେଟର ଅଫ୍ ଦ ଇୟର' ବିବେଚିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରେ ଚମତ୍କାର ବ୍ୟାଟିଂ କରିଥିବା ଅଧିନାୟକ ଶୁବମନ ଗିଲ୍‌ଙ୍କୁ 'ୱିଜ୍‌ଡେନ୍‌ର ୫ ଜଣ କ୍ରିକେଟର ଅଫ୍ ଦ ଇୟର ମଧ୍ୟରେ ସାମିଲ କରାଯାଇଛି। ଅନ୍ୟ ୪ ଜଣ ହେଲେ ମହମ୍ମଦ ସିରାଜ, ଋଷଭ ପନ୍ତ, ରବୀନ୍ଦ୍ର ଜାଡ଼େଜା ଏବଂ ଇଂଲଣ୍ଡ ବ୍ୟାଟର ହସିବ ହମିଦ୍। ଅନ୍ୟ ଜଣେ ମାତ୍ର ଅଣଭାରତୀୟ ପୁରସ୍କାର ବିଜେତା ଭାବେ ଅଷ୍ଟ୍ରେଲୀୟ ପେସର ମିଚେଲ୍ ଷ୍ଟାର୍କଙ୍କୁ ବିଶ୍ୱର ଶ୍ରେଷ୍ଠ ପୁରୁଷ କ୍ରିକେଟର ସମ୍ମାନ ମିଳିଛି।

ଆଇସିସି ମହିଳା ବିଶ୍ୱକପ୍‌ରେ ଦୀପ୍ତି ୨୨ ୱିକେଟ୍ ସହିତ ୨୧୫ ରନ୍ କରିଥିବାବେଳେ ଭାରତ ପ୍ରଥମ ଥର ଟ୍ରଫି ତୋଳି ଧରିଥିଲା। ଅଭିଷେକ ୨୦୨୫ରେ ୨୧ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରୁ ୧୯୩ ଷ୍ଟ୍ରାଇକ୍ ରେଟ୍‌ରେ ୮୫୯ ରନ୍ ସଂଗ୍ରହ କରିଥିଲେ। ଗିଲ୍ ଟେଷ୍ଟ୍ କ୍ରିକେଟ୍‌ରେ ଚମତ୍କାର ଖେଳିଥିଲେ। ଇଂଲଣ୍ଡ ଗସ୍ତରେ ସେ ୭୫୪ ରନ୍ ସଂଗ୍ରହ କରିବା ସହ ଭାରତକୁ ୨-୨ ଡ୍ର' ଦେବାରେ ପ୍ରମୁଖ ଭୂମିକା ନେଇଥିଲେ। ଏଜବାଷ୍ଟନ୍ ଟେଷ୍ଟ୍‌ରେ ସେ ଏକା ୪୩୦ ରନ୍ ସଂଗ୍ରହ କରିଥିଲେ। ମହମ୍ମଦ ସିରାଜ ସେହି ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସର୍ବାଧିକ ୨୩ ୱିକେଟ୍ ନେଇଥିଲେ। ଆହତ କାରଣରୁ ପଞ୍ଚମ ଟେଷ୍ଟ୍‌ରୁ ବଞ୍ଚିତ ହେବା ସତ୍ତ୍ୱେ ପନ୍ତ୍ ମୋଟ ୪୭୯ ରନ୍ କରିଥିଲେ।

# ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିପାରନ୍ତି ସୂର୍ଯ୍ୟକୁମାର ଯାଦବ





**ନୂଆଦିଲ୍ଲୀ**

ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୨୬ ଟି-୨୦ ବିଶ୍ୱକପର ତାଜ୍ ଜିତିଥିଲା। ଏହା ପୂର୍ବରୁ ମେନ୍ ଇନ୍ ବ୍ଲୁ ସୂର୍ଯ୍ୟଙ୍କ ଅଧିନାୟକତ୍ୱରେ ୨୦୨୫ର ଏସିଆ କପ୍ ଜିତିଥିଲା। କିନ୍ତୁ ଆଗାମୀ ୨୦୨୮ର ଟି-୨୦ ବିଶ୍ୱକପ ପୂର୍ବରୁ ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ଖଣ୍ଡା ଝୁଲୁଥିବା ନଜର ଆସିଛି। ସୂର୍ଯ୍ୟଙ୍କ ଉପରେ କେବଳ ଅଧିନାୟକ ନିଆଯିବା ନୁହେଁ ବରଂ ଟିମ୍ ଇଣ୍ଡିଆରୁ ବାହାରିବାର ବି ବିପଦ ଦେଖାଦେଇଛି। ପିଟିଆଇରେ କୁହାଯାଇଛି କି ସୂର୍ଯ୍ୟଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପର ତାଜ୍ ଜିତିଥିଲା। କିନ୍ତୁ ବ୍ୟାଟିଂରେ ଖରାପ ଫର୍ମ ଲାଗି ବିପଦର ଘଣ୍ଟା ବାଜୁଛି। ସେ ଟି-୨୦ ବିଶ୍ୱକପରେ ୨୪୨ରନ କରିଥିଲେ। କିନ୍ତୁ ବଡ଼ ମ୍ୟାଚ୍‌ରେ ଅଧିକ ଫ୍ଲପ୍ ନଜର ଆସିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସୂର୍ଯ୍ୟ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଯାଇଥିଲେ। ଏହିଭଳି ଟୁର୍ଣ୍ଣାମେଣ୍ଟରେ ବଡ଼ ଟିମ୍ ବିପକ୍ଷରେ ତାଙ୍କ ବ୍ୟାଟ୍ ନିରବ ରହିଥିଲା।

ରିପୋର୍ଟରେ ଆଗକୁ କୁହାଯାଇଛି କି ଜୁନ୍ ଏବଂ ଜୁଲାଇରେ ଭାରତର ଇଂଲଣ୍ଡ ଏବଂ ଆୟରଲ୍ୟାଣ୍ଡ ଗସ୍ତ ସୂର୍ଯ୍ୟଙ୍କ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଗସ୍ତରେ ସୂର୍ଯ୍ୟଙ୍କ ବ୍ୟାଟିଂ ଉପରେ ନଜର ରଖାଯିବ। ଏହି ଗସ୍ତ ନିଶ୍ଚିତ କରିପାରେ କି ଭାରତର ବର୍ତ୍ତମାନର ଟି-୨୦ ଅଧିନାୟକଙ୍କୁ ଆଗାମୀ ୨ବର୍ଷର ଫେଜ୍ ମିଳିବ କି ନାହିଁ। ଆଗାମୀ ୨ବର୍ଷରେ ୨୦୨୮ର ଟି-୨୦ ବିଶ୍ୱକପ ଏବଂ ଅଲମ୍ପିକ୍ ଭଳି ବଡ଼ ଇଭେଣ୍ଟ ସାମିଲ ରହିଛି।

# ଆଜି ବଡ଼ ନିଷ୍ପତ୍ତି ନେବେ ଏମ୍‌ଏସ୍ ଧୋନୀ !

**ନୂଆଦିଲ୍ଲୀ**

ଏମଏସ ଧୋନୀ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହି ନିଷ୍ପତ୍ତି ତାଙ୍କର ପରବର୍ତ୍ତୀ ଆଇପିଏଲ-୨୦୨୬ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ପାଇଁ ଉଦ୍ଦିଷ୍ଟ। ଆଇପିଏଲ ୨୦୨୬ରେ, ଚେନ୍ନାଇ ସୁପର କିଙ୍ଗସର ପରବର୍ତ୍ତୀ ମ୍ୟାଚ୍ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ହେବ। ଏହି ମ୍ୟାଚ୍ ୧୮ ଏପ୍ରିଲରେ ହାଇଦ୍ରାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ଅଛି। କିନ୍ତୁ କ'ଣ ଧୋନି ଏହି ମ୍ୟାଚ୍ ଖେଳିବେ ସମସ୍ତଙ୍କ ମନରେ ବର୍ତ୍ତମାନ ଏହି ପ୍ରଶ୍ନ ରହିଛି।

ରିପୋର୍ଟ ଅନୁଯାୟୀ, ଧୋନୀ ୧୬ ଏପ୍ରିଲ୍ ସକାଳେ ହାଇଦ୍ରାବାଦ ଯାତ୍ରା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଏହି ନିଷ୍ପତ୍ତି ସହିତ, ସେ ସନରାଇଜର୍ସ ବିପକ୍ଷରେ ଖେଳିବେ କି ନାହିଁ ସେ ବିଷୟରେ ଥିବା ସସପେନ୍ସ ମଧ୍ୟ ଶେଷ ହୋଇଯିବ। ଯଦି ଧୋନୀ ଏହି ଯାତ୍ରା କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସେଠାରେ ତାଙ୍କୁ ଖେଳିବାର ମଧ୍ୟ ସମ୍ଭାବନା ରହିଛି। ତଥାପି ଯଦି ସେ ହାଇଦ୍ରାବାଦ ଯାତ୍ରା ନକରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ୧୮ ଏପ୍ରିଲ୍‌ରେ ହେବାକୁ ଥିବା ମ୍ୟାଚ୍‌ରେ ସେ ସାମିଲ ହେବାର ସମ୍ଭାବନା କମ୍ ରହିଛି। ଆଘାତ ଯୋଗୁଁ, ଧୋନି ତାଙ୍କ ସୁସ୍ଥତା ଉପରେ ଧ୍ୟାନ ଦେବା ପାଇଁ



ଚେନ୍ନାଇରେ ରହିଛନ୍ତି ଏବଂ ଦଳର ସହାୟକ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ସୁସ୍ଥ ହେଉଛନ୍ତି। ଧୋନୀଙ୍କୁ ଆଘାତ କାରଣରୁ ଏପର୍ଯ୍ୟନ୍ତ ଆଇପିଏଲ ୨୦୨୬ ସିଜିନରୁ ଦୂରେଇ ରହିଛନ୍ତି। ସିଏସକେ ଆଜି ପର୍ଯ୍ୟନ୍ତ ଆଇପିଏଲ ୨୦୨୬ରେ ପାଞ୍ଚଟି ମ୍ୟାଚ୍ ଖେଳିଛି, ତଥାପି ଧୋନୀଙ୍କୁ ସେଥିମଧ୍ୟରୁ କୌଣସି ମ୍ୟାଚ୍ ଖେଳିବାର ଦେଖାଯାଇନାହିଁ।

ତଥାପି, ଧୋନୀ ୧୪ ଏପ୍ରିଲରେ ଚେପକ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଯେତେବେଳେ ଅଧିନାୟକ ଋତୁରାଜ ଗାୟକ୍ୱାଡ ତାଙ୍କ ଦଳ ଘୋଷଣା କଲେ, ସେତେବେଳେ ଧୋନୀଙ୍କ ନାମ କୌଣସି ସ୍ଥାନରେ ଦେଖାଗଲା ନାହିଁ। ଫଳସ୍ୱରୂପ, ସମସ୍ତଙ୍କ ନଜର ଏବେ ୧୬ ଏପ୍ରିଲ ଗୁରୁବାର ଉପରେ ରହିବ, ଯେତେବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ଧୋନୀଙ୍କ ଅଂଶଗ୍ରହଣ ସମ୍ପର୍କରେ ପରିସ୍ଥିତି ସ୍ପଷ୍ଟ ହେବ।

# ଶେନ୍ ୱର୍ଣ୍ଣଙ୍କ ମୃତ୍ୟୁକୁ ନେଇ ମୁହଁ ଖୋଲିଲେ ପୁଅ ଜ୍ୟାକ୍‌ସନ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ୍ ୱର୍ଣ୍ଣଙ୍କ ହଠାତ୍ ପରଲୋକ ଘଟିବାର ୪ ବର୍ଷ ପରେ ତାଙ୍କ ମୃତ୍ୟୁକୁ ନେଇ ପୁଅ ଜ୍ୟାକ୍‌ସନ ୱର୍ଣ୍ଣ ମୁହଁ ଖୋଲିଛନ୍ତି। ୱର୍ଣ୍ଣ ୫୨ ବର୍ଷ ବୟସରେ ୨୦୨୨ରେ ଥାଇଲାଣ୍ଡର ଏକ ରିଜର୍ଟରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ହଠାତ୍ ତାଙ୍କର ମୃତ୍ୟୁ ଖବର ପୂରା କ୍ରିକେଟ୍ ଜଗତକୁ ଚକିତ କରିଦେଇଥିଲା। ପୁଅ ଜ୍ୟାକ୍‌ସନଙ୍କ ମତରେ ଶେନ୍‌ଙ୍କ ମୃତ୍ୟୁରେ କୋଭିଡ୍-୧୯ ଭାକ୍ସିନ୍‌ର ଭୂମିକା ଥାଇପାରେ।

ବାପାଙ୍କ ମୃତ୍ୟୁରେ କୋଭିଡ୍ ଭାକ୍ସିନ୍‌ର ଭୂମିକା ରହିଛି। ମୋ ମତରେ ଏବେ ଏ ସମ୍ପର୍କରେ କହିବା ବିବାଦୀୟ ହେବନାହିଁ। ଯଦି ବାପାଙ୍କର ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା ଥିଲା, ତେବେ ତାହାକୁ କୋଭିଡ୍ ଭାକ୍ସିନ ହିଁ ବାହାରକୁ ଆଣିଥିଲା। ବାପାଙ୍କ ମୃତ୍ୟୁ ଖବର ପାଇବା ପରେ ମୁଁ ତୁରନ୍ତ କୋଭିଡ୍ ଓ ଭାକ୍ସିନକୁ ଦାୟୀ କରିଥିଲି। ବାପାଙ୍କ ମୃତ୍ୟୁ ପରେ ସର୍ବସାଧାରଣରେ ମୁଁ ଏ ସମ୍ପର୍କରେ କଥା ହେବାକୁ ଚାହୁଁଥିଲି। କିନ୍ତୁ ଶେଷରେ ମୁଁ ତାହା ନ କରିବାକୁ ନିଷ୍ପତ୍ତି ନେଇଥିଲି। ନ ହେଲେ ମୁଁ ଭିନ୍ନ ସ୍ଥିତିରେ ଥାଆନ୍ତି ବୋଲି ଜ୍ୟାକ୍‌ସନ '୨ ୱାର୍ଲଡ କୋଲାଇଡ୍' ନାମକ ଏକ ପଡ୍‌କାଷ୍ଟରେ କହିଛନ୍ତି।

ସେ କହିଛନ୍ତି, କୋଭିଡ୍ ପୂର୍ବରୁ ଅନେକ ଲୋକଙ୍କ ହୃଦ୍‌ଘାତରେ ମୃତ୍ୟୁ ହେଉଥିଲା। କିନ୍ତୁ ବାପା ପୂରା ଠିକ୍ ଥିଲେ। ମୋ ମତରେ ତାଙ୍କୁ ୩ରୁ ୪ ଭାକ୍ସିନ ଡୋଜ୍ ଦିଆଯାଇଥିଲା। ସେଗୁଡ଼ିକୁ ନେବାକୁ ସେ ଚାହୁଁ ନ ଥିଲେ। ମାତ୍ର କାମ କରିବା ପାଇଁ ତାଙ୍କୁ ବାଧହୋଇ ଭାକ୍ସିନ ନେବାକୁ ପଡ଼ିଥିଲା।

# ଅଭିଷେକ ଶର୍ମା-ଅକ୍ଷର ପଟେଲଙ୍କର ହେବ ଡୋପ୍ ଟେଷ୍ଟ

**ନୂଆଦିଲ୍ଲୀ**

ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକ ପାଇଁ ଜାତୀୟ ଡୋପିଂ ବିରୋଧୀ ସଂସ୍ଥା (ନଡ଼ା) ପକ୍ଷରୁ ପଞ୍ଜିକୃତ ପରୀକ୍ଷଣ ପୁଲ (ଆରଟିପି)ର ନୂଆ ତାଲିକା ଜାରି କରାଯାଇଛି। ଏହି ତାଲିକାରେ ଟି-୨୦ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଅଭିଷେକ ଶର୍ମା ଏବଂ ଅକ୍ଷର ପଟେଲଙ୍କୁ ସାମିଲ କରାଯାଇଛି। ସେମାନେ ଏହି ତାଲିକାରେ ସ୍ମୃତି ମନ୍ଧାନା ଏବଂ ଶ୍ରେୟସ ଆୟରଙ୍କ ସ୍ଥାନ ନେଇଛନ୍ତି।

ଏହି ତାଲିକାରେ ସ୍ଥାନ ପାଇଥିବା ସମସ୍ତ ୩୪୮ ଖେଳାଳିଙ୍କୁ ନିଜର ରହୁଥିବା ସ୍ଥାନ ବା ହ୍ୱେରଆବାଉଟ୍‌ସ ସମ୍ପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ପରୀକ୍ଷା ପାଇଁ ଉପଲବ୍ଧ ରହିବାକୁ ହେବ। ଯଦି କୌଣସି ଖେଳାଳି ତିନିଥର ନିଜର ସୂଚନା ଦେବାରେ ବିଫଳ ହୁଅନ୍ତି, ତେବେ ଏହାକୁ ଡୋପିଂ ନିୟମର ଉଲ୍ଲଂଘନ ବୋଲି ଧରାଯିବ।

କ୍ରିକେଟରୁ ମୋଟ ୧୪ ଖେଳାଳି ଏହି ଲିଷ୍ଟରେ ଅଛନ୍ତି। ପୁରୁଷ ବର୍ଗରେ ଶୁଭମନ ଗିଲ, ଯଶସ୍ୱୀ ଜୟସୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, ଜସପ୍ରୀତ ବୁମ୍ରା, କେ.ଏଲ. ରାହୁଲ, ଅର୍ଶଦୀପ ସିଂ ଏବଂ ତିଲକ ବର୍ମା ରହିଥିବା ବେଳେ ଅଲରାଉଣ୍ଡର ଦୀପ୍ତି ଶର୍ମା, ଶେଫାଳି ବର୍ମା ଏବଂ ରେଣୁକା ସିଂ ଠାକୁର ଆଦି ମହିଳା ଖେଳାଳି ରହିଛନ୍ତି। ଏହି ତାଲିକାରେ ସବୁଠାରୁ ଅଧିକ ସଂଖ୍ୟକ ଆଥଲେଟ୍ସ ସାମିଲ ଅଛନ୍ତି। ପୂର୍ବରୁ ଆଥଲେଟିକ୍ସରୁ ୧୧୮ ଜଣ ଥିବାବେଳେ ଏବେ ଏହି ସଂଖ୍ୟା ୧୩୪କୁ ବୃଦ୍ଧି ପାଇଛି।

ଆଥଲେଟିକ୍ସ: ଅବିନାଶ ସାବଲେ, ଜ୍ୟୋତି ୟାରାଜୀ, ତେଜସ୍ୱିନ ଶଙ୍କର, ଅନିମେଷ କୁଜୁର, ଶୈଳୀ ସିଂ, ଏମ୍ ଶ୍ରୀଶଙ୍କର ଏବଂ ତଜିନ୍ଦରପାଲ ସିଂ ତୁର।

ତୀରନ୍ଦାଜୀ: ଦୀପିକା କୁମାରୀ, ରାକେଶ କୁମାର ଏବଂ ପାରା ତୀରନ୍ଦାଜ ଶୀତଲ ଦେବୀ।

ହକି: ଅଧିନାୟକ ହରମନ ପ୍ରୀତ ସିଂ, ମନପ୍ରୀତ ସିଂ, ସଲିମା ଟେଟେ, ସବିତା ପୁନିଆ ଏବଂ ନବନୀତ କୌର।

ବ୍ୟାଡମିଣ୍ଟନ: ପି.ଭି ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ସମେତ ୮ ଜଣ ଖେଳାଳି।

କୁସ୍ତି ଓ ବକ୍ସିଂ: କୁସ୍ତିରୁ ୩୧ ଜଣ (ଅଲିମ୍ପିକ୍ ପଦକ ବିଜେତା ଅମନ ସେହରାବତଙ୍କ ସମେତ) ଏବଂ ବକ୍ସିଂରୁ ୨୨ ଜଣ (ନିଖତ ଜରିନ୍, ଲଭଲିନା ବୋରଗୋହେନ୍) ଖେଳାଳିଙ୍କୁ ସ୍ଥାନ ମିଳିଛି।

# ୱିକେଟ୍‌ରକ୍ଷଣରୁ ଦୂରେଇଲେ ଈଶାନ କିଶନ୍

**ହାଇଦ୍ରାବାଦ**

ଦଳର ନେତୃତ୍ୱ ଭାର, କୌଶଳ ପ୍ରତି ଅଧିକ ଏକାଗ୍ରତା ରଖିବା ସହିତ ନିଜ ବ୍ୟାଟିଂ ଉପରେ ଧ୍ୟାନ ଦେବାକୁ ଈଶାନ କିଶନ୍ ଏବେ ୱିକେଟରକ୍ଷଣ ଦାୟିତ୍ୱରୁ ଦୂରେଇ ଯାଇଛନ୍ତି। ଆଇପିଏଲ୍ ଋତୁ ଅଧାରୁ ସେ ଏଭଳି କରି ଦଳର ସ୍ୱାର୍ଥକୁ ଅଗ୍ରାଧିକାର ଦେଇଛନ୍ତି। ସୋମବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରୁ ହିଁ ଏହା ଆରମ୍ଭ ହୋଇଛି। ଉଭୟ ନେତୃତ୍ୱ ଓ ୱିକେଟ୍‌ରକ୍ଷଣ ତାଙ୍କୁ ଅସୁବିଧାରେ ପକାଉଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ମଧ୍ୟ କୁହାଯାଇଛି।

ସୋମବାର ଈଶାନ କ୍ଷେତ୍ରରକ୍ଷଣ କରିଥିବାବେଳେ ସଲିଲ ଅରୋଡ଼ା ୱିକେଟ୍‌ରକ୍ଷଣ କରିଥିଲେ। ଏହି ଚାଲ୍ ମଧ୍ୟ ଭଲ କାମ ଦେଇଥିଲା। ଈଶାନ ବ୍ୟାଟିଂରେ ୪୪ ବଲ୍‌ରୁ ୯୧ ରନ୍ ସଂଗ୍ରହ କରିବା ୨ଟି କ୍ୟାଚ୍ ବି ନେଇଥିଲେ। ତାଙ୍କ ଦଳ ବି ଜିତିଯାଇଥିଲା। ୱିକେଟରକ୍ଷଣ





ଭୂମିକା ଛାଡ଼ିଲେ ସେ ବୋଲରଙ୍କ ସହ ଭଲ ଯୋଗାଯୋଗ କରିପାରିବେ ଏବଂ ପଡ଼ିଆ ଭିତର କୌଶଳରେ ଉନ୍ନତି ଆଣିପାରିବେ ବୋଲି ବିଶ୍ୱାସ ରଖିଛନ୍ତି। ପ୍ରଥମରୁ ମଧ୍ୟ ସନ୍‌ରାଇଜର୍ସ ହାଇଦ୍ରାବାଦର ଏହି ଚାଲ୍ ସଫଳ ହୋଇଛି। ଦଳ ଅପରାଜିତ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରାଧାନ୍ୟଭରା ବିଜୟ ହାସଲ କରିଛି।

ପ୍ରଥମରୁ ଦଳ ୨୦୦+ ସ୍କୋର କରିଥିଲେ ମଧ୍ୟ ଏହାକୁ ଡିଫେଣ୍ଡ୍ କରି ନପାରି ଆରସିବିଠାରୁ ହାରିଥିଲା। କେକେଆର ବିପକ୍ଷରେ ଦଳ ବିଜୟୀ ହୋଇଥିଲେ ମଧ୍ୟ ଏଲ୍‌ଏସ୍‌ଜି ଓ ପଞ୍ଜାବ କିଙ୍ଗ୍‌ସଠାରୁ ହାରି ସୁଯୋଗ ହାତଛଡ଼ା କରିବା ସ୍ଥିତିକୁ ଆସିଥିଲା। ସୋମବାର ରାତିର ବିଜୟ କିନ୍ତୁ ଈଶାନ କିଶନଙ୍କ ଦଳ ଭିତରେ ନୂଆ ଉତ୍ସାହ ଓ ଉନ୍ମାଦନା ଭରି ଦେଇଛି। ନିଷ୍ପତ୍ତି ସମ୍ପର୍କରେ କିଶନ କହିଛନ୍ତି 'ଉଭୟ ଦାୟିତ୍ୱ ତୁଲାଇବା ବେଳେ କିଛି ଅସୁବିଧା ହେଉଛି ବୋଲି ଅନୁଭବ କରିଥିଲି। ଦଳୀୟ କୌଶଳ ସମ୍ପର୍କରେ ବୋଲରଙ୍କ ସହ ଯୋଗାଯୋଗରେ ରହିବା ନେଇ ସଠିକ ସମନ୍ୱୟ ରହିପାରୁନଥିଲା। ଏବେ ପଡ଼ିଆ ସଜାଇବା ଓ ସେମାନଙ୍କ ସହ ଯୋଗାଯୋଗରେ ରହିବା ଭଲ ହେବ ବୋଲି ଆଶା କରିଛି'।

# ଆଜିଠୁ ବାରିପଦାରେ ବଲାଙ୍ଗୀ ମହୋତ୍ସବ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ସମୃଦ୍ଧି ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଲାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ ଚଳିତ ଥର ୨୪ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୬ ଆସନ୍ତା ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ପାଳିତ ହେବ। ଏହି ଅବସରରେ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାବା ବୁଢାରାଉଳ ମଠରେ ମହୋତ୍ସବ କମିଟି ତରଫରୁ ବିଧିବଦ୍ଧ ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ସଭାପତି ଅଧକ୍ଷ ଅରବିନ୍ଦ ଦାସ, ଉପାଧକ୍ଷ ରାଜୀବ ଲୋଚନ ସେନାପତି, ବରିଷ୍ଠ ସଦସ୍ୟ ମନୋଜ କୁମାର କୁଅଁର, ଡ. ଶଶୀଧର ବିଶ୍ୱାଳ, ଭାଗବତ ପଣ୍ଡା, ଇନ୍ଦୁମତି ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଲାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, କୋଷାଧକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ପିତାମ୍ବର ମଲ୍ଲିକ, ନିରୋଜ ପୋଥାଳ, ପ୍ରାଧାପକ ସୁନୀଲ କୁମାର ନାୟକ, ସୋମନାଥ ସିଂହ, ମିଥୁନ ବାରିକ, ସନତ କୁମାର ବାରିକ, ଦିଲ୍ଲୀପ ପାତ୍ର, ଗୋଲୋକ ମହାନ୍ତି, ରଞ୍ଜିତ ପଲେଇ, ବିଜୁ ଜିତ, ରାଜକିଶୋର ମହାନ୍ତ ପ୍ରମୁଖ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ ସେନେଇ ମତାମତ ରଖିଥିଲେ। ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯିବା ସହ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ଏବଂ ମହୋତ୍ସବ ସ୍ଥଳରେ ମୟୁରଭଞ୍ଜ ଐତିହ୍ୟ ନେଇ ଏକ ସ୍ପଟ୍ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି ବୋଲି ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ନାୟକ କହିଛନ୍ତି।


**OFFICE OF THE NOTIFIED AREA COUNCIL, DHARMAGARH**
**DIST-KALAHANDI, PIN-766015**
13001/184/2627
**'e'-Procurement NOTICE.**
**Bid Identification No. DHM / 01 / 2026-27**

The Executive Officer on behalf of Dharmagarh NAC invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **2(Two) number**
2. Estimated Costs: **49.97 Lakh to 150.29 Lakh**
3. Period of completion: As per NIT
4. Date and time of availability of the bid documents in the portal: From **11.00 A.M. of 13.04.2026 to 05.00 PM of 29.04.2026**
5. Last Date/ Time for receipt of bids in the portal: **05.00 PM of 29.04.2026**
6. Bids will be opened on: **11.00 AM of Dt. 30.04.2026**
7. Name and address of the officer inviting bid: **Executive Officer, DharmagarhNAC**

Sd/- Executive Officer
Dharamgarh NAC

OIPR-13001/13163/1/26-27/0002



Government of Odisha Department of Water Resources
OFFICE OF THE SUPERINTENDING ENGINEER,
BOLANGIR IRRIGATION DIVISION, BOLANGIR
e-mail-ee.bol.irr@gmail.com
e-Procurement Notice No. 01 of 2026-27
BID IDENTIFICATION NO. - BID-BGR-01 of 2026-27
No. 2156 /Dated, 10.04.2026
32001/61/2627

The **Superintending Engineer, Balangir Irrigation Division, Balangir** on behalf of his Excellency, the Governor of Odisha invites online **Percentage rate** tenders in **Double cover system** to be received in **online mode** only for the works as detailed below. Bid documents consisting of work, estimated cost, cost of tender paper, EMD. time of completion, class of contractor, the set of terms & conditions of contract and other necessary documents can be seen in e-Procurement portal www.tendersorissa.gov.in in complete online process only.

| | | |
|---|---|---|
| 1. | Nature of work | : Civil Works |
| 2. | Number of works | : 11 (Eleven) |
| 3. | Approximate amount put to tender. | : Rs. 65.09 Lakh to 84.52 lakh |
| 4. | Period of completion | : 10(Ten) Calendar months. |
| 5. | Date & time of availability of Bid document in the portal | : Dt 16.04.2026-10.00 AM to 30.04.2026 up to 5.30 PM |
| 6. | Last date & time of seeking Tender clarification. | : Dt 25.04.2026 up to 5.30 PM |
| 7. | Last date & time of receipt of Bids in the portal. | : Dt 30.04.2026 up to 5.30 PM |
| 8. | Date,time & place of opening Of Technical bidsof Double Cover. | : Dt. 02.05.2026 at 11.00 AM- in the office of the Superintending Engineer, Balangir Irrigation Division Balangir |
| 9. | Date, time & place of opening of Financial BID. | : To be intimated after Evaluation of Technical BID |
| 10. | Name & address of the officer Inviting bid. | : Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002. |

11. Any corrigendum required will be made available in Govt. web-site only
Further details can be seen from the e-procurement portal- https://tendersorissa.gov.in

OIPR-32001/32550/1/26-27/0001

Sd/- SUPERINTENDING ENGINEER
BALANGIR IRRIGATION DIVISION, BALANGIR


## ମୁମ୍ବାଇ ଇଣ୍ଡିଆନ୍ସକୁ ଝଟ୍‌କା

# ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍ ପଡ଼ିଲେ ରୋହିତ ଶର୍ମା

**ମୁମ୍ବାଇ**

ଆଇପିଏଲ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର ଯାତ୍ରା ଏପର୍ଯ୍ୟନ୍ତ ନୈରାଶ୍ୟଜନକ ରହିଛି। ଦଳ ଏବେ ପଏଣ୍ଟ ଟେବୁଲରେ ନବମ ସ୍ଥାନକୁ ଖସି ଯାଇଛି। ଏମଆଇ ଦଳ, ସେମାନଙ୍କର ଚାରିଟି ମ୍ୟାଚ୍‌ରୁ ତିନୋଟିରେ ପରାସ୍ତ ହେବା ପରେ, ଆଉ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଓପନିଂ ବ୍ୟାଟର ରୋହିତ ଶର୍ମା ମୁମ୍ବାଇର ଆଗାମୀ ମ୍ୟାଚ୍ ନ ଖେଳିପାରନ୍ତି। ହାର୍ଦ୍ଦିକ ଏବଂ ତାଙ୍କ ଦଳ ସେମାନଙ୍କର ପରବର୍ତ୍ତୀ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ସହିତ ମୁକାବିଲା କରିବ। ପଞ୍ଜାବ ଚଳିତ ସଂସ୍କରଣରେ ଏକମାତ୍ର ଦଳ ଯିଏକି ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ହାରିନାହିଁ।

ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମ୍ୟାଚ୍ ଗୁରୁବାର, ଏପ୍ରିଲ ୧୬ ତାରିଖରେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ରିପୋର୍ଟ ଅନୁସାରେ, ପୂର୍ବ ମ୍ୟାଚ୍ ସମୟରେ 'ରିଟାୟର୍ଡ ହର୍ଟ' ହୋଇ ପ୍ୟାଭିଲିୟନ ଫେରିଥିବା ରୋହିତ ଆଗାମୀ ମ୍ୟାଚ୍ ନଖେଳିପାରନ୍ତି। ରୋହିତ ୧୯ ରନରେ ବ୍ୟାଟିଂ କରୁଥିବା ସମୟରେ ହାମଷ୍ଟ୍ରିଙ୍ଗ୍ ଆଘାତ ପାଇଥିଲେ। କିନ୍ତୁ ତାଙ୍କ ଆଘାତର ଗମ୍ଭୀରତା ସମ୍ପର୍କରେ କୌଣସି ଆନୁଷ୍ଠାନିକ ସୂଚନା ମିଳିନାହିଁ, ରିପୋର୍ଟ ଅନୁସାରେ ତାଙ୍କୁ ପରବର୍ତ୍ତୀ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇପାରେ।

ତାଙ୍କ କ୍ୟାରିୟର ମଧ୍ୟରେ, ରୋହିତ ଶର୍ମାଙ୍କୁ ପ୍ରାୟତଃ ହ୍ୟାମଷ୍ଟ୍ରିଙ୍ଗ୍ ସମସ୍ୟା (ମାଂସପେଶୀରେ ଆଘାତ) ସହିତ ସଂଘର୍ଷ କରୁଥିବାର ଅନେକଥର ଦେଖିବାକୁ ମିଳିଛି। ଅତୀତରେ, ଯେତେବେଳେ ସେ ହ୍ୟାମଷ୍ଟ୍ରିଙ୍ଗ୍ ଆଘାତର ଶିକାର ହୋଇଥିଲେ, ତାଙ୍କୁ ସୁସ୍ଥ ହେବା ପାଇଁ





ବହୁତ ସମୟ ଲାଗିଥିଲା। ରିପୋର୍ଟ ଅନୁସାରେ, ରୋହିତ ୱାଙ୍ଖେଡେ ଷ୍ଟାଡିୟମରେ ଅଭ୍ୟାସ ପାଇଁ ମଧ୍ୟ ଆସି ନଥିଲେ। ଯଦି ପୁଣି ଏପରି ହୁଏ, ତେବେ ତାଙ୍କୁ ଗୋଟିଏରୁ ଅଧିକ ମ୍ୟାଚ୍ ବାହାରେ ବସିବାକୁ ମଧ୍ୟ ପଡ଼ିପାରେ।

୩୮ ବର୍ଷୀୟ ରୋହିତ ଶର୍ମା ଆଇପିଏଲ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ କେକେଆର ବିପକ୍ଷରେ ୭୮ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ପରେ, ସେ ଦିଲ୍ଲୀ ବିପକ୍ଷରେ ୪ ରନ କରିଥିଲେ। ତୃତୀୟ ମ୍ୟାଚ୍‌ରେ ସେ ମାତ୍ର ୫ ରନ କରି ଆଉଟ ହୋଇଥିଲେ ଏବଂ ଚତୁର୍ଥ ମ୍ୟାଚ୍‌ରେ ସେ ୧୯ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ଏବେ ପ୍ରଶ୍ନ ଉଠୁଛି: ଯଦି ରୋହିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଖେଳିବେ ନାହିଁ, ତେବେ ତାଙ୍କ ସ୍ଥାନରେ କିଏ ଓପନିଂ କରିବେ? ଦାନିଶ ମାଲୱାର ମଧ୍ୟ ଦଳରେ ଅଛନ୍ତି, କିନ୍ତୁ ଦେଖିବାକୁ ବାକି ଅଛି ଯେ କ୍ୟାପଟେନ ଏବଂ କୋଚ୍ ତାଙ୍କ ଉପରେ ଭରସା ରଖିବେ କି ଇନିଂସ ଓପନ କରିବା ପାଇଁ ଜଣେ ବରିଷ୍ଠ ଖେଳାଳିଙ୍କୁ ପଠାଇବେ।

# ଆଇଏସ୍‌ଏଲ୍‌ରେ ବର୍ଣ୍ଣବୈଷମ୍ୟ ଅଭିଯୋଗ


**କୋଚି :**

ଭାରତର ପ୍ରମୁଖ ଫୁଟ୍‌ବଲ୍ ଲିଗ୍ ଆଇଏସ୍‌ଏଲ୍‌ରେ ବର୍ଣ୍ଣବୈଷମ୍ୟ ଅଭିଯୋଗ ଉଠିଛି। ଜଣେ ଆଫ୍ରିକୀୟ ଖେଳାଳିଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ଅଭିଯୋଗ ଆସିବା ପରେ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ ବର୍ଣ୍ଣବୈଷମ୍ୟ ପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯାଉଛି। ଏହାର ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲାକୁ ଶୃଙ୍ଖଳା କମିଟିକୁ ପ୍ରେରଣ କରାଯାଇଛି।

ସୂଚନା ଅନୁସାରେ ଏପ୍ରିଲ ୧୧ରେ ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌ରେ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଏଫସି ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ବେଳେ କେତେକ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ସେମାନେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ଖେଳୁଥିବା ସେନେଗାଲ୍ ଖେଳାଳି ଫାଲୋଉ ଏନ୍‌ଡିଆଏଙ୍କୁ ଲକ୍ଷ୍ୟ କରି 'ଚିଡ଼ିଆଖାନାକୁ ଯାଅ' ବୋଲି କହିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ? ହେବା ପରେ ବ୍ଲାଷ୍ଟର୍ସ ପକ୍ଷରୁ ତାହାକୁ ନିନ୍ଦା କରାଯିବା ସହ ଏ ନେଇ ଆଇଏସ୍‌ଏଲ୍ ଓ ଏଆଇଏଫ୍‌ଏଫ୍‌ରେ ଅଭିଯୋଗ କରାଯାଇଥିଲା।

ଏହି ଅଭିଯୋଗ ପାଇବା ପରେ ଏଆଇଏଫ୍‌ଏଫ୍ ପକ୍ଷରୁ ଏନ୍‌ଡିଆଏଙ୍କ ପ୍ରତି ସଂପୂର୍ଣ୍ଣ ସମର୍ଥନ ଜ୍ଞାପନ କରାଯିବା ସହ ପ୍ରତ୍ୟେକ ବ୍ୟକ୍ତି କୌଣସି ପ୍ରକାରର ଭେଦଭାବ ବିନା ଏହି ସୁନ୍ଦର ଖେଳରେ ଅଂଶଗ୍ରହଣ କରିବାର ଅଧିକାର ରଖେ ବୋଲି କୁହାଯାଇଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୬ ଗୁରୁବାର





## କଟକ ରେଳ ଷ୍ଟେସନ୍‌ରୁ ୫୮ ନାବାଳକ ଉଦ୍ଧାର




**କଟକ, ନ୍ୟୁଜ ବ୍ୟୁରୋ**

କଟକ ରେଳ ଷ୍ଟେସନ୍‌ରୁ ୫୮ ଜଣ ନାବାଳକଙ୍କୁ ଆରପିଏଫ୍ ଉଦ୍ଧାର କରିଛି। ରାତି ପ୍ରାୟ ୧୧ଟା ବେଳେ ଷ୍ଟେସନ୍‌ରେ ଏକ ଟ୍ରେନ୍‌ରୁ ସମସ୍ତେ ଓହ୍ଲାଇଥିଲେ। ପ୍ଲାଟ୍‌ଫର୍ମରେ ଏକସଙ୍ଗେ ଏତେ ସଂଖ୍ୟକ ପିଲାଙ୍କୁ ଦେଖି ଆରପିଏଫ୍ କର୍ମଚାରୀ ଯାଞ୍ଚ କରିଥିଲେ। ପଚରାଉଚରା ବେଳେ ବିହାର, ଆରାରିଆରୁ ଆସିଥିବା ଏହି ଅଣଓଡ଼ିଆ ନାବାଳକଙ୍କୁ ଧାର୍ମିକ ଶିକ୍ଷା ଦେବା ନାଁରେ ଜଗତସିଂହପୁର ନିଆଯାଉଥିବା ଜଣାପଡ଼ିଥିଲା। ଏନେଇ ସିଡବ୍ଲୁସିକୁ ଅବଗତ କରାଯିବା ପରେ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ ଜଣେ ମୌଲାନା ଧରାପଡ଼ିଥିବା ଜଣାପଡ଼ିଛି।

## ଆଜିଠୁ ଜନଗଣନା, ୮୦ ହଜାର କର୍ମଚାରୀ ନିୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାରଠୁ ଘର ଘର ବୁଲି ଜନଗଣନା । କହିବାକୁ ଗଲେ ରାଜ୍ୟରେ ଗୁରୁବାରଠୁ ଆରମ୍ଭ ହେବ ଜନଗଣନା ପ୍ରକ୍ରିୟା । ଏହି ଗଣନାରେ ତାଲିମପ୍ରାପ୍ତ ଅଧିକାରୀମାନେ ପ୍ରତି ଘରକୁ ଯାଇ ପରିବାର ଓ ସମ୍ପତ୍ତି ସମ୍ପର୍କିତ ୩୩ଟି ପ୍ରଶ୍ନ ପଚାରିବେ ତଥ୍ୟ ସଂଗ୍ରହ କରିବେ । ଏହି ଜନଗଣନା ମାସେ ବ୍ୟାପି ଚାଲିବ। ଅପ୍ରେଲ ୧୬ ରୁ ମେ ୧୫ ଯାଏଁ ଚାଲିବ ପ୍ରକ୍ରିୟା । ପ୍ରଥମ ତିନିଦିନ ଘର ନମ୍ବରିଙ୍ଗ କରିବେ ଅଧିକାରୀ । ଏଥିପାଇଁ ୮୦ ହଜାର ଜନ ଗଣନାକାରି ନିୟୋଜିତ ହୋଇଛନ୍ତି । ୮ ହଜାର ସୁପରଭାଇଜର ଅଛନ୍ତି । ୧୦ ହଜାର ଜନ ଗଣନାକାରୀଙ୍କୁ ରିଜର୍ଭ ରଖାଯାଇଛି । ଜନଗଣନାକାରୀ ମାନେ ସମସ୍ତ ତଥ୍ୟ ଡିଜିଟାଲି ଆଣିବେ । ଜନଗଣନାକାରୀ ମାନେ ସମସ୍ତେ ନିଜ କିଜ ମୋବାଇଲ ଏଚଏଲଭି ଆପ ଡାଉନ ଲୋଡ଼ କରିଛନ୍ତି । ଏହି ଆପ ଜରିଆରେ ସମସ୍ତ ତଥ୍ୟ ଲୋଡ କରିବେ । ଘର ଘର ଜନଗଣନା କରିବାକୁ ଗଲାବେଳେ ସାଥିରେ ସମସ୍ତେ ଆଇ କାର୍ଡ ଏବଂ ନିଯୁକ୍ତି ପତ୍ର ନେବେ। ଲୋକଙ୍କୁ କୌଣସି ଡକ୍ୟୁମେଣ୍ଟ ଦେବେ ଭେରିଫିକେସନ କିମ୍ବା ପ୍ରୁଫ ଦେବାକୁ ପଡିବ ନହିଁ । କେବଳ ଯାହା ୩୩ ଟି ପ୍ରଶ୍ନ ର ତଥ୍ୟ କହିବେ। ଏହି ଜନଗଣନାରେ ସମସ୍ତେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଏନେଇ ସୂଚନା ଦେଇଛନ୍ତି ଜନଗଣନା ନିର୍ଦ୍ଦେଶକ ନିଖିଳ ପଓ୍ୱନ କଲ୍ୟାଣ ।

### ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବଡ଼ ବୈଠକ

## ଶ୍ରୀମନ୍ଦିର ଚାରି ଦ୍ୱାରରେ ଲଗାଯିବା ବ୍ୟାଗେଜ୍ ସ୍କାନର ମେସିନ୍



**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କିଭଳି କଡ଼ାକଡ଼ି କରାଯାଇପାରିବ ସେନେଇ ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାର ମୂଲ୍ୟାଙ୍କନ ଏବଂ ସୁରକ୍ଷା ପଦକ୍ଷେପର ଉତ୍ତମ ପରିଚାଳନା ସୁନିଶ୍ଚିତ କରିବା ଉପରେ ବୈଠକରେ ଆଲୋଚନା ହୋଇଛି । ମନ୍ଦିର ସୁରକ୍ଷାକୁ ନେଇ ଚାଲିଥିବା ଚିନ୍ତା ମଧ୍ୟରେ ଏହି ସମୀକ୍ଷା କରାଯାଇଛି ।

ପୁରୀ ଏସପି ପ୍ରତୀକ ସିଂଙ୍କ କହିବା ଅନୁସାରେ, ଆଗାମୀ ଦିନରେ କିଭଳି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସାହାଯ୍ୟରେ ବ୍ୟବସ୍ଥିତ କରାଯାଇପାରିବ ସେନେଇ ଆଲୋଚନା ବୈଠକରେ ହୋଇଛି । ଶ୍ରୀମନ୍ଦିର ଚାରି ଦ୍ୱାରରେ ବ୍ୟାଗେଜ୍ ସ୍କାନର ମେସିନ୍ ଲଗାଯିବା ପାଇଁ ନିଷ୍ପତ୍ତି ହୋଇସାରିଥିବା ବେଳେ ଖୁବଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ । ଏନେଇ ପୋଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ସେପଟେ ଶ୍ରୀମନ୍ଦିରକୁ ଡ୍ରୋନ୍ ଆକ୍ରମଣରୁ ରକ୍ଷା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ କାର୍ଯ୍ୟକାରୀ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଛି । ପୋଲିସ ବିଭାଗ ପକ୍ଷରୁ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ପାଇଁ ବରାଦ ଦିଆଯାଇଥିବା ବେଳେ ଏହା ଆସିବା ପରେ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ।

ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, 'ପ୍ରତ୍ୟେକ ଲୋକଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଅତ୍ୟାଧୁନିକ କ୍ୟାମେରା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଅଗ୍ନିକାଣ୍ଡ ଘଟଣାକୁ ରୋକିବା ପାଇଁ ଅଗ୍ନି ନିର୍ବାପନ ବ୍ୟବସ୍ଥା କିଭଳି କରାଯାଇପାରିବ ସେନେଇ ଆଲୋଚନା ହୋଇଛି ।'

ସୁରକ୍ଷା ସବ୍ କମିଟିର ଅଧ୍ୟକ୍ଷ ଡ଼ଃ ଗିରିଶ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପୁରୀ ଏସପି ପ୍ରତୀକ ସିଂ, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ ଏବଂ ଶ୍ରୀମନ୍ଦିର ଅଧିକାରୀଙ୍କ ସହିତ ସେବାୟତ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟିର ଅଧ୍ୟକ୍ଷ ଡକ୍ଟର ଗିରିଶ ଚନ୍ଦ୍ର ମୁର୍ମୁ ବୈଠକ ପୂର୍ବରୁ ପ୍ରଥମେ ଶ୍ରୀମନ୍ଦିର ଯାଇ ଶ୍ରୀମନ୍ଦିର ଭିତରେ ଏବଂ ଚାରି ଦ୍ୱାରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇଚ୍ଛାଶକ୍ତି ଥିଲେ ମହିଳାମାନେ...

ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହେବାକୁ ସହାୟକ ହେବ। ଆଗାମୀ ଦିନରେ ଏହି ଅଧିନିୟମ ମାଧ୍ୟମରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ବ୍ୟାପକ ହେବ। ଏହି ଅଧିନିୟମ ମହିଳା ବିକାଶ କ୍ଷେତ୍ରରେ ମୋଦୀଜୀଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ, ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା ଗଠନ ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଏହି ଯାତ୍ରାରେ ଓଡ଼ିଶାର ମା' ଓ ଭଉଣୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଆତ୍ମ ନିର୍ଭର କରିବା ପାଇଁ ଆମେ ଆରମ୍ଭ କରିଛୁ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ସୁଭଦ୍ରା ଠାରୁ ଆରମ୍ଭ କରି ଲକ୍ଷପତି ଦିଦି ପର୍ଯ୍ୟନ୍ତ ଏହି ଯାତ୍ରା ଓଡ଼ିଶାର ପ୍ରତିଟି ଘରେ ସମୃଦ୍ଧି ଆଣିବ। ଉପସ୍ଥିତ ମାତୃଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ସମାଜ, ରାଜ୍ୟ ତଥା ଦେଶରେ ମହିଳାମାନେ ସବୁ କ୍ଷେତ୍ରରେ ଆଗକୁ ବଢିଲେଣି। ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ, ଗାଁର ସାଧାରଣ ମହିଳା ଯେତେବେଳେ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ଆଧୁନିକ କୃଷି କରନ୍ତି, ସେତେବେଳେ ହିଁ ପ୍ରକୃତ ବିକାଶ ହୋଇଥାଏ। ସେଥିପାଇଁ ଆମର ଲକ୍ଷ୍ୟ ରହିଛି ଓଡ଼ିଶାର ପ୍ରତିଟି ମା'ଙ୍କୁ ଲକ୍ଷପତି ଦିଦି ଭାବେ ଗଢି ତୋଳିବା। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ବିକଶିତ ରାଷ୍ଟ୍ରଗୁଡ଼ିକରେ ମହିଳାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଭାଗିଦାରୀ ଖୁବ୍ ଅଧିକ ରହିଛି। ତେଣୁ, ନାରୀ ଶକ୍ତିର ବିକାଶ ହେଉଛି ବିକାଶର ଏକ ମୁଖ୍ୟ ଆଧାର। ନାରୀ ଶକ୍ତିର ଉନ୍ନତି ପାଇଁ ଏବେ ସାରା ଭାରତ ଆଗେଇ ଆସିଛି। ଭାରତୀୟ ନାରୀ ଆଜି ସମସ୍ତ କ୍ଷେତ୍ରରେ ପ୍ରତିନିଧିତ୍ୱ କରୁଛନ୍ତି। ଯୁଦ୍ଧ କ୍ଷେତ୍ରରେ ମଧ୍ୟ। ଅପରେସନ ସିନ୍ଦୁର ତା'ର ଜ୍ୱଳନ୍ତ ପ୍ରମାଣ। ବର୍ତ୍ତମାନ ସମୟ ଆସିଛି, ବିଧାନସଭା ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ନାରୀ ଶକ୍ତିର ନେତୃତ୍ୱକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ସମସ୍ତେ ଆଗେଇ ଆସି ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଅକୁଣ୍ଠ ସମର୍ଥନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ କହିଥିଲେ ଯେ, ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଉଚିତ୍। ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳାମାନଙ୍କୁ ପାର୍ଲାମେଣ୍ଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଞ୍ଚାୟତରୁ ପାର୍ଲାମେଣ୍ଟ ଯିବା ସହଜ ହେବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ହେଉ କିମ୍ବା ଖୁସି ସ୍କିମ୍ ହେଉ, ଏ ସବୁ ଯୋଜନା ମାଧ୍ୟମରେ ମା' ଗର୍ଭରୁ ମହିଳା ସଶକ୍ତ କରଣର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନେଇଛନ୍ତି। ସେ କହିଥିଲେ ନାରୀ ଶକ୍ତି ବଦଳୁଥିବା ଭାରତର ନେତୃତ୍ୱ ନେବା ପାଇଁ ଆଗେଇ ଆସୁଥିବା ବେଳେ ଓଡ଼ିଶା ହେଉଛି ନାରୀ ସଶକ୍ତିକରଣର ବେଷ୍ଟ ମଡେଲ। ତେଣୁ ଆମେ କେବଳ ମହିଳା ହିତାଧିକାରୀ ନୁହେଁ, ମହିଳା ଭାଗିଦାରୀ ଚାହୁଁଛୁ। ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ନାରୀ ଆବଶ୍ୟକସ୍ଥଳେ ଲକ୍ଷ୍ମୀ, ଦୁର୍ଗା ଅଥବା କାଳୀଙ୍କ ସ୍ୱରୂପିଣୀ। ନାରୀ କେବେହେଲେ ଯୁଦ୍ଧ ଚାହେଁ ନାହିଁ, ନାରୀ ଚାହେଁ ଶାନ୍ତି। ତେଣୁ ପ୍ରତ୍ୟେକ ଗୃହରେ ଯଦି ନାରୀଶକ୍ତି ବନ୍ଦନ ହୁଏ, ତେବେ ପୃଥିବୀର ଭାଗ୍ୟ ବଦଳିଯିବ। ଓଡ଼ିଶାରେ ନାରୀ ଶକ୍ତିଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉପସ୍ଥିତ ନାରୀ ଶକ୍ତିକୁ ନିଜ ଭିତରେ ଥିବା ଆତ୍ମ ଶକ୍ତିର ସନ୍ଧାନ କରି ତାର ବିକାଶ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ଡକ୍ଟର ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ମାଧ୍ୟମରେ...

କରିବାର କ୍ଷମତା ମନ୍ଦିର ଭିତରେ ରହିଛି। ମହାପ୍ରଭୁଙ୍କ ନୀତିକାନ୍ତି ଅନ୍ୟ ମନ୍ଦିରଠାରୁ ଭିନ୍ନ। ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ନୀତି ଚାଲେ। ତେଣୁ ଲୋକଙ୍କୁ ଏ ବିଷୟରେ ଅବଗତ କରିବା ପାଇଁ ବ୍ୟବସ୍ଥା ହେଉଛି। କାରଣ ୫ ବର୍ଷ ପୂର୍ବରୁ ଯେତିକି ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିଲେ, ସେହି ସଂଖ୍ୟାରେ ୨ରୁ ଅଢ଼େଇ ଗୁଣ ବୃଦ୍ଧି ହୋଇଛି। ଆହୁରି ବୃଦ୍ଧି ସମ୍ଭାବନା ରହିଛି। ଏହି ସଂଖ୍ୟା ୩ରୁ ସାଢ଼େ ୩ ଗୁଣ ବଢିବ। ସାଧାରଣ ଦିନରେ ୬୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ କରିବା ପାଇଁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ନନେଲେ, ଆଗକୁ ଅନେକ ଅସୁବିଧା ହେବ। ସବୁ ଯୋଜନା ପରୀକ୍ଷା ମୂଳକ ଭାବେ କରାଯିବ। ସଫଳତା ମିଳିଲେ ଏହାକୁ ବିଧିବଦ୍ଧ ଲାଗୁ କରାଯିବ ବୋଲି ସେ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ...

ସଂଶୋଧନ ବିଲ୍ ପାରିତ ହୁଏ ତେବେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ୨୯କୁ ବୃଦ୍ଧି ପାଇବ। କିନ୍ତୁ ଆନୁପାତିକ ହାରରେ ଏହା ୩.୯ ପ୍ରତିଶତରୁ ୩.୪ ପ୍ରତିଶତକୁ ହ୍ରାସ ଘଟିବ। ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଓଡ଼ିଶା ଜନସଂଖ୍ୟା ନିୟନ୍ତ୍ରଣରେ ଏକ ଆଗୁଆ ରାଜ୍ୟ ଏବଂ ମାନବ ସମ୍ବଳର ବିକାଶରେ ମଧ୍ୟ ପ୍ରଶଂସନୀୟ କାର୍ଯ୍ୟ କରି ଆସିଛି। କିନ୍ତୁ ଏହି ନୂତନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟ ସ୍ତରରେ ୧୫ ପ୍ରତିଶତ ହ୍ରାସର ସମ୍ଭାବନା ରହିଛି, ଯାହାକି ଚିନ୍ତା ଜନକ। ଓଡ଼ିଶାର ରାଜନୈତିକ ପ୍ରତିଷ୍ଠା ବିଶେଷ ଭାବରେ ପ୍ରଭାବିତ ହେବ। ରିପୋର୍ଟ ଅନୁଯାୟୀ ଏହି ପ୍ରସ୍ତାବିତ ନୂତନ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ବିପୁଳ କ୍ଷତି ସହିବାରେ ଦେଶର ଚତୁର୍ଥ ରାଜ୍ୟ ହେବ। ସାଢେ ଚାରିକୋଟି ଓଡ଼ିଆଙ୍କ ଆଶା ଓ ଆକାଂକ୍ଷା ଉପରେ ଏହା ଏକ ଶକ୍ତ ପ୍ରହାର ସଦୃଶ ଏବଂ ଆମର ଭବିଷ୍ୟତ ପୀଢି ପାଇଁ ବହୁତ ବଡ଼ ଅନ୍ୟାୟ ହେବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ଉଲ୍ଲେଖ କରିଛନ୍ତି ଯେ ଯଦି ଓଡ଼ିଶାର ରାଜନୈତିକ ଅଧିକାର ଅକ୍ଷୁର୍ଣ୍ଣ ରୁହେ, ତେବେ ଯାଇ ଆମେ ଏହି ବିଲ୍‌କୁ ସ୍ୱାଗତ କରିବୁ। କିନ୍ତୁ ଆମର ମହାନ ସମ୍ବିଧାନରେ ଉଲ୍ଲିଖିତ ସହଯୋଗ ମୂଳକ ସଂଘୀୟବାଦର ଏହି ବିଲ୍ ବିରୁଦ୍ଧାଚରଣ କରୁଅଛି। ତେଣୁ ଓଡ଼ିଶାର ରାଜନୈତିକ ଅଧିକାର କ୍ଷୁର୍ଣ୍ଣ ହେଲା ଭଳି ଯଦି କୌଣସି କାର୍ଯ୍ୟ ଘଟେ ତେବେ ଏହା ଓଡ଼ିଶାବାସୀଙ୍କର ଆଶା ଆକାଂକ୍ଷା ପ୍ରତି ଐତିହାସିକ ଧୋକା ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଓଡ଼ିଶାର ଅତୀତ ଗୌରବ ଓ ମହାନ ଐତିହ୍ୟ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଅପ୍ରେଲ ପହିଲା ୧୯୩୬ ମସିହାରେ ଓଡିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଲାଭ କଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକାଠି ହେଲା। ଆମର ପୂର୍ବ ସୁରୀମାନଙ୍କର ନିରନ୍ତର ସଂଗ୍ରାମ ଓ ଦୂରଦୃଷ୍ଟିର ଫଳ ଶ୍ରୁତି ସ୍ୱରୂପ ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଓଡ଼ିଆ ଅସ୍ମିତାର ଜୟଗାନ କରି ଚାଲୁଛି। ଆମର ପୂର୍ବ ସୁରୀମାନେ ଅନେକ ତ୍ୟାଗ ସ୍ୱୀକାର କରି ଓଡ଼ିଆ ସଂସ୍କୃତିକୁ ସୁରକ୍ଷିତ ରଖି ଯାଇଛନ୍ତି। ଓଡ଼ିଶା କେବଳ ଏକ ଭୌଗଳିକ ସତ୍ତା ନୁହେଁ, ଓଡ଼ିଆ ଭାଷା କହୁଥିବା ସାଢେ ଚାରିକୋଟି ଓଡ଼ିଶାବାସୀଙ୍କର ଆସ୍ଥାର ଦେବାଳୟ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରମୁଖ ଭୂମିକ ବିଷୟରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ୧୮୧୭ ମସିହାର ପାଇକ ବିଦ୍ରୋହ ଓ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଏ ମାଟିର ସୁଯୋଗ୍ୟ ସନ୍ତାନ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅତୁଳନୀୟ ଅବଦାନକୁ ଶ୍ରଦ୍ଧାର ସହ ସ୍ମରଣ କରିଛନ୍ତି। ସେହିପରି ଦେଶର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ତ୍ୟାଗ ଓ ବଳିଦାନକୁ ମଧ୍ୟ ଉଲ୍ଲେଖ କରି ତାଙ୍କୁ ସାହାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ମହାପୁରୁଷମାନଙ୍କର ଅବଦାନ ସବୁବେଳେ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଛି ଓ ଚାଲିବ। ଓଡ଼ିଶା ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ଭୂମି। ଜଗନ୍ନାଥ ସଂସ୍କୃତି ହେଉଛି ଭାରତୀୟତାର ଆଧାତ୍ମିକ ଓ ନୈତିକ ଶକ୍ତି। ଜଗନ୍ନାଥ ସଂସ୍କୃତି ସବୁବେଳେ ସାମ୍ୟତା, ଭ୍ରାତୃତ୍ୱ ଓ କରୁଣାର ପ୍ରଚାର କରି ଆସିଅଛି ଏବଂ ଏହି ମୂଲ୍ୟବୋଧହିଁ ଆମ ଭାରତୀୟ ସାଧାରଣତନ୍ତ୍ରର ମୂଳ ଭିତ୍ତି। ଏହି ସାଂସ୍କୃତିକ ଓ ଐତିହାସିକ ପଟ୍ଟଭୂମିରେ ଓଡ଼ିଶାର ମହାନତାକୁ ଆଖି ଆଗରେ ରଖି ଓଡ଼ିଶାର ରାଜନୈତିକ ଅଧିକାର ଯେପରି କ୍ଷୁଣ୍ଣ ନ ହୁଏ, ସେଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମେ ଯଦି ବର୍ତ୍ତମାନ ପରିସ୍ଥିତିରେ ଦୃଢ଼ ପ୍ରତିବାଦ ନ କରି ଓଡ଼ିଶାର ରାଜନୈତିକ ପ୍ରତିଷ୍ଠା ହ୍ରାସର ନୀରବ ଦ୍ରଷ୍ଟା ହୋଇ ରହିବା, ତେବେ ଭବିଷ୍ୟତ ବଂଶଧର ଆମକୁ କେବେ କ୍ଷମା କରିବେ ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ନୈତିକ ଓ ଆଇନଗତ କ୍ଷମତା ସମ୍ପର୍କରେ ସ୍ମରଣ କରାଇ ଦେଇ ଶ୍ରୀ ପଟ୍ଟନାୟକ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଏହାକୁ ବିରୋଧ କରି ବିଧାନସଭାରେ ଏକ ସଂକଳ୍ପ ପାରିତ କରିବା ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶାର ରାଜନୈତିକ ଅଧିକାର ଯେପରି ୦.୦୦୧% କ୍ଷୁଣ୍ଣ ନ ହେବ ସେଥିପାଇଁ ଆମେ ସମସ୍ତେ କାମ କରିବା ଦରକାର। ଏହି ପ୍ରସଙ୍ଗକୁ ଜଣେ ଓଡ଼ିଆ ଭାବରେ ଦୃଢତାର ସହ ଗ୍ରହଣ କରିବା ପାଇଁ ଅନୁରୋଧ କରିବା ସହ ଆମର ପ୍ରିୟ ଓଡ଼ିଶା ମାଟିର ଭାଗ୍ୟ ଓ ଭବିଷ୍ୟତର ସୁରକ୍ଷା ପାଇଁ ବିଜୁ ଜନତା ଦଳ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ମହାନ ଜନନାୟକ ବିଜୁ ବାବୁ ମହିଳା ସଂରକ୍ଷଣ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶରେ ଜଣେ ଅଗ୍ରଦୂତ ଥିଲେ। ବିଜୁ ଜନତା ଦଳ ସବୁବେଳେ ବିଧାନ ସଭା ଓ ପାର୍ଲାମେଣ୍ଟରେ ମହିଳା ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ସଂଗ୍ରାମ କରି ଆସିଛି। ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବିଜେଡି ବହୁ ପୂର୍ବରୁ କରିଛି। ତେଣୁ ମହିଳାଙ୍କ ସଶକ୍ତି କରଣ ପାଇଁ ଆସୁଥିବା ଜାତୀୟ ବିଧେୟକକୁ ବିଜୁ ଜନତା ଦଳ ପୂର୍ଣ୍ଣ ସମର୍ଥନ ଦେବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ମଧ୍ୟ ସୂଚନା ଦେଇଛନ୍ତି।

### ଛତିଶଗଡ଼ ପାଓ୍ୱାର ପ୍ଲାଣ୍ଟ...

ଏବଂ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରାଯାଉଛି। ପୋଷ୍ଟମର୍ଟମ ପରେ ମୃତଦେହଗୁଡ଼ିକୁ ଆମ୍ବୁଲାନ୍ସ ମାଧ୍ୟମରେ ସେମାନଙ୍କ ଜନ୍ମଭୂମି ଗ୍ରାମକୁ ପଠାଇବା ଏବଂ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

### ପ୍ରଯୁକ୍ତିବିଦ୍ୟା କେବେ ବି...

କରାଯାଇଥିବା ପରାମର୍ଶ କେବଳ ରୋଗୀଙ୍କୁ ନୁହେଁ ବରଂ ସେମାନଙ୍କ ପରିବାରକୁ ମଧ୍ୟ ମାନସିକ ଶକ୍ତି ପ୍ରଦାନ କରେ। ଡାକ୍ତରମାନେ ପ୍ରାୟତଃ ଚ୍ୟାଲେଞ୍ଜିଂ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତଥାପି ସେମାନଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ରୋଗୀ ଏବଂ ସେମାନଙ୍କ ପରିବାର ପ୍ରତି ସମ୍ବେଦନଶୀଳ ରହିବା ଉଚିତ। ଏହା ବ୍ୟତୀତ, ରୋଗୀ ଏବଂ ସେମାନଙ୍କ ପରିବାର ଡାକ୍ତରୀ ବୃତ୍ତିଗତଙ୍କ ପ୍ରତି ସମ୍ମାନ ବଜାୟ ରଖିବା ଉଚିତ। ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ଏକ ବିଶ୍ୱସ୍ତ ସମ୍ପର୍କ ବଜାୟ ରଖିବା ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ।

### ୪୮ ଘଣ୍ଟା ପରେ ଖୋଲିଲା...

ହୋଇଛି। ହର୍ମୁଜ୍ ପ୍ରଣାଳୀ ଆଉ କେବେ ବନ୍ଦ ହେବାର ସମସ୍ୟା ଆସିବ ନାହିଁ। ଏହା ସମସ୍ତ ଦେଶ ପାଇଁ ଖୋଲିଯାଇଛି। ମୁଁ ଏଥିରେ ବହୁତ ଖୁସି ବୋଲି ଟ୍ରମ୍ପ କହିଛନ୍ତି। ଯୁଦ୍ଧବିରତି ମଧ୍ୟରେ, ଚାଇନା ଇରାନକୁ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ନେଇ ସମ୍ପ୍ରତି ରିପୋର୍ଟ ପ୍ରକାଶ ପାଇଛି। ଟ୍ରମ୍ପ୍ କହିଛନ୍ତି ଯେ, ଏହା ପରେ ସେ ଚାଇନା ରାଷ୍ଟ୍ରପତିଙ୍କୁ ଏକ ଚିଠି ଲେଖି ଅସ୍ତ୍ରଶସ୍ତ୍ର ଯୋଗାଇ ନଦେବାକୁ ଅନୁରୋଧ କରିଛନ୍ତି। ଚାଇନା ରାଷ୍ଟ୍ରପତି ଏଥିରେ ରାଜି ହୋଇଛନ୍ତି। ଟ୍ରମ୍ପ୍ ଆହୁରି କହିଛନ୍ତି ଯେ ଯେତେବେଳେ ସେ ଚାଇନା ଗସ୍ତ କରିବେ, ସି ଜିନପିଙ୍ଗ ତାଙ୍କୁ ଆଲିଙ୍ଗନ କରିବେ। ସେ ଉଲ୍ଲେଖ କରିଛନ୍ତି ଯେ ସେ ସି ଜିନପିଙ୍ଗଙ୍କ ସହିତ ଭଲ ସମ୍ପର୍କ ରଖିଛନ୍ତି।

### ୨ ଛାତ୍ରୀଙ୍କ ମୃତ୍ୟୁ ଘଟଣାର...

ପାଇଁ ଆରଡିସି ସ୍ତରୀୟ ତଦନ୍ତ ଘୋଷଣା କରିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏହି ଘଟଣାର ତଦନ୍ତ କରିବେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

### ପଞ୍ଜାବର ଫତେହଗଡ଼ ସାହିବରେ...

ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଧିକାଂଶ ଭକ୍ତ ମୈନମାଜରା ଗ୍ରାମରେ ଓହ୍ଲାଇବାକୁ ଯୋଜନା କରିଥିଲେ, କିନ୍ତୁ ପ୍ରାୟ ଦୁଇ କିଲୋମିଟର ପୂର୍ବରୁ ଏହି ଦୁର୍ଘଟଣା ଘଟିଥିଲା।

### ଆଗାମୀ ୩-୪ ବର୍ଷ...

ହେବା ପୂର୍ବରୁ, ଏହି ଯୋଗାଣର ପ୍ରାୟ ୯୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ଆସୁଥିଲା। ମାର୍ଚ୍ଚ ୨୪ସୁଦ୍ଧା, ଉପସାଗରୀୟ ରାଷ୍ଟ୍ରଗୁଡ଼ିକରୁ ଆମଦାନୀର ଅଂଶ ୫୫ ପ୍ରତିଶତକୁ ହ୍ରାସ ପାଇଥିଲା।

### ୨୧ ଯାଏଁ କାଳବୈଶାଖୀ...

କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ୪ ଜିଲ୍ଲା ସହ କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ଗରମ ଓ ଗୁଳୁଗୁଳି ରହିବ।

## ପୂର୍ବତଟ ରେଳପଥ ପକ୍ଷରୁ ଭାରତରତ୍ନ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ଭୁବନେଶ୍ୱରସ୍ଥିତ ଏହାର ମୁଖ୍ୟାଳୟ ରେଳ ସଦନଠାରେ ଭାରତରତ୍ନ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀକୁ ଗଭୀର ଶ୍ରଦ୍ଧା ଏବଂ ଆନନ୍ଦର ସହିତ ପାଳନ କରିଛି। ଏହି ଅବସରରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲଙ୍କ ନେତୃତ୍ୱରେ ରେଳପଥର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସମ୍ବିଧାନର ପ୍ରଣେତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମାନତା, ସ୍ୱାଧୀନତା ଓ ଭ୍ରାତୃତ୍ୱର ଆଦର୍ଶ ପ୍ରତି ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଓ ଆଜୀବନ ସମର୍ପଣକୁ ସ୍ମରଣ କରି, ରାଷ୍ଟ୍ର ନିର୍ମାଣ ଓ ସାମାଜିକ ପରିବର୍ତ୍ତନରେ ତାଙ୍କର ସ୍ଥାୟୀ ଅବଦାନକୁ ପ୍ରତିଫଳିତ କରାଯାଇଥିଲା। ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ, ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅବସରରେ ବକ୍ତାମାନେ ଆଧୁନିକ ଭାରତକୁ ରୂପ ଦେବାରେ ଡକ୍ଟର ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସମାଜର ଅବହେଳିତ ବର୍ଗର ଉତ୍ଥାନ ପାଇଁ ତାଙ୍କର ନିରନ୍ତର ପ୍ରୟାସ ଏବଂ ସାମାଜିକ ପରିବର୍ତ୍ତନରେ ଶିକ୍ଷାର ପ୍ରସାର ଏବଂ ସଶକ୍ତିକରଣ ପ୍ରତି ତାଙ୍କର ଦୃଢ ସଂକଳ୍ପ ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମଟି ସାର୍ବଜନୀନ ସେବାରେ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବାର ଗୁରୁତ୍ୱକୁ ଦୋହରାଇବା ପାଇଁ ଏକ ଅବସର ଭାବରେ ମଧ୍ୟ କାର୍ଯ୍ୟ କରିଥିଲା। ଅଂଶଗ୍ରହଣକାରୀମାନେ ସେମାନଙ୍କର ବୃତ୍ତିଗତ ଦାୟିତ୍ୱରେ ନିରପେକ୍ଷତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରି ଡକ୍ଟର ଆମ୍ବେଦକରଙ୍କ ଦୃଷ୍ଟିକୋଣକୁ ଆଗକୁ ବଢାଇବା ପାଇଁ ସାମୂହିକ ଭାବରେ ସଂକଳ୍ପ ନେଇଥିଲେ। ଆମ୍ବେଦକର ଜୟନ୍ତୀ ଅବସରରେ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଗୁଡିକରେ ଅଧିକାରୀ ଓ କର୍ମଚାରୀମାନେ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବ ତଟ ରେଳପଥରେ ଆମ୍ବେଦକର ଜୟନ୍ତୀର ପାଳନ ଡ଼ଃ ବି.ଆର. ଆମ୍ବେଦକରଙ୍କ ଅମର ଐତିହ୍ୟ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଓ ଦେଶସେବାରେ ନ୍ୟାୟ, ସମାନତା ଏବଂ ସମାବେଶୀ ବିକାଶର ସିଦ୍ଧାନ୍ତଗୁଡ଼ିକୁ ପ୍ରଚାର କରିବା ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହା ଆହୁରି ସୁଦୃଢ଼ କରୁଛି ।

## ହାଇକୋର୍ଟରେ ବିକ୍ରମ ପଣ୍ଡାଙ୍କ ଜାମିନ ଶୁଣାଣି ଶେଷ : ରାୟ ସଂରକ୍ଷିତ



**କଟକ, ନ୍ୟୁଜ ବ୍ୟୁରୋ**

ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଜାମିନ ଲୋଡ଼ି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଦାୟର କରିଥିବା ଜାମିନ ଆବେଦନର ବୁଧବାର ହାଇକୋର୍ଟରେ ଶୁଣାଣି ଶେଷ ହୋଇଛି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବୁଧବାର ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ଚୂଡାନ୍ତ ପର୍ଯ୍ୟାୟ ଶୁଣାଣି ହୋଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଓ ଏତଲାକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା।

ସରକାରଙ୍କ ତରଫରୁ କେସ ଡାଏରି ସହିତ ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ କରାଯାଇଥିଲା। ଏହି ହତ୍ୟା ଘଟଣାର ଷଡଯନ୍ତ୍ରର ଦିଗ ଉପରେ ବିଶେଷ ଭାବେ ଶୁଣାଣି ହୋଇଥିଲା। ପୂର୍ବରୁ ମାମଲାରେ ଆବେଦନକାରୀଙ୍କ ପକ୍ଷରୁ କେତେକ ଦସ୍ତାବିଜ ଦାଖଲ କରାଯାଇଥିବା ବେଳେ ଏତଲାକାରୀଙ୍କ ତରଫରୁ ଜାମିନ ଆବେଦନକୁ ବିରୋଧ କରି ଆପତ୍ତି ସତ୍ୟପାଠ ଦାଖଲ କରାଯାଇଥିଲା। ଆଜି ସମସ୍ତ ପକ୍ଷଙ୍କ ତରଫରୁ ଯୁକ୍ତି ସହିତ ସୁପ୍ରିମକୋର୍ଟଙ୍କ ରାୟର ନଜିର ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟ ଆଜି ଜାମିନ ଆବେଦନର ଶୁଣାଣି ସଂପୂର୍ଣ୍ଣ କରି ରାୟ ସଂରକ୍ଷିତ ରଖିଛନ୍ତି। ଏପ୍ରିଲ ୧୭ ସୁଦ୍ଧା ପକ୍ଷମାନେ ଲିଖିତ ଯୁକ୍ତି ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥି ନାୟକ, ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି। ସେହିପରି ବହୁ ଚର୍ଚ୍ଚିତ ପୋଲିସ ଏସ୍.ଆଇ. କେଳେଙ୍କାରୀ ମାମଲାରେ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି। ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ମିଳିଛି ସାମୟିକ ଆଶ୍ୱସ୍ତି। ଅସୁସ୍ଥତା କାରଣରୁ ଅନ୍ତରୀଣ ଜାମିନରେ ଥିବା ମୁନା ମହାନ୍ତିଙ୍କ ଜାମିନ ଅବଧିକୁ ବଳବତ୍ତର ରଖିଛନ୍ତି ମାନ୍ୟବର ହାଇକୋର୍ଟ। ଶୁଣାଣି ସମୟରେ ମୁନାଙ୍କ ଚିକିତ୍ସା ସମ୍ପର୍କିତ ସମସ୍ତ ତଥ୍ୟ କୋର୍ଟରେ ଦାଖଲ କରିଛି ସିବିଆଇ। ଅନ୍ୟପଟେ ଅସ୍ତ୍ରୋପଚାର ସମ୍ପର୍କିତ ଏକ ସତ୍ୟପାଠ ଦାଖଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ମୁନା ମହାନ୍ତି ଜେଲ୍ ବାହାରେ ରହି ନିଜର ଚିକିତ୍ସା କରାଇପାରିବେ।

## ଶଙ୍ଖ ଭବନରେ 'ମହିଳା ସଶକ୍ତିକରଣର ମହାନାୟକ ବିଜୁବାବୁ' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳା ସଶକ୍ତିକରଣର ମହାନାୟକ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପୂଣ୍ୟ ତିଥି ଅବ୍ୟବହିତ ପୂର୍ବରୁ ବୁଧବାର ଶଙ୍ଖ ଭବନ ଠାରେ ବିଜୁ ମହିଳା ଜନତା ଦଳ ତରଫରୁ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ଏହି ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆବାହମାନ କାଳରୁ ଓଡ଼ିଆ ସଂସ୍କୃତିରେ ମାତୃ ଉପାସନା ପରମ୍ପରା ରହିଆସିଛି। ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ମହିଳା ସଶକ୍ତିକରଣର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ, ତାହାର ବର୍ଣ୍ଣନା କରିଥିଲେ। ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଏପ୍ରିଲ ୧୭ ତାରିଖରେ ଦଳ ତରଫରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ରାଜ୍ୟବ୍ୟାପୀ ପାଳିତ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ, ଦଳର ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ, ୯୦ ଦଶକରେ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ ଭଳି ଐତିହାସିକ ପଦକ୍ଷେପ ନେଇଥିଲେ। ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରୁଥିଲେ। ବର୍ତ୍ତମାନର ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ଅସମର୍ଥ ଥିବାବେଳେ ପ୍ରଚାର ସର୍ବସ୍ୱ ଅଭିଯାନରେ ବ୍ୟସ୍ତ। ଦଳର ଉପସଭାପତି (ଓବିସି ସେଲ) ତଥା ବିଧାୟକ ଡ଼ ଅରୁଣ କୁମାର ସାହୁ, ସମାଜରେ ସଶକ୍ତ ମହିଳାଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ସାବିତ୍ରୀବାଇ ଫୁଲେଙ୍କ ଠାରୁ ଆରମ୍ଭ କରି ବିଜୁ ବାବୁଙ୍କ ପର୍ଯ୍ୟନ୍ତ ଅନେକ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ କହିବା ସହ ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ଗ୍ରାମୀଣ ମହିଳାଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଥିଲେ, ତାହାର ଅବତାରଣା କରିଥିଲେ। ଡ଼ ସାହୁ କହିଥିଲେ, ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ବିଜୁ ବାବୁଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ସଂରକ୍ଷଣ ୫୦%କୁ ବୃଦ୍ଧି କରିବା ସହ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ, ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ବିକାଶ ପାଇଁ ନବୀନ ବାବୁଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ, ତରବରିଆ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି। ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, କସ୍ତୁରୀ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା, ଡ଼ ଗୀତା ବସ୍ତିଆ ପ୍ରମୁଖ ଏହି ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ। ପରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଯେତେବେଳେ ମହିଳାମାନଙ୍କୁ ସଶକ୍ତ କରିବା କଥା କେହି ଚିନ୍ତା କରିନଥିଲେ, ସେହି ସମୟରେ ପ୍ରବାଦ ପୁରୁଷ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବାକୁ ଅନେକ ପଦକ୍ଷେପ ନେଇଥିଲେ। ବିଜୁ ବାବୁଙ୍କ ଏହି ପଦକ୍ଷେପକୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଆଉ ଗୋଟିଏ ପାଦ ଆଗକୁ ନେଇ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ଅର୍ବାନ ଲୋକାଲ ବଡ଼ିରେ ମହିଳା ମାନଙ୍କ ପାଇଁ ସଂରକ୍ଷଣକୁ ୫୦%କୁ ବୃଦ୍ଧି କରିଥିଲେ। ଟୁକୁନି ସାହୁ କହିଥିଲେ, ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାନିତ କରିବା ପାଇଁ ସମଗ୍ର ଦେଶରେ ବିଜୁ ବାବୁ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ। ଦେଶର ସମସ୍ତ ରାଜନୈତିକ ଦଳ ମଧ୍ୟରେ ଏହା ସପକ୍ଷରେ ଏକ ସହମତି ଆଣିବା ପାଇଁ ନବୀନ ପଟ୍ଟନାୟକ ଯେଉଁ ପ୍ରୟାସ କରିଥିଲେ, ତାହାରି ଫଳ ସ୍ୱରୂପ ମହିଳାଙ୍କ ପାଇଁ ସଂସଦ ଓ ବିଧାନସଭାରେ ସଂରକ୍ଷଣ ବିଲ୍ ପାରିତ ପାଇଁ ବାଟ ଫିଟିଥିଲା। ରାଜଶ୍ରୀ ମଲ୍ଲିକ କହିଥିଲେ, ମହିଳାମାନଙ୍କୁ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ଉଦ୍ୟମର ମୂଳଦୁଆ ଦେଶରେ ବିଜୁ ବାବୁଙ୍କ ଦ୍ୱାରା ପଡିଥିଲା। ଏହି ଉଦ୍ୟମକୁ ତାଙ୍କ ସୁପୁତ୍ର ଆଉ ଗୋଟିଏ ପାଦ ଆଗକୁ ନେଇଥିଲେ। ମହିଳା ମାନଙ୍କୁ ସଂରକ୍ଷଣ ଦେବା ପାଇଁ ଆସିଥିବା ବିଲ୍‌କୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ତରବରିଆ ଭାବେ ରାଜନୈତିକ ପ୍ରଚାର ସର୍ବସ୍ୱ ଉଦ୍ଦେଶ୍ୟ ରଖି ଏହା କାର୍ଯ୍ୟକାରୀ କରାନଯାଉ।

ଭୁବନେଶ୍ୱର, ୧୬ ଅପ୍ରେଲ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ପୁର୍ବତନ ସି.ଏ.ଜି ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଗିରିଶ ଚନ୍ଦ୍ର ମୁର୍ମୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ନିର୍ବାଚନ ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଆସାମ ମୁଖ୍ୟମନ୍ତ୍ରୀ

**ପୁରୀ, ୧୫/୦୪ ନ୍ୟୁଜ ବ୍ୟୁରୋ**

ପୁରୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା । ପୁରୀ ଆସି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ଆସାମ ମୁଖ୍ୟମନ୍ତ୍ରୀ। କଡ଼ା ସୁରକ୍ଷା ମଧ୍ୟରେ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇଥିଲେ ଏବଂ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ। ଶ୍ରୀମନ୍ଦିରଠାରେ ପହଞ୍ଚିବା ପରେ ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ପ୍ରଣିପାତ କରିଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ । ଏହା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଆସାମ ନିର୍ବାଚନ ପରେ ହିମନ୍ତ ବିଶ୍ୱ ଶର୍ମା ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ପରେ ହିମନ୍ତ ବିଶ୍ୱ ଶର୍ମା ପ୍ରତିକ୍ରିୟା ଦେଇ କହିଛନ୍ତି , 'ବହୁତ୍ ସୁନ୍ଦର୍ ଭାବରେ ମହାପ୍ରଭୁଙ୍କ ଦର୍ଶନ ହେଲା। ମହାପ୍ରଭୁଙ୍କ ଡାକରାରେ ଅନେକ ଥର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଛି।



ବୁଧବାର ମଧ ମହାପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଭାଗ୍ୟବାନ ମନେ କରୁଛି। ଓଡ଼ିଶା ଆସି ମହାପ୍ରଭୁଙ୍କ ଦର୍ଶନ ନ କଲେ ଅଧୁରା ଲାଗେ। ତେଣୁ ଯେତେବେଳେ ସୁଯୋଗ ମିଳେ ଏଠାକୁ ଆସେ' ବୋଲି କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ। କଂଗ୍ରେସ ନେତା ପବନ ଖେରାଙ୍କ ସମ୍ପର୍କରେ ସାମ୍ବାଦିକମାନେ ପଚାରିଥିବା ପ୍ରଶ୍ନକୁ ସେ ଏଡାଇ ଦେଇ ମହାପ୍ରଭୁଙ୍କ ସ୍ଥାନରେ ରାଜନୀତି ଆଲୋଚନା କରିବେ ନାହିଁ ବୋଲି କହିଥିଲେ । ସେ କହିଥିଲେ ଆଇନ ଉପରେ ଭରସା ଅଛି । ଆଇନ ତା କାମ କରିବ' ବୋଲି କହିଥିଲେ । ସେପଟେ ବରିଷ୍ଠ ସେବାୟତ ମଧୁସୁଦନ ସିଂହାରୀ କହିଛନ୍ତି, 'ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମହାପ୍ରଭୁଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ସେ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। କଳ୍ପ ବୃକ୍ଷରେ ମାନସିକ ପୂଜା କରିଥିଲେ। କୋଇଲି ବୈକୁଣ୍ଠରେ ମହାପ୍ରଭୁଙ୍କ ସମାଧିସ୍ଥଳ ଦର୍ଶନ କରିଥିଲେ। ପରେ ମହାପ୍ରସାଦ ସେବନ କରିଥଲେ। ଉପହାର ସ୍ୱରୂପ ତାଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ, ମହାପ୍ରସାଦ ଦିଆଯାଇଛି।' ଭୁବନେଶ୍ୱର ବିମାନ ବନ୍ଦରରେ କଂଗ୍ରେସ ନେତା ପବନ ଖେରାଙ୍କ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ହିମନ୍ତ ବିଶ୍ୱଶର୍ମା କହିଥିଲେ, ମୁଁ ଏଠରେ ପହଞ୍ଚିବା ପରେ ସୁପ୍ରିମ କୋର୍ଟଙ୍କ ରାୟ ସମ୍ପର୍କରେ ଜାଣିବାକୁ ପାଇଲି । ମୋ ମତରେ, ଆସାମ ମାମଲା ଉପରେ ତେଲେଙ୍ଗାନା ହାଇକୋର୍ଟ ଟ୍ରାଞ୍ଜିଟ ବେଲ ଦେଇ ପାରିବେ ନାହିଁ । କାରଣ ଏହା ତେଲେଙ୍ଗାନା କ୍ଷେତ୍ର ଅଧୀନରେ ଆସୁନାହିଁ। ଆସାମ ସରକାର ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ । ଆଇନ ତା ବାଟରେ ଯାଇଛି ।' ରାହୁଲ ଗାନ୍ଧୀଙ୍କ ଉପରେ କ୍ଷୋଭ ପ୍ରକାଶ କରି ହିମନ୍ତ ବିଶ୍ୱଶର୍ମା କହିଛନ୍ତି, 'ରାହୁଲଙ୍କ ବିରୋଧରେ ମୁଁ ଏପରି ୧୦ଟି ଅଭିଯୋଗ ଯଦି ଆଣିବି ତେବେ ସବୁ କ'ଣ ତଦନ୍ତ କରାଯିବ । ମୋର କିମ୍ବା ମୋ ପରିବାରର କାହାରି ଗୋଲଡେନ ଭିସା ନାହିଁ । ମୁଁ ଏହାକୁ ଜନତାଙ୍କ ସମ୍ମୁଖରେ ରଖିବି ବୋଲି କହିଥିଲେ ଆସାମ ମୁଖ୍ୟମନ୍ତ୍ରୀ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ଭୁବନେଶ୍ୱର, ୧୫।୪ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ ଦଶମ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ସ୍କୁଲ୍‌ର ଛାତ୍ର ଅଦ୍ୱୟ ଷଡ଼ଙ୍ଗୀ ସର୍ବାଧିକ ୯୯.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଥିବା ବେଳେ ଛାତ୍ରୀ ସ୍ୱସ୍ତିକା ମିଶ୍ର ୯୯.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ସମସ୍ତ ଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବ ବେଳ ୭୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ସେହିପରି କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବେଶ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି । ସେନ୍ ଗ୍ଲୋବ ଛାତ୍ର ସାତ୍ୱିକ ସନ୍ତୋଷ ତ୍ରିପାଠି ସର୍ବାଧିକ ୯୫.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ପରୀକ୍ଷା ଫଳାଫଳରେ ଖୁସି ବ୍ୟକ୍ତ କରି ଅଦ୍ୱୟ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରୀ, ସହପାଠୀ ଓ ପରିବାର ଲୋକଙ୍କୁ ତାଙ୍କର ଶ୍ରେୟ ଦେଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଯୋଗଦେବା ମୋ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ



ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୮ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି। କଲରାବାଙ୍କ ଇଂଲିଶ ମିଡିୟମ୍ ସ୍କୁଲ୍: କଲରାବାଙ୍କ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ମଧ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ୍ କରିଛନ୍ତି। ସ୍କୁଲ୍‌ର ଦିବ୍ୟଜ୍ୟୋତି ଦୀପଙ୍କର ସାହୁ ସର୍ବାଧିକ ୯୮% ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହି ସଫଳତାରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସ୍କୁଲ୍‌ର ଅଧ୍ୟକ୍ଷ ଅଶୋକ କୁମାର ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ସଂରକ୍ଷଣ ବିଲ ଆଗତ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଭା ପାଟିଲଙ୍କ ଚିଠି

**ନୂଆଦିଲ୍ଲୀ, ୧୫/୦୪**

ଗୁରୁବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଗତ ହେବାକୁ ଯାଉଛି ମହିଳା ସଂରକ୍ଷଣ ବିଲ୍ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ଦେବୀସିଂହ ପାଟିଲ୍ । ସରକାରଙ୍କ ଏଭଳି ଏକ ପଦକ୍ଷେପକୁ ସେ ଦୃଢ଼ଭାବେ ସମର୍ଥନ କରିଛନ୍ତି । ସେ ଚିଠି ମାଧ୍ୟମରେ ଜଣାଇଛନ୍ତି କି, ଏଭଳି ଏକ ନିଷ୍ପତ୍ତି ଭାରତୀୟ ଗଣତନ୍ତ୍ର ପାଇଁ ବୈପ୍ଲବିକ ପଦକ୍ଷେପ । ଏହାସହ ପ୍ରତିଭା ପାଟିଲ ଚିଠିରେ ଦର୍ଶାଇଛନ୍ତି କି, ଭାରତ ନିରନ୍ତର ଭାବେ ଜାତୀୟ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ଅସାଧାରଣ ଅବଦାନ ଦେଖିଛି । ଏହି ଆଇନ୍ ଭାରତୀୟ ମହିଳା ଶକ୍ତିର ଅପାର ସମ୍ଭାବନାକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଏ । ଏହାସହ ମହିଳାଙ୍କୁ ଶାସନର ଶୀର୍ଷ ସ୍ତରରେ ନେତୃତ୍ୱ ଭୂମିକା ଗ୍ରହଣ କରିବା ପାଇଁ ପଥ ପ୍ରଶସ୍ତ କରେ । ସେ ପ୍ରକାଶ କରିଛନ୍ତି କି,'ମୁଁ ନିଶ୍ଚିତ ଯେ ଏହି ପ୍ରଗତିଶୀଳ ପଦକ୍ଷେପ ଅଗଣିତ ମହିଳାଙ୍କ, ବିଶେଷକରି ଗ୍ରାମୀଣ ଏବଂ ସୀମାନ୍ତ ସମ୍ପ୍ରଦାୟର ମହିଳାଙ୍କ ଆକାଂକ୍ଷାକୁ ଜାଗ୍ରତ କରିବ ଏବଂ ସେମାନଙ୍କୁ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଏବଂ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଉତ୍ସାହିତ କରିବ।' ସେପଟେ ଆମେ ଯଦି ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀସିଂହ ପାଟିଲଙ୍କ ସମ୍ପର୍କରେ କହିବା ତାହେଲେ ସେ ୟୁପିଏ ସରକାର ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲେ । ସେ ସେ ଦେଶର ପ୍ରଥମ ଓ ଏବଂ ଦ୍ୱାଦଶ ରାଷ୍ଟ୍ରପତି ହୋଇଥିଲେ । ୨୦୦୭-୨୦୧୨ ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିଥିଲେ । ୟୁପିଏ ସରକାରରେ ସେ ରାଷ୍ଟ୍ରପତି ରହିଥିବାବେଳେ ତାଙ୍କ ପରେ ସ୍ୱର୍ଗତ ପ୍ରଣବ ମୁଖାର୍ଜୀ ହୋଇଥିଲେ ରାଷ୍ଟ୍ରପତି ।

# ପୂର୍ବତନ ପୁଲିସ ଡିଜି ସତ୍ୟଜିତ ମହାନ୍ତିଙ୍କ ପିତୃବିୟୋଗ



**ଭୁବନେଶ୍ୱର, ୧୫/୪ ନ୍ୟୁଜ ବ୍ୟୁରୋ**

କେଦାରଗୌରୀ ବିହାରର ବରିଷ୍ଠ ନାଗରିକ କୁଞ୍ଜବିହାରୀ ମହାନ୍ତିଙ୍କର ସୋମବାର ରାତି ପ୍ରାୟ ୧୦.୩୦ରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ଖବର ପାଇ ପୁଲିସ ଡିଜି ୱାଇ.ବି. ଖୁରାନିଆ, ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ଜଳସମ୍ପଦ ବିଭାଗ ପୂର୍ବତନ ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତି, କନିଷ୍ଠ ପୁତ୍ର ପୂର୍ବତନ ପୁଲିସ ଡିଜି ସତ୍ୟଜିତ ମହାନ୍ତି ଏବଂ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ଧର୍ମବିହାରରେ ଥିବା ବିଦ୍ୟୁତ ଚୁଲାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ କେଦାରଗୌରୀ ବିହାର ଓ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ତ୍ରୈଲୋକ୍ୟନାଥ ଖୁଣ୍ଟିଆ, କଲ୍ୟାଣ ରଥ ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୧୫ /୦୪ ନ୍ୟୁଜ ବ୍ୟୁରୋ**

ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଏବଂ କଲ୍ୟାଣ କୁମାର ରଥ ଓଡ଼ିଶା ୟୁନିଫର୍ମ୍‌ଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଖୁଣ୍ଟିଆ ହେଉଛନ୍ତି ସିଆରପିଏଫ୍‌ର ପୂର୍ବତନ ଆଇ.ଜି ଏବଂ ଶ୍ରୀ ରଥ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଭାବେ କାର୍ଯ୍ୟରତ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଜାମ୍ମୁ କାଶ୍ମୀରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ସ୍ୱାଇଁଙ୍କୁ ଏହି ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହି କମିଶନର ଅଧ୍ୟକ୍ଷ ଏବଂ ଦୁଇଟି ସଦସ୍ୟ ପଦବୀ ପୂରଣ ହେବା ଯୋଗୁ ରାଜ୍ୟର ୟୁନିଫର୍ମ ସେବା ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। 'ଓଡିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ' ଜରିଆରେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ଥିବା ବିଭିନ୍ନ ୟୁନିଫର୍ମ୍‌ଡ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରାଯିବ।

# ବାହାର ରତ୍ନଭଣ୍ଡାରରୁ ରତ୍ନ ଅଳଙ୍କାର ଗାଏବ : ସିଂହଦ୍ୱାର ଥାନାରେ ଏତଲା

**ପୁରୀ, ୧୫/୦୪ ନ୍ୟୁଜ ବ୍ୟୁରୋ**

ବାହାର ରତ୍ନଭଣ୍ଡାରରୁ ଗାଏବ ହୋଇଥିବା ତିନୋଟି ରତ୍ନ ଅଳଙ୍କାର ଘଟଣାର ତଦନ୍ତ ପାଇଁ ସିଂହଦ୍ୱାର ଥାନାରେ ଏତଲା ଦେଲା ଶ୍ରୀଜଗନ୍ନାଥ ସେନା । ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଘଟଣାର ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତି ଏବଂ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଶ୍ରୀଜଗନ୍ନାଥ ସେନା ଅଭିଯୋଗ କରିଛି ବାହାର ରତ୍ନଭଣ୍ଡାରରୁ ତିନୋଟି ରତ୍ନ ଅଳଙ୍କାର ଗାଏବ ହେଲା କେମିତି । ଯେତେବେଳେ ବାହାର ରତ୍ନଭଣ୍ଡାରରୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା ସେହି ସମୟରେ କାହିଁକି ଗଣତି କରାଯାଇନଥିଲା ତେବେ ରତ୍ନ ଅଳଙ୍କାର ଗାଏବ ହେବା ଘଟଣାକୁ ନେଇ ଏବେ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବେଶ୍ ଆଘାତ ଦେଇଛି । ରତ୍ନ ଅଳଙ୍କାର ଗାଏବ ହୋଇନାହିଁ ଏହାକୁ ଚୋରି କରାଯାଇଥିବା ଆମର ସନ୍ଦେହ ହେଉଛି ବୋଲି ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ।

